# ବ୍ୟଙ୍ଗ ବାର୍ତ୍ତା



ଟଙ୍କା ବୋଝେଇ ଗଞ୍ଜେଇ ବସ୍ତା
ବାବୁଙ୍କର ପୂରା ପ୍ରଭୁଙ୍କୁ ଭେଟିବା ଆଶା
ଭାବିଥିଲେ ଧୂଆଁରେ ଉଡ଼ାଇ ଦେବେ
ଯେତେ ଥିଲା ତାଙ୍କ ପାପର ନିଶା
ହେଲେ ପୋଲିସ ଦେଲା ଏମିତି ପ୍ରସାଦ
ଛିଡ଼ିଗଲା ବାବୁଙ୍କ ମୋକ୍ଷର ଭେଳା
ଧନ ବି ଗଲା, ନିଶା ବି ଗଲା
ଜେଲ୍‌ରେ ଏବେ ଖାଲି ଭଜନ କୀର୍ତ୍ତନ ମେଳା


# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

ପ୍ରତିଷ୍ଠାତା - ବିଜୟ କୁମାର ପଟ୍ଟନାୟକ

LIVE THE JANABARTTA ଜନବାର୍ତ୍ତା • ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •

Follow Us : Our Digital News Channel

: Janabartta Live

www.janabartta.com

epaper.janabartta.com

06 SEPTEMBER to 12 SEPTEMBER 2026

୦୬ ସେପ୍ଟେମ୍ବର ଠାରୁ ୧୨ ସେପ୍ଟେମ୍ବର, ୨୦୨୬

VOL- 1 • ISSUE- 29 ବର୍ଷ-୧ • ସଂଖ୍ୟା- ୨୯ PRGI NO- ORORI/26/A0341. • WEEKLY EDITION ପୃଷ୍ଠା-୮ • ମୂଲ୍ୟ-୮/- PAGES - 8 • PRICE- 8/-


# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

## ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକା



**ବିଜୟ କୁମାର ପଟ୍ଟନାୟକ**
ପୂର୍ବତନ ମୁଖ୍ୟ ଶାସନ ସଚିବ
ଓଡ଼ିଶା

ଜନଜାଗରଣ ଅଭିଯାନ ପକ୍ଷରୁ ଗତ ଅଗଷ୍ଟ ୩୦ ତାରିଖ ୨୦୨୬ ଦିନ ଏକ ଆନ୍ତଃ-କଲେଜ ପ୍ରତିଯୋଗିତା କରାଯାଇଥିଲା, ଯାହାର ଶୀର୍ଷକ ଥିଲା 'ନୂଆ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକା' । ଭୁବନେଶ୍ୱରର ୧୦ଟି ପ୍ରମୁଖ କଲେଜ – ଯଥା ବିଜେବି, ବେସିକ ସାଇନ୍ସ, ଏକାମ୍ର ଇତ୍ୟାଦିର ଛାତ୍ରଛାତ୍ରୀମାନେ ସେମାନଙ୍କର ମତାମତ ପରିବେଷଣ କରିଥିଲେ । ସେଦିନ ସକାଳୁ ପାଣିପାଗର ପୂର୍ବାନୁମାନ ଥିଲା ଭୟଙ୍କର ବର୍ଷା । ମନରେ ଟିକିଏ ଶଙ୍କା ଥିଲା ପିଲାମାନେ ଆସିପାରିବେ କି ନାହିଁ । ସମସ୍ତ ଶଙ୍କାକୁ ଭୁଲ ପ୍ରମାଣିତ କରି ପ୍ରତିଯୋଗୀମାନେ ଠିକ ସମୟରେ ପହଞ୍ଚିଥିଲେ ନିର୍ଦ୍ଦିଷ୍ଟ ସ୍ଥଳରେ ଓ ଅତ୍ୟନ୍ତ ଆଗ୍ରହର ସହ ନିଜ ନିଜ ଟିମର ବକ୍ତବ୍ୟ ରଖିଥିଲେ ।

ପିଲାମାନଙ୍କର ବକ୍ତବ୍ୟ ଶୁଣି ମୁଁ ଚକିତ ହେଲି। ଜେନ-ଜି ବିଷୟରେ ଯାହା ସବୁ ସମ୍ବାଦ ଆମେ ଦେଖୁ ବା ଶୁଣୁ ସେଥିରୁ ମନେ ହୁଏ ଯେ, ସେମାନେ କେବଳ ସିଷ୍ଟମକୁ ଭାଙ୍ଗିବାରେ ପାରଙ୍ଗମ, ଗଢ଼ିବାରେ ନୁହେଁ। କିନ୍ତୁ ଏହି ଧାରଣାକୁ ଭୁବନେଶ୍ୱରର ଛାତ୍ରଛାତ୍ରୀମାନେ ଭୁଲ ପ୍ରମାଣିତ କରିଦେଲେ। ସେମାନେ ଜଣାଇ ଦେଲେ ଯେ, ସେମାନେ କେବଳ ପୁରୁଣା ଓଡ଼ିଶା ଭାଙ୍ଗିବାରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ନୂଆ ଓଡ଼ିଶା ଗଢ଼ିବାକୁ ଚାହାଁନ୍ତି। ସେମାନଙ୍କର କିଛି ବକ୍ତବ୍ୟ ମୁଁ ନିମ୍ନରେ ପରିବେଷଣ କରୁଛି ।

ଆମ୍ଭମାନଙ୍କ ମନରେ ଗୋଟିଏ ଧାରଣା ଅଛି ଯେ, ଆଜିକାର ଯୁବପିଢ଼ି ସହରାଭିମୁଖୀ। ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନାଇ, ଆମେରିକା, ୟୁରୋପ – ଏ ସବୁ ସ୍ଥାନରେ ସେ ଦେଖେ ତାହାର ଭବିଷ୍ୟତ। କିନ୍ତୁ ଆମ ରାଜଧାନୀର ଯୁବପିଢ଼ି କହନ୍ତି ଯେ ସେମାନଙ୍କ ପାଇଁ ବିକାଶ କହିଲେ ଓଡ଼ିଶାର ବିକାଶ ବୁଝାଏ, ନିଜ ମାଟିର, ନିଜ ଗାଁର। ପୁଣି ସେମାନେ କୁହନ୍ତି, 'ଓଡ଼ିଶାର ବିକାଶ କହିଲେ କେବଳ ଭୁବନେଶ୍ୱରର ବିକାଶ ନୁହେଁ। ମାଲକାନଗିରିଠାରୁ ମୟୂରଭଞ୍ଜ ପର୍ଯ୍ୟନ୍ତ, ଆଦିବାସୀଠାରୁ ସହରବାସୀ ପର୍ଯ୍ୟନ୍ତ, ସମସ୍ତଙ୍କ ବିକାଶ ହିଁ ପ୍ରକୃତ ବିକାଶ। ଯେ ପର୍ଯ୍ୟନ୍ତ କିଛି ଅଞ୍ଚଳ ବା କିଛି ବର୍ଗ ଅନୁନ୍ନତ ହୋଇ ରହିଥିବେ ସେ ପର୍ଯ୍ୟନ୍ତ ଆମେ ନିଜକୁ ବିକଶିତ ବୋଲି କହି ପାରିବା ନାହିଁ । ଏକ ସନ୍ତୁଳିତ, ସମନ୍ୱିତ, ସାମଗ୍ରିକ ବିକାଶ ପାଇଁ ସେମାନେ ଆଗ୍ରହୀ ।

ସେମାନଙ୍କର ବିକାଶର ସଂଜ୍ଞାରେ ରହିଛି କୁସଂସ୍କାର ବିରୁଦ୍ଧରେ ଅଭିଯାନ, ନିଶା ବିରୁଦ୍ଧରେ ଅଭିଯାନ, ନାରୀ ସୁରକ୍ଷା ପାଇଁ ଅଭିଯାନ। ଯେଉଁଥି ପାଇଁ ଆବଶ୍ୟକ ସମଗ୍ର ସମାଜର ସମ୍ପୃକ୍ତି। ଏହା କେବଳ ସ୍ଲୋଗାନରେ ସୀମିତ ହୋଇ ରହିବା ଉଚିତ ନୁହେଁ । ସେଥିପାଇଁ ଆବଶ୍ୟକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ । ସେ କାର୍ଯ୍ୟକ୍ରମରେ ସେ ଭାଗ ନେବାକୁ ଚାହେଁ ।

ସେମାନେ ସମସ୍ତେ ପ୍ରଚଣ୍ଡ ଭାବରେ ସ୍ୱାଭିମାନୀ। ଜଗତର ନାଥ ଜଗନ୍ନାଥଙ୍କର ମହିମା ସେମାନଙ୍କ ପାଇଁ ଗୌରବର ପ୍ରତୀକ । ଓଡିଆ ଭାଷା, ସଂସ୍କୃତି, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ଓଡ଼ିଶାର ହସ୍ତଶିଳ୍ପ – ଏ ସବୁକୁ ନେଇ ସେମାନେ ଗର୍ବିତ । କେବଳ ସେତିକି ନୁହେଁ ଏହାକୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ବିଶ୍ୱ ଦରବାରରେ ପହଞ୍ଚାଇବା ସେମାନଙ୍କର ଲକ୍ଷ୍ୟ ।

ଆଜିକାର ଜେନ- ଜି 'ବିକାଶ' କହିଲେ କ'ଣ ବୁଝନ୍ତି ? ଉତ୍ତର ଶୁଣିଲେ ଆପଣମାନେ ବିସ୍ମିତ ହେବେ। ସେମାନେ ଘୋଷଣା କରନ୍ତି ଯେ ବିକାଶ ସରକାରଙ୍କର ପ୍ରଦତ୍ତ ବିକାଶ ନୁହେଁ, ଯୋଜନା ପ୍ରଣୀତ ବିକାଶ ବିକାଶ ନୁହେଁ । ସେମାନେ କୁହନ୍ତି, ବିକାଶ କହିଲେ ସେହି ବିକାଶ ଯାହାକି ସେମାନେ ନିଜେ ସମାଜ ପାଇଁ ସୃଷ୍ଟି କରିବେ । ସେଥିପାଇଁ ସେମାନଙ୍କ ନିକଟରେ ପନ୍ଥା ମଧ୍ୟ ଅଛି, ଶୁଣନ୍ତୁ ।

ବିକାଶ ପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ଶିକ୍ଷା । ସେମାନଙ୍କ ଦୃଷ୍ଟିରେ ଶିକ୍ଷା କାହାକୁ ବୁଝାଏ ? ଶିକ୍ଷା କେବଳ ପରୀକ୍ଷା ସଂସ୍କାର ନୁହେଁ, କେବଳ ଡିଗ୍ରୀ ପ୍ରଦାନକାରୀ ବ୍ୟବସ୍ଥା ନୁହେଁ । ଶିକ୍ଷା ଏକ ପନ୍ଥା ଯାହା ଦ୍ୱାରା ସେମାନେ ସେମାନଙ୍କର ଭବିଷ୍ୟତ ଗଢ଼ି ପାରିବେ । ସେଥିପାଇଁ ଜ୍ଞାନର ଅନୁସନ୍ଧାନ, ଗବେଷଣା, କୃତ୍ରିମ ବୁଦ୍ଧିମତ୍ତା – ଏ ସବୁର ପ୍ରୟୋଜନ ତ ଆବଶ୍ୟକ । କିନ୍ତୁ ଶିକ୍ଷାର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀମାନଙ୍କୁ କୌଶଳ ଓ ଦକ୍ଷତା ଯୋଗାଇବା ଉଚିତ, ଯାହାକି ସେମାନଙ୍କର ଜୀବିକା ଅର୍ଜନ ପାଇଁ ସହାୟକ ହେବ । ସେ ଦିଗରେ ପିଲାମାନଙ୍କୁ ବାଲ୍ୟ କାଳରୁ ଆକୃଷ୍ଟ କରାଯିବା ଉଚିତ ।

ଆମେ ଭାବୁ ଯେ, ଛାତ୍ରଛାତ୍ରୀମାନେ କେବଳ ସରକାରୀ ଚାକିରି ପାଇଁ ବ୍ୟଗ୍ର । ଗୋଟିଏ ସରକାରୀ ଚାକିରି ପାଇଁ ଲକ୍ଷ ଲକ୍ଷ ଦରଖାସ୍ତ ଦେଖି ସେଭଳି ଧାରଣା ହେବା ସ୍ୱାଭାବିକ । କିନ୍ତୁ ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ସେମାନଙ୍କର ଉତ୍ତର ହେଲା, 'ଯେଉଁ ମାଟି ବକ୍ସି ଜଗବନ୍ଧୁଙ୍କୁ ଦେଇଛି, ମଧୁସୂଦନଙ୍କୁ ଦେଇଛି, ଗୋପବନ୍ଧୁଙ୍କୁ ଦେଇଛି, ସେହି ମାଟିର ଯୁବପିଢ଼ି କ'ଣ କେବଳ ଚାକିରି ପଛରେ ଦୌଡ଼ିବ ?' ସେମାନେ ଚାକିରି ପଛରେ ଦୌଡିବାକୁ ଚାହାନ୍ତି ନାହିଁ । ସେମାନେ ଚାକିରି ସୃଷ୍ଟି କରିବାକୁ ଚାହାନ୍ତି। ଅନନ୍ୟୋପାୟ ହୋଇ ସେ ଦାଦନ ଖଟିବାକୁ ଚାହେଁ ନାହିଁ। ଚାକିରି ସୃଷ୍ଟି କରିବା ପାଇଁ କ'ଣ ଆବଶ୍ୟକ ତାହାର ଉପାୟ ମଧ୍ୟ ସେମାନେ ଚିନ୍ତା କରିଛନ୍ତି । ସେମାନେ ଅନୁଭବ କରିଛନ୍ତି ଯେ, ଓଡ଼ିଶାକୁ ପ୍ରଗତି କରିବାକୁ ହେଲେ ତାକୁ ସ୍ୱାବଲମ୍ବୀ ହେବାକୁ ହେବ । ଯେଉଁଠି ଏତେ ସମ୍ଭାବନା ରହିଛି ସେଇଠି ଅନ୍ୟ ରାଜ୍ୟ ଉପରେ ଏତେ ନିର୍ଭରଶୀଳ ହୋଇ ରହିବାର ଆବଶ୍ୟକତା କେଉଁଠି ? ସ୍ୱାବଲମ୍ବୀ ହେବା ପାଇଁ ସେମାନେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି ।

ପ୍ରଥମଟି ହେଲା କୃଷି । ଆମେ ଭାବୁ ଯେ, ଆଜିକାର ଯୁବପିଢ଼ି କୃଷି ପ୍ରତି ବିମୁଖ । ତାହା ସତ୍ୟ ନୁହେଁ । ସେମାନେ ଜାଣନ୍ତି ଯେ, ଓଡ଼ିଶାର କୃଷି ଗତାନୁଗତିକ, ପାରମ୍ପରିକ ହୋଇ ରହି ଯାଇଛି । ବର୍ଷା ପରେ ଓଡ଼ିଶାର ଜମି ପଡ଼ିଆ ରହେ । ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ପାରିବ। ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଆଦିକୁ ବ୍ୟବହାର କରି ଦେଶ ବିଦେଶରେ ଆମର କୃଷିଜାତ ଦ୍ରବ୍ୟ ଗ୍ରାହକମାନଙ୍କ ଘରେ ପହଞ୍ଚା ଯାଇପାରିବ । ଅଭାବୀ ବିକ୍ରିକୁ ଦୂର କରାଯାଇ ପାରିବ । କେବଳ ଶସ୍ୟ ଉତ୍ପାଦନ ନୁହେଁ, ଗୋପାଳନ, ଦୁଗ୍ଧଜାତ ଦ୍ରବ୍ୟ, ଖାଦ୍ୟ ପ୍ରକ୍ରିୟାକରଣ – ଏ ସବୁ ହେଉଛି କୃଷିର ଭବିଷ୍ୟତ ଓ ଯୁବପିଢ଼ି ସେଥିପ୍ରତି ବିମୁଖ ନୁହେଁ ।

ଶିଳ୍ପ ଦ୍ୱାରା ଓଡ଼ିଶାର ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ । ପ୍ରତି ବର୍ଷ ସରକାର ରାଜ୍ୟର ଅର୍ଥନୀତିର ଚିତ୍ର ପରିବେଷଣ କରି ଆସୁଛନ୍ତି। ପ୍ରଗତିର ଚିତ୍ର । ଓଡ଼ିଶାରେ ଅନେକ ବୃହତ ଶିଳ୍ପପତି ଆସି ପୁଞ୍ଜି ନିବେଶ କରୁଛନ୍ତି, ତାହା ସେ ଜାଣେ । କିନ୍ତୁ ତା'ର ପ୍ରଶ୍ନ, 'ଏଥିରୁ ଓଡ଼ିଶାର ଯୁବକମାନେ କେତେ ଲାଭାନ୍ୱିତ ?' ସେ ଜାଣେ ଯେ, ଶିଳ୍ପାୟନ ଫଳରେ ଓଡ଼ିଶାର ଅର୍ଥନୈତିକ ବିକାଶ ହେଉଛି, ଓଡ଼ିଶା ରାଜ୍ୟର ଉତ୍ପାଦ ବଢ଼ୁଛି। କିନ୍ତୁ ସେ ସେଥିରେ ସନ୍ତୁଷ୍ଟ ନୁହେଁ । ଓଡ଼ିଶାର ଯୁବପିଢ଼ି ଏହି ଶିଳ୍ପାୟନରେ କେବଳ ଚାକିରି ଖୋଜେ ନାହିଁ, ସେ ଚାହେଁ ଶିଳ୍ପାୟନରେ ଭାଗ ନେବା ପାଇଁ । ସେ ଚାହେଁ ଯେ, ଶିଳ୍ପାୟନର ଲାଭ ଓଡ଼ିଶାର ଯୁବ ସମାଜକୁ ମିଳୁ ।

ଏହି ପରିପ୍ରେକ୍ଷୀରେ ଜାଭିୟର ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ପ୍ରସ୍ତାବ ନେଇ ଆସିଥିଲେ। ତାହା ଥିଲା ବର୍ଜ୍ୟରୁ ବିଭବ ସୃଷ୍ଟି । ସେମାନଙ୍କର ଅନୁଧ୍ୟାନ ଥିଲା ଯେ, ୮୩ଟି ସ୍ଥାନରେ ପାହାଡ଼ ପରି ବର୍ଜ୍ୟବସ୍ତୁ ଜମା ହୋଇ ରହିଛି ଯାହାର ପରିମାଣ ହେଉଛି ୪୩ ଲକ୍ଷ ଟନ। ଏହାକୁ ଯଦି ଠିକ ଭାବରେ ବ୍ୟବହାର କରାଯାଏ ତେବେ ତାହା ୬୦୦୦ କୋଟି ଟଙ୍କାର ସମ୍ପଦ ସୃଷ୍ଟି କରିପାରିବ । ଏହାର ସଦ୍‌ବ୍ୟବହାର କରିବେ ଓଡ଼ିଶାର ଯୁବ ସମ୍ପ୍ରଦାୟ ।

ଓଡ଼ିଶାର ପ୍ରାକୃତିକ ବିଭବ ତା ପାଇଁ ଅଜଣା ନୁହେଁ। କିନ୍ତୁ ସେ ସେଗୁଡ଼ିକ ଅବିଚାରିତ ଭାବରେ ବ୍ୟବହାର କରିବାକୁ ଚାହେଁ ନାହିଁ । ପରିବେଶ ସହ ସନ୍ତୁଳନ ରକ୍ଷା କରି ପ୍ରାକୃତିକ ସମ୍ପଦ କୁ ବ୍ୟବହାର କରିବା ପାଇଁ ସେ ଆଗ୍ରହୀ । ଓଡ଼ିଶାର ପର୍ଯ୍ୟଟନ, ବନସମ୍ପଦ, ଜଳସମ୍ପଦ ଏ ସମସ୍ତ ବିଷୟରେ ସେ ସମ୍ପୂର୍ଣ୍ଣ ଭାବରେ ଅବଗତ । ଓଡ଼ିଶା ଯେ ସମ୍ଭାବନାରେ ପରିପୂର୍ଣ୍ଣ ତାହା ସେ ଜାଣେ । ସେ ସମସ୍ୟା ଭିତରୁ ସମ୍ଭାବନା ଆବିଷ୍କାର କରିବାକୁ ଚାହେଁ। ତେବେ ତାହା କ'ଣ ଏକ କଳ୍ପନା ମାତ୍ର ? ଉକ୍ତ କଳ୍ପନାକୁ ରୂପ ଦେବା ପାଇଁ ସେ କ'ଣ ଚିନ୍ତା କରିଛି ?

ସାଧାରଣତଃ ଯେ କୌଣସି ସମସ୍ୟା ଉତ୍ପନ୍ନ ହେଲେ ଆମେ ମନେ କରୁ ତା'ର ସମାଧାନର ଦାୟିତ୍ୱ ସରକାରର । କିନ୍ତୁ ଆଜିକାର ଯୁବପିଢ଼ି ମନେ କରେ ଯେ, ସବୁ ସମସ୍ୟାର ସମାଧାନ ସରକାର ପାଖରେ ନାହିଁ । ସବୁ ସମସ୍ୟା ପାଇଁ ସରକାରକୁ ଦୋଷ ଦେଇ ଦାୟିତ୍ୱ ଶେଷ କରିବାକୁ ସେ ଚାହେଁ ନାହିଁ । 'ଯଦି ଜଣେ ଯୁବକ ତା ଅଞ୍ଚଳର ସମସ୍ୟା ସମାଧାନ କରିବା ଦାୟିତ୍ୱ ନିଏ, ତେବେ ସମଗ୍ର ରାଜ୍ୟର ସମସ୍ୟା ଗୁଡିକର ସମାଧାନ ସହଜ ହୋଇଯିବ' ।

ରାଜନୀତି ବିଷୟରେ ସେମାନଙ୍କର ମତ ହେଉଛି ଯୁବକ ଯୁବତୀମାନେ ରାଜନୀତି ଠାରୁ ଦୂରେଇ ଯିବା ଉଚିତ ନୁହେଁ। ଯେଉଁମାନେ ଭୋଟ କିଣି ରାଜନୀତି କରନ୍ତି ସେମାନଙ୍କୁ ଜନସାଧାରଣ ଭଲ ଭାବରେ ପରଖିବା ଉଚିତ । କାରଣ ସରକାରକୁ ବଦଳାଇ ଦେବାର କ୍ଷମତା ଯୁବଶକ୍ତିଙ୍କ ପାଖରେ ଅଛି । ସେ ଅପେକ୍ଷା କରେ ନାହିଁ । ସେ କିଛି କରିବାକୁ ଚାହେଁ ।

ଯୁବଗୋଷ୍ଠୀର ଏ ସମସ୍ତ ଚିନ୍ତାଧାରାକୁ ଲକ୍ଷ୍ୟ କଲେ ଆମେ ଏଇ ନିର୍ଯ୍ୟାସରେ ଉପନୀତ ହେବା ଯେ, ଆମ ଭଳି ପ୍ରୌଢ଼ମାନେ ସେମାନଙ୍କୁ ଠିକ ଭାବରେ ଚିହ୍ନିନାହୁଁ । ଆଜିର ଯୁବପିଢ଼ି କେବଳ ଏକ କ୍ରୋଧର ବହ୍ନି ନୁହଁ, ସେ ହେଉଛି ଏକ ଦିବ୍ୟ ଆଲୋକର ମଶାଲ । ତା ମନରେ ଅସୁମାରି ଆଶା ରହିଛି । କିନ୍ତୁ ସେ କେବଳ ସ୍ୱପ୍ନ ଦେଖେନା । ସେହି ସ୍ୱପ୍ନକୁ କିଭଳି ଭାବରେ ସାକାର କରିବାକୁ ହେବ ସେ ବିଷୟରେ ମଧ୍ୟ ଚିନ୍ତା କରେ । ସେ ଅନଭିଜ୍ଞ ହୋଇପାରେ, ତା ନିକଟରେ ସବୁ ସମାଧାନର ବାଟ ନ ଥାଇପାରେ, କିନ୍ତୁ ବାଟ ଖୋଜିବା ପାଇଁ ସେ ଗୋଡ଼ ଟେକି ବସିଛି ।

ତାହାର ଏଇ ସୃଜନୀ ଶକ୍ତିର ଯଦି ଆମେ ସୁବ୍ୟବହାର କରି ନ ଜାଣୁ, ତେବେ ଦୋଷ ଅଭିଭାବକମାନଙ୍କର, ଶିକ୍ଷାନୁଷ୍ଠାନମାନଙ୍କର, ସରକାରଙ୍କର, ରାଜନୈତିକ ଦଳମାନଙ୍କର, ସମାଜର ।

ଆସନ୍ତା ସପ୍ତାହରେ ସେ ବିଷୟରେ ଅଧିକ ଆଲୋଚନା କରିବା ।

▶▶ ଏଫ୍‌ସିଆଇ ଚାଉଳ ଉଠାଣ ବିବାଦ

# ଚାଷୀ ସମସ୍ୟାକୁ ନେଇ ମନ୍ତ୍ରୀ ଅସହାୟ



- ଗୋଦାମରେ ପଡ଼ିରହିଛି ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ
- ରାଜପଥକୁ ଓହ୍ଲାଇବ ବିଜେଡି
- ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘେରିଲେ ବିରୋଧୀ



ଭୁବନେଶ୍ୱର,୦୫/୦୯ (ଜେଏନ୍‌ଏସ୍): ଓଡ଼ିଶାରୁ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଦ୍ୱାରା ଚାଉଳ ଉଠାଣରେ ବିଳମ୍ବ ପ୍ରସଙ୍ଗକୁ ନେଇ ଶାସକ ବିଜେପି ଏବଂ ବିରୋଧୀ ବିଜୁ ଜନତା ଦଳ ମଧ୍ୟରେ ରାଜନୈତିକ ବାଦ-ବିବାଦ ଚରମ ସୀମାରେ ପହଞ୍ଚିଛି। ଏହି ପ୍ରସଙ୍ଗରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଏକ ବୟାନ ପରେ ବିଜେଡି ଏବଂ କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଚଳିତ ସେପ୍ଟେମ୍ବର ମାସ ସୁଦ୍ଧା ଓଡ଼ିଶାରୁ ୩୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବା ପାଇଁ ଋଉଓ ଲକ୍ଷ୍ୟ ରଖିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ମାତ୍ର ୭ ରୁ ୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଯାଇଛି। ପ୍ରାୟ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରାଜ୍ୟର ବିଭିନ୍ନ ଗୋଦାମରେ ପଡ଼ିରହି ନଷ୍ଟ ହେବା ସ୍ଥିତିକୁ ଆସିଗଲାଣି। ଯଦି ପୁରୁଣା ଚାଉଳ ଗୋଦାମରୁ ଖାଲି ନହୁଏ, ତେବେ ଆଗାମୀ ଖରିଫ ଋତୁରେ ଚାଷୀଙ୍କଠାରୁ ନୂଆ ଧାନ ସଂଗ୍ରହ କରିବା ଏବଂ ମିଲିଂ କରି ରଖିବା ପାଇଁ ଜାଗା ମିଳିବ ନାହିଁ, ଯାହା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିବ। ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ଏବଂ ଅତନୁ ସବ୍ୟସାଚୀ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟରେ ଏକା ଦଳର ସରକାର ଥିଲେ ମଧ୍ୟ ଓଡ଼ିଶାର ଦାବି କେନ୍ଦ୍ର ଶୁଣୁନାହିଁ। ଯୋଗାଣ ମନ୍ତ୍ରୀ ନିଜେ ସ୍ୱୀକାର କରିଛନ୍ତି ଯେ ସେ ଏହି ପ୍ରସଙ୍ଗରେ ୭ ଥର ଦିଲ୍ଲୀ ଯାଇ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିଥିଲେ ମଧ୍ୟ ଋଉଓ ଚାଉଳ ଉଠାଉ ନାହିଁ। ବିଜେଡି କହିଛି ଯେ, ଏହା ରାଜ୍ୟ ସରକାରଙ୍କ ଅସହାୟତାକୁ ଦର୍ଶାଉଛି। ଅନ୍ୟ ରାଜ୍ୟଗୁଡ଼ିକୁ ଚାଉଳ ଉଠାଣ ପାଇଁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଏଥିସହ ଓଡ଼ିଶାର ୨୦ ଜଣ ବିଜେପି ଲୋକସଭା ସାଂସଦ ଏହି ସମସ୍ୟା ଉପରେ ଚୁପ୍ ରହିଛନ୍ତି ବୋଲି ଦଳ କହିଛି। ବିଜେପି ମୁଖପାତ୍ର ମନୋଜ ମହାପାତ୍ର ବିଜେଡିର ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଏହା ଏକ 'ଲୋକଙ୍କ ସରକାର' ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ୟା ସମ୍ପର୍କରେ ◥ ପୃଷ୍ଠା-୭

### କେରଳରେ ଭୟଙ୍କର ସଡ଼କ ଦୁର୍ଘଟଣା

## ୮ ଇଞ୍ଜିନିୟରିଂ ଛାତ୍ର ମୃତ



କେରଳ,୦୫/୦୯: କେରଳର ଥ୍ରିସୁର ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୮ ଜଣ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି । ଗତକାଲି (୪ ସେପ୍ଟେମ୍ବର, ଶୁକ୍ରବାର) ବିଳମ୍ବିତ ରାତି ପ୍ରାୟ ୧୧ ଟା ୪୦ ରେ ଜାତୀୟ ରାଜପଥ-୬୬ର କାଇପାମଙ୍ଗଲମ ନିକଟରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ରାଜପଥରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଯୋଗୁଁ ରାସ୍ତା ଡାଇଭର୍ସନ ◥ ପୃଷ୍ଠା-୭

## ବର୍ଷା ସାଙ୍ଗକୁ ଘନ କୁହୁଡ଼ି ବଣାଇରେ ଯାତାୟାତ ବାଧାପ୍ରାପ୍ତ

**ପ୍ରକୃତିର ବିରଳ ଦୃଶ୍ୟ ଦେଖି ଲୋକେ ଚକିତ**

ସୁନ୍ଦରଗଡ଼,୦୫/୦୯ (ଜେଏନ୍‌ଏସ୍) : ସୁନ୍ଦରଗଡ଼ ଜିଲ୍ଲା ବଣାଇ ଅଞ୍ଚଳରେ ବର୍ଷା ସାଙ୍ଗକୁ ଘନ କୁହୁଡ଼ିର ଏକ ବିରଳ ଓ ମନୋରମ ପରିବେଶ ଦେଖିବାକୁ ମିଳିଛି। ସାଧାରଣତଃ ଶୀତଦିନେ କୁହୁଡ଼ି ହେଉଥିବା ବେଳେ ବର୍ଷା ସମୟରେ ଏଭଳି ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ଗୋଟିଏ ପଟେ ଆକାଶରୁ ଝିପିଝିପି ବର୍ଷା ହେଉଥିବା ବେଳେ ଅନ୍ୟପଟେ ସକାଳୁ ସକାଳୁ ସମଗ୍ର ବଣାଇ ସହର ଓ ଏହାର ଆଖପାଖ ଅଞ୍ଚଳ ◥ ପୃଷ୍ଠା-୭

# ସାରା ଦେଶରେ ପବିତ୍ର ଗୁରୁ ଦିବସ ପାଳିତ





ନୂଆଦିଲ୍ଲୀ,୦୫/୦୯ (ଜେଏନ୍‌ଏସ୍):ଶିକ୍ଷକ ଦିବସ ବା ଗୁରୁ ଦିବସ ଆଜି ସାରା ଦେଶରେ ବେଶ୍ ଧୂମଧାମରେ ପାଳନ କରାଯାଉଛି। ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଜୟନ୍ତୀ ଅବସରରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଶିକ୍ଷକ ଦିବସ ଭାବେ ପାଳନ କରାଯାଏ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଭବ୍ୟ ସମାରୋହରେ ଭାରତର ମାନ୍ୟବର ରାଷ୍ଟ୍ରପତି ଦେଶର ବିଭିନ୍ନ ପ୍ରାନ୍ତରୁ ଚୟନ ହୋଇଥିବା ମେଧାବୀ ଓ କୃତୀ ଶିକ୍ଷକମାନଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରି ସମ୍ମାନିତ କରୁଛନ୍ତି। ଚଳିତ ବର୍ଷ ମଧ୍ୟ ଓଡ଼ିଶାର କୃତୀ ଶିକ୍ଷକମାନେ ନିଜର ଉଲ୍ଲେଖନୀୟ ଶିକ୍ଷାଦାନ ଶୈଳୀ ପାଇଁ ଏହି ସ୍ୱତନ୍ତ୍ର ଜାତୀୟ ପୁରସ୍କାର ଗ୍ରହଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶ ତଥା ରାଜ୍ୟର ସମସ୍ତ ଶିକ୍ଷକ ସମାଜକୁ ଗୁରୁ ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଏବଂ ସମାଜର ବିକାଶରେ ଶିକ୍ଷକମାନଙ୍କର ଭୂମିକା ଅତୁଳନୀୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ରାଜ୍ୟର ◥ ପୃଷ୍ଠା-୭

### କଟକରେ ବିଜେପିର ଦୁଇ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ସାମିଲ ହେଲେ ମୁଖ୍ୟମନ୍ତ୍ରୀ ଓ ୪୦୦ ପ୍ରତିନିଧି

- ▶▶ କଟକ ଇନଡୋର ଷ୍ଟାଡିୟମରେ ଆରମ୍ଭ ହେଲା କାର୍ଯ୍ୟକାରିଣୀ
- ▶▶ ସରକାର ଗଠନ ପରେ ଦଳର ପ୍ରଥମ ବଡ଼ ସାଂଗଠନିକ ବୈଠକ
- ▶▶ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ବ୍ଲୁ-ପ୍ରିଣ୍ଟ୍
- ▶▶ ପଞ୍ଚାୟତ ଲଢ଼େଇ ପାଇଁ ବିଜେପିର ମାନସ ମନ୍ଥନ
- ▶▶ ବିରୋଧୀଙ୍କ ଚାଉଳ ଉଠାଣ ମୁଦ୍ଦାର ଜବାବ ଦେବ ଦଳ

କଟକ,୦୫/୦୯ (ଜେଏନ୍‌ଏସ୍): କଟକର ଐତିହାସିକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରେ ଆଜି (୫ ସେପ୍ଟେମ୍ବର ୨୦୨୬) ଅପରାହ୍ନ ୩ଟାରୁ ବିଜେପିର ଦୁଇ ଦିନିଆ ଗୁରୁତ୍ୱପୂର୍ଣ୍ଣ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଏହା ଦଳର ପ୍ରଥମ ବଡ଼ ସାଂଗଠନିକ ବୈଠକ, ଯାହା ଆଗାମୀ ରାଜନୈତିକ ସମୀକରଣ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରୁଥିବା ବେଳେ ଏହାକୁ ବିଜେପି ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ◥ ପୃଷ୍ଠା-୭

# ନୂଆ ଓଡ଼ିଶା ଗଢ଼ିବାରେ ଯୁବପିଢ଼ିଙ୍କ ଭୂମିକା ଅତୁଳନୀୟ




## 'ଜନ ଜାଗରଣ ଅଭିଯାନ' ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ସମାରୋହ

ଭୁବନେଶ୍ୱର, ୦୫/୦୯ (ଜେଏନ୍‌ଏସ୍) : ନୂଆ ଓଡ଼ିଶା ଗଠନ ଦିଗରେ ଯୁବପିଢ଼ିଙ୍କ ସକ୍ରିୟ ଯୋଗଦାନ ଓ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ଜନ ଜାଗରଣ ଅଭିଯାନ' ପକ୍ଷରୁ ଏକ ସ୍ୱତନ୍ତ୍ର ବକ୍ତୃତା ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ୩୦ ଅଗଷ୍ଟ ୨୦୨୬ ହୋଟେଲ କଳିଙ୍ଗ ଅଶୋକଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। 'ନୂଆ ଓଡ଼ିଶା ଗଢ଼ିବାରେ ଯୁବପିଢ଼ିଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମାରୋହରେ ରାଜ୍ୟର ପ୍ରତିଷ୍ଠିତ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଯୁବପିଢ଼ି ଅଂଶଗ୍ରହଣ କରି ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଜନ ଜାଗରଣ' ଅନୁଷ୍ଠାନର ମୁଖ୍ୟ ତଥା ପୂର୍ବତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ବିଚାରକ ମଣ୍ଡଳୀ ଓ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହା ପରେ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବେସିକ ସାଇନ୍ସ, ବିଜେବି ଅଟୋନୋମସ ଓ ବିଜେବି ଜୁନିୟର କଲେଜ, ଏକାମ୍ର କଲେଜ, ଗୋବିନ୍ଦପୁର ଡିଗ୍ରୀ କଲେଜ, ମହର୍ଷି କଲେଜ, ଓୟୁଟିଆର୍, ରାଜଧାନୀ କଲେଜ ଓ ଏକ୍ସଆଇଏମ୍ ୟୁନିଭର୍ସିଟିର ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଅତ୍ୟନ୍ତ ଓଜସ୍ୱିନୀ ଭାଷାରେ ନୂଆ ଓଡ଼ିଶାର ପରିକଳ୍ପନା ରଖିଥିଲେ। ଦୁର୍ନୀତିମୁକ୍ତ ସମାଜ, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ରୋଜଗାର ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଯୁବପିଢ଼ି ନିଜର ଦୃଢ଼ ମତ ରଖି ଉପସ୍ଥିତ ଶ୍ରୋତା ଓ ବିଚାରକମଣ୍ଡଳୀଙ୍କୁ ବେଶ୍ ପ୍ରଭାବିତ କରିଥିଲେ।

ଏହା ପରେ ଶ୍ରୀ ପଟ୍ଟନାୟକ ଶେଷରେ କହିଥିଲେ କି, 'ଯୁବଶକ୍ତି କେବଳ ସରକାର ଗଢ଼ିବା କିମ୍ବା ଭାଙ୍ଗିବାର ◥ ପୃଷ୍ଠା-୭



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ଜନ୍ମାଷ୍ଟମୀ ଉପଲକ୍ଷେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ





ଭୁବନେଶ୍ୱର, ୦୫/୦୯ (ଜେଏନ୍ଏସ୍): ପବିତ୍ର ଜନ୍ମାଷ୍ଟମୀ ପାଳନ ଅବସରରେ ଭୁବନେଶ୍ୱର ୟୁନିଟ୍-୮ ହନୁମାନ ମନ୍ଦିର ପରିସରରେ ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୪୧ ଜଣ କୁନି କୁନି ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଉତ୍ସାହର ସହ ଭାଗ ନେଇଥିଲେ। ସେଥିମଧ୍ୟରୁ ନୃତ୍ୟ ପ୍ରତିଯୋଗିତାରେ ୨୩ଜଣ, ସଂଗୀତ ପ୍ରତିଯୋଗିତାରେ ୬ ଜଣ ଏବଂ କୌତୁକ ପୋଷାକ (ଫ୍ୟାନ୍ସି ଡ୍ରେସ୍) ପ୍ରତିଯୋଗିତାରେ ୧୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗିତା ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ଉପରେ ପର୍ଯ୍ୟବସିତ ଥିଲା, ଯାହା ଦର୍ଶକଙ୍କ ମନମୋହି ନେଇଥିଲା। ପ୍ରତିଯୋଗିତାରେ ନୃତ୍ୟ ବିଭାଗରେ ଜେସ୍ଲିନ୍ ଶୁଭଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ସଂଗୀତ ପରିବେଷଣରେ ସୁମିତା ବାହିନୀପତି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିପରି କୌତୁକ ପୋଷାକ ପ୍ରତିଯୋଗିତାରେ ବୀର କୁମାର ନାୟକ ଏବଂ ଦେବପ୍ରିୟ ପଟ୍ଟନାୟକ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସୀତାରାମ ସାଂସ୍କୃତିକ ପରିଷଦର ସଭାପତି ଭକ୍ତ ଚରଣ ରାଉତ ଏବଂ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସେନାପତି ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର ଓ ଟ୍ରଫି ପ୍ରଦାନ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପରିଷଦର କର୍ମକର୍ତ୍ତାମାନେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ପିଲାମାନଙ୍କ ମଧ୍ୟରେ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବ ବୋଲି ଶ୍ରୀ ସେନାପତି ପ୍ରକାଶ କରିଥିଲେ।

# ଉଦ୍‌ଯାପିତ ହେଲା ୧୫୦ ତମ ସ୍ୱାୟତ୍ତ ଶାସନ ଦିବସ



ବାଲେଶ୍ୱର,୦୫/୦୯ (ଜେଏନ୍ଏସ୍): ପୌରପାଳିକାର ୧୫୦ ତମ ସ୍ୱାୟତ୍ତ ଶାସନ ଦିବସ ପାଳନ ଉତ୍ସବ ୨୦୨୬ର ଉଦଯାପନୀ ଉତ୍ସବ। ସନ୍ଧ୍ୟା ୮ଘଟିକା ସମୟରେ ଅତିଥିମାନଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା । ଆଜିକାର ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ମାନ୍ୟବର ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା ଯୋଗ ଦେଇଥିଲେ। ମାନ୍ୟବର ଅଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା ସବିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ତାଙ୍କ ସହିତ ମାନ୍ୟବର ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର ନାରାୟଣ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ସିରିଆଲ ପଟେଲ, ମାନ୍ୟବର ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପଣ୍ଡା, ମାନ୍ୟବର ସଦର ବିଧାୟକଙ୍କ ପ୍ରତିନିଧି ଉପେନ୍ଦ୍ର ଶତପଥୀ ଏବଂ ବାଲେଶ୍ୱର ସହରର କାଉନସିଲରମାନେ ମଞ୍ଚାସୀନ ଥିଲେ।



ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ନାଗରିକଙ୍କ ନିକଟରେ ପ୍ରଶାସନ ଓ ମୌଳିକ ସେବା ପହଞ୍ଚାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ନଗରାଞ୍ଚଳର ସୁପରିଚାଳନା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ଓ ଆଲୋକୀକରଣ, ନାଗରିକ ସୁବିଧା ଏବଂ ନଗରର ସାମଗ୍ରିକ ବିକାଶରେ ପୌରପାଳିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ବାଲେଶ୍ୱରରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ




ରେମୁଣା, ୦୫/୦୯ : ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ରେମୁଣା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୫୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୪୮ ଗୋଟି ବ୍ୟକ୍ତିଗତ ଓ ୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପରେଶ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନା, ବିଡିଓ, ରେମୁଣା ବ୍ଲକ ଶ୍ରୀଯୁକ୍ତ ସାର୍ଥକ ସୌରଭ ମହାପାତ୍ର ଓ ରେମୁଣା ତହସିଲଦାର ବର୍ଷା ପରିଡାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବନ୍ଧନ ବ୍ୟାଙ୍କ କର୍ମଚାରୀଙ୍କୁ ଲୁଟ୍ ଘଟଣାର ପର୍ଦ୍ଦାଫାସ



ବାଲେଶ୍ୱର/ରେମୁଣା, ୦୫/୦୯ (ଲଳିତ ମହାନ୍ତି): ଶିକ୍ଷାଞ୍ଚଳ ଥାନା ଅଧୀନ ନରହରିପୁର ଅଞ୍ଚଳରେ ବନ୍ଧନ ବ୍ୟାଙ୍କ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଶିକ୍ଷାଞ୍ଚଳ ପୁଲିସ। ଏହି ଘଟଣାରେ ଜଣେ ନାବାଳକ ସମେତ ୪ ଜଣଙ୍କୁ ପୁଲିସ କାବୁ କରିଛି। ଗିରଫ ଅଭିଯୁକ୍ତଙ୍କଠାରୁ ଗୋଟିଏ ୨୨୦ ବଜାଜ ପଲସର ବାଇକ୍ (ଓଡି-୦୧-ଜେଡ୍-୨୫୬୧), ନଗଦ ୨୧ ହଜାର ଟଙ୍କା, ଗୋଟିଏ ଭୁଜାଲି, ଗୋଟିଏ ତେଲେଙ୍ଗା କଟୁରି, ୨ଟି ମୋବାଇଲ ଫୋନ୍ ଓ ସାମସଙ୍ଗ କମ୍ପାନିର ଗୋଟିଏ ଟାବଲେଟ୍ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଗିରଫ ନାବାଳକ ଜଣକ ଲୁଟେରାମାନଙ୍କୁ ତଥ୍ୟ ଯୋଗାଇବା ସହ ସୂଚନାଦାତା ଭାବେ କାର୍ଯ୍ୟ କରୁଥିଲା । ଅନ୍ୟ ଅଭିଯୁକ୍ତମାନେ ହେଲେ ରେମୁଣା ଥାନା ଅଧୀନ ଅଠାନ୍ତର ଗ୍ରାମର ଲିପୁ ଓରଫ ପ୍ରତାପ ଦାସ (୨୫), ସଞ୍ଜୟ ଦାସ (୨୩) ଏବଂ ସିଂଲା ଥାନା ଅଧୀନ ସାର୍ଥା ଗ୍ରାମର ଭାଲୁ ଓରଫ ଶୁଭଙ୍କର ଦାସ (୨୦)। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ଅପରାଧିକ ମାମଲା ଥିବା ପୁଲିସ ପକ୍ଷରୁ କୁହାଯାଇଛି। ଘଟଣାର ତଥ୍ୟ ଅନୁଯାୟୀ, ସାର୍ଥା ଗ୍ରାମର ବିକ୍ରମ କେଶରୀ ବେହେରା ବନ୍ଧନ ବ୍ୟାଙ୍କର ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ଅଗଷ୍ଟ ୨୫ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ସମୟରେ ସେ ବ୍ୟାଙ୍କର ଟଙ୍କା ସଂଗ୍ରହ କରି ଶିକ୍ଷାଞ୍ଚଳ ଥାନା ଅଧୀନ ନରହରିପୁର ରାସ୍ତାରେ ଯାଉଥିଲେ। ଏହି ସମୟରେ ଏକ କଳା ରଙ୍ଗର ପଲସର ବାଇକ୍‌ରେ ୩ ଜଣ ଲୁଟେରା ତାଙ୍କୁ ପିଛା କରିଥିଲେ।ପରେ ଲୁଟେରାମାନେ ଭୁଜାଲି ଓ ତେଲେଙ୍ଗା କଟୁରି ଦେଖାଇ ବିକ୍ରମ କେଶରୀଙ୍କୁ ଭୟଭୀତ କରିବା ସହ ତାଙ୍କଠାରୁ ସଂଗୃହୀତ ୬୫ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ବିକ୍ରମ କେଶରୀ ସେହିଦିନ ଶିକ୍ଷାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଶିକ୍ଷାଞ୍ଚଳ ଥାନା ପୁଲିସ କେସ୍ ନଂ-୨୭୯/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ପୁଲିସ କାବୁ କରିବାରେ ସଫଳ ହୋଇଛି। ଗିରଫ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ବୁଧବାର ଅପରାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରେଶ କୁମାର ରାଉତ ଏନେଇ ସୂଚନା ଦେଇଥିଲେ। ସମ୍ମିଳନୀରେ ଶିକ୍ଷାଞ୍ଚଳ ଥାନା ଅଧିକାରୀ ରୋହିତ କୁମାର ବଳଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

**ନାବାଳକ ସମେତ ୪ ଲୁଟେରା ଗିରଫ**

# ପେପରଲେସ୍ ହେବ ଜମି ପଞ୍ଜୀକରଣ

ଭୁବନେଶ୍ୱର, ୦୫/୦୯: ରାଜ୍ୟରେ ଜମି କିଣାବିକା ଏବଂ ପଞ୍ଜୀକରଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ସହଜ କରିବା ପାଇଁ ଓଡ଼ିଶା ସରକାର ଏକ ବଡ଼ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମଗ୍ର ଓଡ଼ିଶାରେ 'କାଗଜବିହୀନ ଜମି ପଞ୍ଜୀକରଣ' ଲାଗୁ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି। ଏହି ନୂତନ ଡିଜିଟାଲ୍ ବ୍ୟବସ୍ଥା ଦ୍ୱାରା ଜମି ରେଜିଷ୍ଟ୍ରେସନ ସମୟରେ ଆଉ କୌଣସି ପ୍ରକାର ଭୌତିକ କାଗଜ ଦଲିଲର ଆବଶ୍ୟକତା ପଡ଼ିବ ନାହିଁ। ସମସ୍ତ ପ୍ରକ୍ରିୟା ଅନ ଲାଇନ୍ ଏବଂ ଇଲେକ୍ଟ୍ରୋନିକ୍ସ ଫର୍ମାଟ୍ ମାଧ୍ୟମରେ ସମ୍ପାଦିତ ହେବ।

ଏହି ନୂତନ ନିୟମ ଅନୁଯାୟୀ, ଜମି କ୍ରେତା ଓ ବିକ୍ରେତାଙ୍କ ସମସ୍ତ ତଥ୍ୟ, ଜମିର ମାଲିକାନା ଏବଂ ଦଲିଲକୁ ସିଧାସଳଖ 'ଭୂଲେଖ' ପୋର୍ଟାଲ୍ ସହ ସଂଯୁକ୍ତ କରାଯିବ। ଆବେଦନକାରୀମାନେ ଡିଜିଟାଲ୍ ସ୍ୱାକ୍ଷର ମାଧ୍ୟମରେ ନିଜର ସମ୍ମତି ପ୍ରଦାନ କରିବେ ଏବଂ ପଞ୍ଜୀକରଣ ଶେଷ ହେବା ପରେ ସେମାନଙ୍କ ମୋବାଇଲ୍ ବା ଆକାଉଣ୍ଟକୁ ଏକ ବୈଧ ଡିଜିଟାଲ୍ ସାର୍ଟିଫିକେଟ୍ ଓ ଇ-ଦଲିଲ୍ ପ୍ରେରଣ କରାଯିବ। ଏହି ଡିଜିଟାଲ୍ ଦଲିଲ୍‌କୁ ସମସ୍ତ ବ୍ୟାଙ୍କିଙ୍ଗ୍ ଏବଂ ଆଇନଗତ କାର୍ଯ୍ୟରେ ପ୍ରମାଣ ଭାବେ ଗ୍ରହଣ କରାଯିବ। ଏହାଦ୍ୱାରା ସାଧାରଣ ଜନତା ସବ୍-ରେଜିଷ୍ଟ୍ରାର୍ ଅଫିସରେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡ଼ା ହେବା କିମ୍ବା ଦଲାଲ୍‌ମାନଙ୍କ ହାବୁଡ଼ରେ ପଡ଼ିବା ଭୟରୁ ମୁକ୍ତି ପାଇବେ।

✦ ଦଲାଲ୍‌ରାଜ୍ ଏବଂ ଜମି ଜାଲିଆତି ଉପରେ ଲାଗିବ ରୋକ୍

✦ ଅନ୍ ଲାଇନରେ ଡିଜିଟାଲ୍ ସ୍ୱାକ୍ଷର ମାଧ୍ୟମରେ ହେବ ରେଜିଷ୍ଟ୍ରେସନ

ବିଭାଗୀୟ ସୂଚନା ଅନୁଯାୟୀ, ଏହି ପ୍ରଯୁକ୍ତିବିଦ୍ୟା ଆଧାରିତ ସଂସ୍କାର ଯୋଗୁଁ ଜମି ଜାଲିଆତି ଏବଂ ମିଛ କାଗଜପତ୍ର ତିଆରି କରି ଜମି ହଡ଼ପ କରିବା ଭଳି ବେଆଇନ କାର୍ଯ୍ୟକଳାପ ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିବ। ଭବିଷ୍ୟତରେ କାଗଜପତ୍ର ଚିରିଯିବା, ପୋଡ଼ିଯିବା କିମ୍ବା ହଜିଯିବାର କୌଣସି ଆଶଙ୍କା ରହିବ ନାହିଁ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ଜିଲ୍ଲାରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯିବ ଏବଂ ଏହାର ସଫଳତା ଅନୁଧ୍ୟାନ କରିବା ପରେ ଖୁବ୍‌ଶୀଘ୍ର ସମଗ୍ର ଓଡ଼ିଶାରେ ଏହି 'ପେପରଲେସ ଡିଡ୍' ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ବାଧ୍ୟତାମୂଳକ କରାଯିବ ବୋଲି ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି।

# ଗଣେଶ ପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ



ବାଲେଶ୍ୱର, ୦୫/୦୯ : ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବାକୁ ଥିବା ଗଣେଶ ପୂଜାକୁ ବାଲେଶ୍ୱରରେ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ପାଳନ କରିବା ଉଦ୍ଦେଶ୍ୟରେ ପୂର୍ବାହ୍ନ ୧୧ ଘଟିକା ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି।

ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବାଞ୍ଚଳ ପୋଲିସ ରେଞ୍ଜ୍, ବାଲେଶ୍ୱର, ପୋଲିସ ଉପ-ମହାନିରୀକ୍ଷକ ପିନାକ ମିଶ୍ର, ବାଲେଶ୍ୱର ପୌରାଞ୍ଚଳ ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଡିଏସପି ସିଟି ସୁଶ୍ରୀ ମନୀଷା ସୌଗୁନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପରେଶ କୁମାର ରାଉତ, ଅତିରିକ୍ତ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକ ଓ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ମାନେ ଗଣେଶ ପୂଜା ଅବସରରେ ଆଇନଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଶୋଭାଯାତ୍ରାର ସୁପରିଚାଳନା ଓ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୂଜା କମିଟିଗୁଡ଼ିକୁ ନିର୍ଦ୍ଧାରିତ ନିୟମ ଓ ପ୍ରଶାସନିକ ନିର୍ଦ୍ଦେଶାବଳୀ ପାଳନ କରିବା ସହିତ ଶାନ୍ତି ଓ ଶୃଙ୍ଖଳା ରକ୍ଷାରେ ପ୍ରଶାସନକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା।

ବୈଠକରେ ଡିଜେ ଓ ଉଚ୍ଚ ଶବ୍ଦଯୁକ୍ତ ମାଇକର ବ୍ୟବହାର ସମ୍ପର୍କିତ ନିୟମ ପାଳନ, ମେଢ଼ର ଉଚ୍ଚତା ସମ୍ପର୍କିତ ନିୟମ ପାଳନ, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧ୍ୱନି ପରିବେଷଣ, ଉଚ୍ଚ ଶବ୍ଦଯୁକ୍ତ ବାଣର ବାରଣ, ଶୋଭାଯାତ୍ରା ସମୟରେ ଯାତାୟାତ ବ୍ୟବସ୍ଥାକୁ ବାଧା ନଦେବା ଏବଂ ମଦ୍ୟପାନ ଠାରୁ ଦୂରେଇ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୂଜା ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା।

ଗଣେଶ ପୂଜା ହେଉଛି ଭାଇଚାରା, ସାମାଜିକ ଏକତା ଓ ସୌହାର୍ଦ୍ଦ୍ୟର ପର୍ବ। ତେଣୁ ସମସ୍ତେ ପରସ୍ପରର ଧାର୍ମିକ ଭାବନାକୁ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଭାବେ ପୂଜା ପାଳନ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ପୂଜା କମିଟି, ପୋଲିସ ଓ ଜିଲ୍ଲା ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ଗଣେଶ ପୂଜା ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ଜନପ୍ରତିନିଧି, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଯୋଗ ଦେଇ ଗଣେଶ ପୂଜାର ସୁପରିଚାଳନା ନେଇ ଆଲୋଚନା କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସ ପାଳିତ



ନୀଳଗିରି, ୦୫/୦୯ (ଜେଏନ୍ଏସ୍) : ନିଖିଳ ସ୍ୱାୟତ୍ତ ଶାସନ ଦିବସ -୨୦୨୬ପାଳନ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଆନୁକୁଲ୍ୟରେ ନୀଳଗିରିକୁ ଆହୁରି ସରସ ସୁନ୍ଦର କରି ଗଢ଼ି ତୋଳିବାର ଅଭିପ୍ରାୟକୁ ପାଥେୟ କରି ଗତ ୩୧ ତାରିଖ ଦିବା ୯ ଘଟିକା ସମୟରେ ନୀଳଗିରିର ମାନ୍ୟବର ବିଧାୟକଙ୍କ ଉପସ୍ଥିତିରେ ବହୁ ଲୋକାଭିମୁଖୀ ପ୍ରକଳ୍ପର ମୋଟ ଅଟକଳ ମୂଲ୍ୟ ୩ କୋଟି ୮୫ଲକ୍ଷ ଟଙ୍କାର ଶୁଭ ଉଦଘାଟନ ଏବଂ ଶିଳାନ୍ୟାସ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସମ୍ପାଦିତ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ପାରିଷଦ ବୃନ୍ଦ, ପ୍ରକଳ୍ପ ପ୍ରଶାସିକା PA -ITDA, ଉପଜିଲ୍ଲାପାଳ, ବରିଷ୍ଠ ନାଗରିକ ବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ସ୍ୱରୂପ ହିତାଧୀକାରୀଙ୍କୁ ରେସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯଥା ସମୟରେ ଗୃହ କାର୍ଯ୍ୟ ସମାପ୍ତ କରିଥିବା ହିତାଧିକାରୀଙ୍କୁ PM -Bandhu ଅନ୍ତର୍ଗତ ୨୫୦୦୦/- ସହାୟତା ରାଶି ପ୍ରଦାନ କରାଯାଇ ଥିଲା। ନୂତନ ଭାବେ ନିର୍ମିତ ହୋଇଥିବା ଦୋକାନ ଘରର ଚାବି ମଧ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଗଲା। ମୋଟ ୧୫ ଜଣଙ୍କୁ ବିଭିନ୍ନ ଯୋଜନା ଅନ୍ତର୍ଗତ Benefits distribution କରାଯାଇଥିଲା।

୪ ଜଣ କୃତୀ ବ୍ୟକ୍ତିତ୍ୱ ତଥା କ୍ରୀଡ଼ା, ସ୍ୱଚ୍ଛ ପରିମଳ, ସଫଳ ବୁଲା ବିକାଳୀ PM-street vendor ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଗଲା। ତତ୍ ସଙ୍ଗେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ର ଅଧ୍ୟକ୍ଷ ଓ ସମସ୍ତ ପାରିଷଦ ବୃନ୍ଦଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ୩୫୦ରୁ ଅଧିକ ଲୋକଙ୍କ ସମାଗମରେ ବହୁ ଧୂମ୍‌ଧାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ସମସ୍ତ କୁନି କୁନି ପିଲା ଓ ମାଆମାନଙ୍କ ରଙ୍ଗୋଲି ଆସରକୁ ସୁନ୍ଦର କରି ଗଢ଼ି ତୋଳିଥିଲା। ଆମର ସଂକଳ୍ପ ଆସନ୍ତୁ ସମସ୍ତେ ମିଶି ହାତକୁ ହାତ ମିଶାଇ ନିଜ ଅଞ୍ଚଳର ବିକାଶକୁ ପ୍ରଗତି ପଥରେ ଆଗେଇ ନେବା ନିମନ୍ତେ ଶପଥ କରିବା।

# ନୂଆଦିଲ୍ଲୀରେ ବ୍ରିକ୍ସ ମୁଖ୍ୟ ବିଚାରପତି ସମ୍ମିଳନୀ ଆରମ୍ଭ

ନୂଆଦିଲ୍ଲୀ, ୦୫/୦୯: ନୂଆଦିଲ୍ଲୀଠାରେ ଆଜିଠାରୁ ତିନି ଦିନିଆ ବ୍ରିକ୍ସ ମୁଖ୍ୟ ବିଚାରପତି ସମ୍ମିଳନୀ ଆରମ୍ଭ ହୋଇଯାଇଛି । ଏହି ସମ୍ମିଳନୀର ମୁଖ୍ୟ ଆଭିମୁଖ୍ୟ ହେଉଛି "ନ୍ୟାୟିକ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ସହଯୋଗ"। ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆଇନଗତ ସମନ୍ୱୟ ରକ୍ଷା କରିବା ଏବଂ ସାଧାରଣ ଜନତାଙ୍କୁ ସହଜରେ ନ୍ୟାୟ ପ୍ରଦାନ କରିବା ପାଇଁ ଏକ ମିଳିତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ଅଦାଲତଗୁଡ଼ିକରେ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଏବଂ ଆଇନଗତ ଦଲିଲଗୁଡ଼ିକର ଅନୁବାଦ ତଥା ପରିଚାଳନା ପାଇଁ ଇଓ ଜ୍ଞାନକୌଶଳର ସୁରକ୍ଷିତ ବ୍ୟବହାର ଉପରେ ସମସ୍ତ ଦେଶ ସହମତି ପ୍ରକାଶ କରିଛନ୍ତି। କାଗଜବିହୀନ କାର୍ଯ୍ୟପନ୍ଥା ଏବଂ ଭର୍ଚୁଆଲ୍ ଶୁଣାଣିକୁ ଆହୁରି ବ୍ୟାପକ କରିବା ପାଇଁ ବିଭିନ୍ନ ଦେଶ ନିଜ ନିଜର ସର୍ବୋତ୍ତମ ଅଭିଜ୍ଞତା ଅଂଶଗ୍ରହଣ କରିଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟିକ ଏବଂ ଦେୱାନୀ ମାମଲାଗୁଡ଼ିକର ସମାଧାନ ପାଇଁ ମଧ୍ୟସ୍ଥତାକୁ ଅଧିକ ପ୍ରୋତ୍ସାହନ ଦେବାକୁ ଆଲୋଚନା ହୋଇଛି। ଭାରତର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବ୍ରାଜିଲ, ଋଷ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା ସମେତ ନୂତନ ଭାବେ ବ୍ରିକ୍ସରେ ଯୋଗ ଦେଇଥିବା ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟ ବିଚାରପତି ଏବଂ ବରିଷ୍ଠ ନ୍ୟାୟିକ ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି।




## ନିବେଶକଙ୍କ ମଧ୍ୟରେ ଖୁସି

# ସେନ୍‌ସେକ୍ସ ୫୦୦ ରୁ ଅଧିକ ଓ ନିଫ୍‌ଟି ୨୩, ୯୫୦ ପାର୍



ମୁମ୍ବାଇ,୦୫/୦୯: ଘରୋଇ ଶେୟାର ବଜାରରେ ଗତ ୪ ଦିନ ଧରି ଚାଲିଥିବା କ୍ରମାଗତ ହ୍ରାସ ଏବଂ ମାନ୍ଦାବସ୍ଥା ପରେ ଆଜି ଏକ ବଡ଼ ସୁଧାର ଦେଖିବାକୁ ମିଳିଛି। ବୈଶ୍ୱିକ ବଜାରରୁ ମିଳିଥିବା ସକାରାତ୍ମକ ସଙ୍କେତ ଏବଂ ସ୍ଥାନୀୟ ସ୍ତରରେ ନିବେଶକଙ୍କ ଆକର୍ଷଣୀୟ କ୍ରୟ ଯୋଗୁଁ ଆଜି ଦଲାଲ୍ ଷ୍ଟ୍ରିଟ୍‌ରେ ଜବରଦସ୍ତ ଉତ୍ସାହ ପ୍ରକାଶ ପାଇଛି। କାରବାର ଆରମ୍ଭରୁ ହିଁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ୫୦୦ରୁ ଅଧିକ ପଏଣ୍ଟ ବୃଦ୍ଧି ପାଇ ୭୬,୬୮୪.୭୪ ସ୍ତରରେ ପହଞ୍ଚିଥିବା ବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ପ୍ରାୟ ୭୮ ପଏଣ୍ଟ ବୃଦ୍ଧି ପାଇ ୨୩,୫୦ ସ୍ତର ଅତିକ୍ରମ କରିଛି। ବଜାର ବିଶ୍ଳେଷକଙ୍କ ଅନୁଯାୟୀ, ଆମେରିକା ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧହାର ବୃଦ୍ଧି ଆଶଙ୍କା ହ୍ରାସ ପାଇବା ପରେ ଏସୀୟ ଏବଂ ଆମେରିକୀୟ ବଜାରରେ ସକାରାତ୍ମକ ପ୍ରଭାବ ପଡ଼ିଛି, ଯାହାର ସିଧାସଳଖ ଲାଭ ଭାରତୀୟ ବଜାରକୁ ମିଳିଛି। ଆଜିର କାରବାରରେ ବିଶେଷ କରି ଆଇଟି , ବ୍ୟାଙ୍କିଙ୍ଗ୍, ମେଟାଲ୍ ଏବଂ ରିଆଲଟି ସେକ୍ଟରର ଶେୟାରଗୁଡ଼ିକରେ ବ୍ୟାପକ କ୍ରୟ ଦେଖିବାକୁ ମିଳିଛି। ଇନଫୋସିସ୍, ଟିସିଏସ୍ ଏବଂ ଏଚଡିଏଫସି ବ୍ୟାଙ୍କ ଭଳି ବଡ଼ କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ବୃଦ୍ଧି ପାଇ ବଜାରକୁ ଉପରକୁ ନେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ବଜାରରେ ଆସିଥିବା ଏହି ଅପ୍-ଟ୍ରେଣ୍ଡ ଯୋଗୁଁ ନିବେଶକମାନେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ବିଶେଷଜ୍ଞମାନଙ୍କ ମତରେ, ଆଗାମୀ ଦିନରେ ଯଦି ଆନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ସ୍ଥିର ରହେ, ତେବେ ଭାରତୀୟ ଶେୟାର ବଜାର ନିଜର ଏହି ଉତ୍ସାହଜନକ ଗତି ବଜାୟ ରଖିବ। ତେବେ ଆଗାମୀ ସପ୍ତାହରେ ପ୍ରକାଶ ପାଇବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ତଥ୍ୟ ଉପରେ ଏବେ ନିବେଶକମାନେ ନଜର ରଖିଛନ୍ତି।

# ପୁରୀରୁ ଗଞ୍ଜେଇ ସହ ନଗଦ ୧ କୋଟି ଟଙ୍କା ଜବତ



ପୁରୀ, ୦୫/୦୯ (ଜେଏନ୍ଏସ୍): ପୁରୀ ସହର ଉପକଣ୍ଠ ଗୋପାଳପୁର ବାଲିଘାଟ ଅଞ୍ଚଳରୁ ପୋଲିସ ଏକ ବଡ଼ ଧରଣର ବେଆଇନ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାଶ କରିଛି । ଚଢ଼ାଉ ସମୟରେ ପୋଲିସ ପ୍ରାୟ ୭ଟି ବସ୍ତାରୁ ୧୭୬ଟି ଗଞ୍ଜେଇ ପ୍ୟାକେଟ୍ ଜବତ କରିଛି। ଏହି ଜବତ ଗଞ୍ଜେଇର ମୋଟ ଓଜନ ପ୍ରାୟ ୧ କ୍ୱିଣ୍ଟାଲ ୮୩ କେଜି ବୋଲି ଜଣାପଡ଼ିଛି। ଗଞ୍ଜେଇ ସହିତ ସେଠାରୁ ବହୁ ପରିମାଣର ନଗଦ ଟଙ୍କା (ପ୍ରାୟ କୋଟିଏ ଟଙ୍କା) ମଧ୍ୟ ଜବତ କରାଯାଇଛି। ଗୋପାଳପୁର ବାଲିଘାଟ ନିକଟସ୍ଥ ଆଇଏମ୍‌ଟି ଫାର୍ମାସୀ କଲେଜ ନିକଟରେ ଏହି ବେଆଇନ କାରବାର ଚାଲିଥିବା ବେଳେ ପେଣ୍ଠକଟା ମେରାଇନ୍ ଥାନା ପୋଲିସ ଓ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଚଢ଼ାଉ କରିଥିଲେ। ଏହି ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ପୋଲିସ ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ପଚରାଉଚରା ଜାରି ରଖିଛି। ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା ଏବଂ କେଉଁ ଆଡ଼େ ଚାଲାଣ ହେଉଥିଲା, ସେ ନେଇ ପୁରୀ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧିକ ଛାନଭିନ୍ ଚାଲିଛି।



ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

# ବଦଳିବ ବ୍ୟାଙ୍କିଂ UPI ସିଷ୍ଟମ

ନୂଆଦିଲ୍ଲୀ,୦୫/୦୯: ଡିଜିଟାଲ ଦୁନିଆରେ ଏକ ସେକେଣ୍ଡର ହଜାର ଭାଗରୁ ମଧ ଛୋଟ ସମୟର ପାର୍ଥକ୍ୟ ଅନେକ ସମୟରେ ବଡ଼ ପ୍ରଭାବ ପକାଇଥାଏ। କେତେବେଳେ UPI ପେମେଣ୍ଟ ଅଟକିଯାଏ, ତ ଆଉ କେତେବେଳେ ତତ୍କାଳ ଟିକେଟ ବୁକିଂ ସମୟରେ ସର୍ଭରର ସମୟ ଆପଣଙ୍କ ଫୋନ୍‌ରେ ଘଣ୍ଟା ସହ ମେଳ ଖାଏ ନାହିଁ। ଏହି ସମସ୍ୟାର ସମାଧାନ ଏବଂ ଦେଶର ଡିଜିଟାଲ ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ କେନ୍ଦ୍ର ସରକାର 'One Nation, One Time' ନୀତି ଆଣିବାକୁ ଯାଉଛନ୍ତି।

ଏହା ଅଧୀନରେ Legal Metrology (Indian Standard Time) Rules, ୨୦୨୬ ଅଧିସୂଚିତ କରାଯାଇଛି। ଏହି ନୂଆ ବ୍ୟବସ୍ଥା ମାର୍ଚ୍ଚ ୨୦୨୭ରୁ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ। ଏହା ପରେ ଦେଶର ବିଭିନ୍ନ ଡିଜିଟାଲ, ବ୍ୟାଙ୍କିଂ ଓ ପ୍ରଶାସନିକ ସିଷ୍ଟମ୍‌ରେ ସମୟର ସମନ୍ୱୟ ଆହୁରି ସୁଦୃଢ଼ ହେବ ।

ନୂଆ ନିୟମ ଲାଗୁ ହେଲେ ସାଧାରଣ ଲୋକଙ୍କୁ ନିଜ ମୋବାଇଲ କିମ୍ବା ହାତଘଣ୍ଟାର ସମୟ ବଦଳାଇବାକୁ ପଡ଼ିବ ନାହିଁ। ପରିବର୍ତ୍ତନ ଆପଣଙ୍କ ଫୋନରେ ନୁହେଁ, ବରଂ ଦେଶର ବିଭିନ୍ନ ଡିଜିଟାଲ ସର୍ଭରରେ ହେବ। ବର୍ତ୍ତମାନ କିଛି ବ୍ୟାଙ୍କ, ଟେଲିକମ କମ୍ପାନୀ ଓ IT ସର୍ଭର ସମୟ ସମନ୍ୱୟ ପାଇଁ GPS ଭଳି ବାହ୍ୟ ସିଷ୍ଟମ ଉପରେ ନିର୍ଭର କରୁଛନ୍ତି। ମାର୍ଚ୍ଚ ୨୦୨୭ ପରେ ଦେଶର ଆଇନଗତ, ପ୍ରଶାସନିକ, ବ୍ୟାଙ୍କିଂ ଓ ଡିଜିଟାଲ କାର୍ଯ୍ୟରେ NPL (National Physical Laboratory), ନୂଆଦିଲ୍ଲୀର ପରମାଣୁ ଘଣ୍ଟା ସହ ସମୟ ସମନ୍ୱୟ କରାଯିବ। ରାତି ୧୧ଟା ୫୯ ମିନିଟ୍‌ରେ ପେମେଣ୍ଟ କରିବା ସମୟରେ ଫୋନ ଓ ସର୍ଭର ମଧ୍ୟରେ ଅତି କ୍ଷୁଦ୍ର ସମୟର ପାର୍ଥକ୍ୟ ଯୋଗୁ କେତେକ କାରବାର ପେଣ୍ଡିଂ କିମ୍ବା ବିଫଳ ହୋଇପାରେ। ଦେଶର ବ୍ୟାଙ୍କିଂ ସର୍ଭରଗୁଡ଼ିକର ସମୟ ସମନ୍ୱିତ ହେଲେ ଏପରି ସମସ୍ୟା କମିବାର ଆଶା କରାଯାଉଛି। ଏହା ସହ ଡିଜିଟାଲ ଠକେଇର ତଦନ୍ତରେ ମଧ ସଠିକ ଟାଇମଷ୍ଟାମ୍ପ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍କାଳ ଟିକେଟ ବୁକିଂ ସମୟରେ ସର୍ଭର ଓ ବ୍ୟବହାରକାରୀଙ୍କ ଡିଭାଇସ ମଧ୍ୟରେ ସମୟର ପାର୍ଥକ୍ୟ ନେଇ ସମସ୍ୟା ଦେଖାଦେଇପାରେ। ନୂଆ ବ୍ୟବସ୍ଥାରେ ସମୟର ସମନ୍ୱୟ ଅଧିକ ସଠିକ ହେଲେ ତତ୍କାଳ ଟିକେଟ ବୁକିଂରେ ମଧ ସ୍ୱଚ୍ଛତା ଓ ସମାନ ସୁଯୋଗ ମିଳିବାର ଆଶା ରହିଛି।

## ଭେନେଜୁଏଲା ପ୍ରବାସୀଙ୍କୁ ଗୁଳିମାଡ଼ ଘଟଣାରେ ଫେଡେରାଲ ମାମଲା

# ଆମେରିକାରେ ଇମିଗ୍ରେସନ ବିବାଦ ଜୋରଦାର




✦ ଟେକ୍ସାସରେ ଘଟିଥିବା ଘଟଣାକୁ ନେଇ ଆମେରିକା ରାଜନୀତି ଗରମ

✦ ସତ୍ୟ ଲୁଚାଇବା ଓ ମିଛ ରିପୋର୍ଟ ଦେବା ନେଇ ସଂଗୀନ ଅଭିଯୋଗ

ୱାଶିଂଟନ/ଟେକ୍ସାସ, ୦୫/୦୯: ଆମେରିକାରେ ପ୍ରବାସୀ ଏବଂ ଇମିଗ୍ରେସନ ନୀତିକୁ ନେଇ ଚାଲିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି। ଜଣେ ଭେନେଜୁଏଲାର ପ୍ରବାସୀଙ୍କୁ ଅନ୍-ଡ୍ୟୁଟି ଗୁଳି କରିବା ଏବଂ ପରବର୍ତ୍ତୀ ସମୟରେ ତଦନ୍ତକାରୀ ସଂସ୍ଥା ଆଗରେ ମିଛ ସାକ୍ଷ୍ୟ ଦେବା ଅଭିଯୋଗରେ ଆମେରିକାର ଜଣେ ଇମିଗ୍ରେସନ ଏଣ୍ଡ କଷ୍ଟମ୍ସ ଏନଫୋର୍ସମେଣ୍ଟ ଅଧିକାରୀଙ୍କ ବିରୋଧରେ ଫେଡେରାଲ ଗ୍ରାଣ୍ଡ ଜୁରୀ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହି ଅଫିସରଙ୍କ ନାମ କ୍ରିଷ୍ଟିଆନ୍ କାଷ୍ଟ୍ରୋ (୫୨) ବୋଲି ଜଣାପଡ଼ିଛି, ଯିଏକି ଗତକାଲି ଫେଡେରାଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ମିନିଆପୋଲିସରେ ଚାଲିଥିବା ଏକ ଇମିଗ୍ରେସନ କ୍ରାକଡାଉନ ଅପରେସନ ସମୟରେ ଜୁଲିଓ ସେସାର ସୋସା-ସେଲିସ୍ ନାମକ ଜଣେ ଭେନେଜୁଏଲା ନାଗରିକଙ୍କ ଗୋଡ଼କୁ ଅଫିସର କାଷ୍ଟ୍ରୋ ଗୁଳି କରିଥିଲେ। ପ୍ରାରମ୍ଭିକ ଭାବେ କାଷ୍ଟ୍ରୋ ନିଜ ସୁପରଭାଇଜର ଏବଂ ଫେଡେରାଲ ଏଜେଣ୍ଟମାନଙ୍କୁ କହିଥିଲେ ଯେ, ପ୍ରବାସୀ ଜଣକ ଏକ ବରଫ ହଟାଉଥିବା କୋଦାଳ ଏବଂ ଝାଡ଼ୁ ବାଡ଼ିରେ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ସେ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସ୍ଥାନୀୟ ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ, ପ୍ରବାସୀ ଜଣକ ନିଜ ଘର ଭିତରକୁ ପଳାଉଥିବା ସମୟରେ କାଷ୍ଟ୍ରୋ ବନ୍ଦ କବାଟ ଦେଇ ଗୁଳି ଚଳାଇଥିଲେ। ଏହି ଭିଡିଓ ପ୍ରମାଣ ସାମ୍ନାକୁ ଆସିବା ପରେ ପୂର୍ବରୁ ପ୍ରବାସୀଙ୍କ ବିରୋଧରେ ହୋଇଥିବା ସମସ୍ତ ଆକ୍ରମଣ ମାମଲାକୁ କୋର୍ଟ ଖାରଜ କରି ଦେଇଛନ୍ତି। ଏହି ମାମଲାକୁ ନେଇ ଆମେରିକାର ଦୁଇଟି ପ୍ରମୁଖ ରାଜ୍ୟ—ମିନେସୋଟା ଏବଂ ଟେକ୍ସାସ ମଧ୍ୟରେ ରାଜନୈତିକ ତିକ୍ତତା ଦେଖାଦେଇଛି। ମିନେସୋଟା ପ୍ରଶାସନ କାଷ୍ଟ୍ରୋଙ୍କୁ ଗିରଫ କରିବା ପାଇଁ ୱାରେଣ୍ଟ ଜାରି କରିଥିବା ବେଳେ, ଟେକ୍ସାସର ଗଭର୍ଣ୍ଣର ଗ୍ରେଗ୍ ଆବୋଟ୍ କାଷ୍ଟ୍ରୋଙ୍କ ପ୍ରତ୍ୟର୍ପଣକୁ ମନା କରିଦେଇଥିଲେ ଏବଂ ଗତ ସପ୍ତାହରେ ତାଙ୍କୁ ଟେକ୍ସାସ ଜେଲ୍‌ରୁ ମୁକ୍ତ କରାଯାଇଥିଲା। ତେବେ ବର୍ତ୍ତମାନ ଏହି ମାମଲାରେ ସିଧାସଳଖ ଆମେରିକାର ନ୍ୟାୟ ବିଭାଗ ହସ୍ତକ୍ଷେପ କରି କାଷ୍ଟ୍ରୋଙ୍କ ବିରୋଧରେ ଏଫବିଆଇକୁ ମିଛ ସୂଚନା ଦେବା ଅଭିଯୋଗରେ ଫେଡେରାଲ ମାମଲା ରୁଜୁ କରିଛି। ଆମେରିକା ଇତିହାସରେ ନିଜ ଦାୟିତ୍ୱରେ ଥିବା ଜଣେ କାର୍ଯ୍ୟରତ ଇମିଗ୍ରେସନ ଅଫିସରଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଅତ୍ୟନ୍ତ ବିରଳ ମନେକରାଯାଉଛି।

# ଉନ୍ମୋଚିତ ହେଲା 'ରକ୍ଷା' କୂଟନୀତି ବ୍ଲୁପ୍ରିଣ୍ଟ




✦ ୨୦୨୯ ସୁଦ୍ଧା ୫୦,୦୦୦ କୋଟିର ପ୍ରତିରକ୍ଷା ରପ୍ତାନି ଲକ୍ଷ୍ୟ

✦ ଗ୍ଲୋବାଲ ଡିଫେନ୍ସ ହବ୍ ବନିବ ଭାରତ

ନୂଆଦିଲ୍ଲୀ,୦୫/୦୯: କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଗତ ୩ ସେପ୍ଟେମ୍ବର ୨୦୨୬ ନୂଆଦିଲ୍ଲୀରେ ଭାରତର ରକ୍ଷା କୂଟନୀତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ବ୍ଲୁପ୍ରିଣ୍ଟ 'ରକ୍ଷା' ଦଲିଲ ଉନ୍ମୋଚନ କରିଛନ୍ତି. ଏହି ଦଲିଲ ଆଗାମୀ ୧୦ ବର୍ଷ (ଦଶନ୍ଧି) ପାଇଁ ବିଶ୍ୱସ୍ତରୀୟ ପ୍ରତିରକ୍ଷା ଭାଗିଦାରୀ ଏବଂ ଭାରତର ସାମରିକ ଦୂରଦୃଷ୍ଟିର ଏକ ସମ୍ପୂର୍ଣ୍ଣ ରୋଡ୍‌ମ୍ୟାପ୍ ପ୍ରଦାନ କରୁଛି । ଭାରତ ନିଜର ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସୁରକ୍ଷା ସହଯୋଗକୁ ଆହୁରି ମଜବୁତ କରିବ । ବଦଳୁଥିବା ବୈଶ୍ୱିକ ପରିସ୍ଥିତିରେ ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ଦେଶମାନଙ୍କ ସହ ସାମରିକ ସମ୍ପର୍କ ବଢ଼ାଇବା ଏବଂ ସମାନ ଚିନ୍ତାଧାରା ବିଶିଷ୍ଟ ଦେଶଗୁଡ଼ିକ ସହ ମିଳିତ ସୁରକ୍ଷା ବ୍ୟବସ୍ଥା ଉପରେ କାର୍ଯ୍ୟ କରିବା ବନ୍ଧୁତ୍ୱପୂର୍ଣ୍ଣ ଦେଶଗୁଡ଼ିକ ସହ ସାମରିକ କ୍ଷମତାର ବିକାଶ କରିବା ଏହା ଅଧୀନରେ ମିଳିତ ସାମରିକ ସମରାଭ୍ୟାସ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ପ୍ରତିରକ୍ଷା କ୍ଷେତ୍ରର ସର୍ବୋତ୍ତମ ଜ୍ଞାନକୌଶଳ ଓ ଅଭିଜ୍ଞତାକୁ ପରସ୍ପର ମଧ୍ୟରେ ଅଂଶୀଦାର କରାଯିବ। ମେକ୍ ଇନ୍ ଇଣ୍ଡିଆ' ଅଧୀନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ପ୍ରତିରକ୍ଷା ଉତ୍ପାଦନ ହବ୍ ଭାବେ ଗଢ଼ି ତୋଳିବା ଭାରତରେ ନିର୍ମିତ ଅତ୍ୟାଧୁନିକ ପ୍ରତିରକ୍ଷା ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଏବଂ ପ୍ଲାଟଫର୍ମଗୁଡ଼ିକୁ ବିଦେଶୀ ବଜାରରେ ପ୍ରୋତ୍ସାହିତ କରାଯିବ। ଏହାଦ୍ୱାରା ଅନ୍ୟ ଦେଶଗୁଡ଼ିକ ପାଇଁ ଭାରତ ଏକ ନିର୍ଭରଯୋଗ୍ୟ ପ୍ରତିରକ୍ଷା ଯୋଗାଣକାରୀ ଦେଶ ବନିପାରିବ । ୨୦୨୯ ସୁଦ୍ଧା ବାର୍ଷିକ ପ୍ରତିରକ୍ଷା ରପ୍ତାନି ୫୦,୦୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି ।

# ୩୫୦ କୋଟିର ବଙ୍ଗଳା କିଣିଲେ ଅମ୍ବାନୀ

ନୂଆଦିଲ୍ଲୀ, ୦୫/୦୯ : ଦେଶର ସବୁଠାରୁ ଧନୀ ବ୍ୟବସାୟୀ ମୁକେଶ ଅମ୍ବାନୀ ଦିଲ୍ଲୀର ସବୁଠାରୁ ସୁରକ୍ଷିତ ସ୍ଥାନ 'ଲ୍ୟୁଟେନ୍ସ ବଙ୍ଗଳା ଜୋନ'ରେ ୩୫୦ କୋଟି ଟଙ୍କାର ଏକ ବଙ୍ଗଳା କିଣିଛନ୍ତି। ତେବେ ଏହି ବଙ୍ଗଳା ଅମ୍ବାନୀ ପରିବାରର ବ୍ୟକ୍ତିଗତ ଗୃହ ନୁହେଁ ବୋଲି ରିଲାଏନ୍ସ ପକ୍ଷରୁ କୁହାଯାଇଛି। ପୃଥ୍ୱିରାଜ ରୋଡରେ ଏହି ବିଳାସପୂର୍ଣ୍ଣ କୋଠା ରହିଛି। ଦିଲ୍ଲୀ ଆସୁଥିବା ଅଧିକାରୀ ଓ କର୍ମଚାରୀଙ୍କ ରହଣୀ ପାଇଁ ଏହି ବଙ୍ଗଳାକୁ ଗେଷ୍ଟ ହାଉସ ଭାବେ ବ୍ୟବହାର କରାଯିବ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଗତ ଜୁଲାଇ ମାସର ଶେଷ ଭାଗରେ ଟିକସ ବ୍ୟତୀତ ଆଉ ସବୁ ଖର୍ଚ୍ଚ ମିଶାଇ ପ୍ରାୟ ୩୬.୭ ନିୟୁତ ଡଲାର ଅର୍ଥାତ ପ୍ରାୟ ୩୫୦ କୋଟି ଟଙ୍କାରେ ଏହି ଚୁକ୍ତି ଚୂଡ଼ାନ୍ତ ହୋଇଥିଲା। ସିଙ୍ଗାପୁରର ବ୍ୟବସାୟୀ ଡ. ଭୂପେନ୍ଦ୍ର କୁମାର ମୋଦୀଙ୍କଠାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏହି ବଙ୍ଗଳା କିଣିଛି।

# କକ୍ରୋଚ୍‌ଙ୍କୁ ରୋକିହେବ ନାହିଁ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୦୫/୦୯ : ସେପ୍ଟେମ୍ବର ୫ରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ହେବାକୁ ଯାଉଥିବା ପଦଯାତ୍ରା ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଛନ୍ତି। ଏଥିସହିତ ଏ ସମ୍ପର୍କିତ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ସିଜେପିର ପଦଯାତ୍ରା ଦ୍ୱାରା ଆଇନଶୃଙ୍ଖଳା ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ଏହାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡାଯାଇଥିଲା। ସୁପ୍ରିମକୋର୍ଟ କହିଛନ୍ତି ଯେ କୌଣସି ବିଶୃଙ୍ଖଳା କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ପୂର୍ବାନୁମାନ କରିବାର କୌଣସି କାରଣ ନାହିଁ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ସମସ୍ତେ ଆଇନ ବ୍ୟବସ୍ଥା ମଧ୍ୟରେ ରହି ଶାନ୍ତିପୂର୍ଣ୍ଣ ଓ ଦାୟିତ୍ୱବାନ ଭାବେ ଆଚରଣ କରିବେ ବୋଲି ସେ ଆଶା କରୁଛନ୍ତି। ଆଇନ ଶୃଙ୍ଖଳା ରକ୍ଷା କରିବା ମୁଖ୍ୟତଃ କେନ୍ଦ୍ର ସରକାର, ଦିଲ୍ଲୀ ସରକାର ଏବଂ ପୁଲିସ ପ୍ରଶାସନର କାର୍ଯ୍ୟ। ପ୍ରଶାସନ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବ। ସେପ୍ଟେମ୍ବର ୧୨-୧୩ ରେ ଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ହେବାକୁ ଥିବାରୁ ଏବଂ ପୂର୍ବରୁ ଜୁଲାଇ ୨୦ ହିଂସାକୁ ଆଧାର କରି ପଦଯାତ୍ରା ଘୁଞ୍ଚାଇବାକୁ ଆବେଦନକାରୀ ଦାବି କରିଥିଲେ। ମାତ୍ର କୋର୍ଟ କୌଣସି ପ୍ରାକ୍-ପ୍ରତିବନ୍ଧକ ଲଗାଇବାକୁ ମନା କରିଦେଇଛନ୍ତି। କୋର୍ଟ କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସକୁ ନୋଟିସ୍ ଜାରି କରିଛନ୍ତି ଏବଂ ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ ତାରିଖରେ ଧାର୍ଯ୍ୟ କରିଛନ୍ତି। ଯଦି କୌଣସି ଜରୁରୀ ପରିସ୍ଥିତି ଉପୁଜେ, ତେବେ ପୁନର୍ବାର କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇପାରିବ ବୋଲି ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନହେବା ଅଭିଯୋଗ କରି ସିଜେପି ସେପ୍ଟେମ୍ବର ୫ ରେ ଇଣ୍ଡିଆ ଗେଟ୍‌ରୁ ଦିଲ୍ଲୀ ପୁଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରାର ଡାକରା ଦେଇଛି।

## ମହାକାଶରେ ଇସ୍ରୋର ପୁଣି ଏକ ଐତିହାସିକ ସଫଳତା

# ଆକାଶକୁ ପ୍ରେରିତ ହେଲା 'ଇଓଏସ୍-୦୫'



**ମହାକାଶରେ ସ୍ଥାପିତ ହେଲା ଭାରତର 'ତୃତୀୟ ନୟନ'**

ବେଙ୍ଗାଲୁରୁ,୦୫/୦୯: ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଆଜି ୪ ସେପ୍ଟେମ୍ବର ୨୦୨୬ ଭୋର ପ୍ରାୟ ୨ଟା୫୫ ମିନିଟରେ ଏକ ଐତିହାସିକ ସଫଳତା ହାସଲ କରିଛି। ଇସ୍ରୋର ବିଶ୍ୱସ୍ତ ରକେଟ୍ ଜିଏସ୍‌ଏଲ୍‌ଭି-ଏଫ୍ ୧୭ ମାଧ୍ୟମରେ ଭାରତର ସବୁଠାରୁ ଆଧୁନିକ ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହ ଇଓଏସ୍-୦୫ କୁ ସଫଳତାର ସହ ମହାକାଶକୁ ଉତକ୍ଷେପଣ କରାଯାଇଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚ ପ୍ୟାଡ୍‌ରୁ ଆଜି ଭୋର ୨:୫୫ ମିନିଟରେ ଏହି ରକେଟ୍ ଆକାଶକୁ ଗତି କରିଥିଲା। ଏହି ମିଶନ ପାଇଁ ୫୧.୭ ମିଟର ଲମ୍ବ ଏବଂ ୪୨୦.୫ ଟନ୍ ଓଜନବିଶିଷ୍ଟ ଜିଏସ୍‌ଏଲ୍‌ଭି-ଏଫ୍ ୧୭ ରକେଟ୍‌ର ବ୍ୟବହାର କରାଯାଇଥିଲା। ଜିଏସ୍‌ଏଲ୍‌ଭି କାର୍ଯ୍ୟକ୍ରମର ଏହା ୧୯ତମ ଉଡ଼ାଣ ଥିଲା। ଇଓଏସ୍-୦୫ ଉପଗ୍ରହର ମୋଟ ଓଜନ ପ୍ରାୟ ୨,୩୬୭ କିଲୋଗ୍ରାମ। ଏହା ଜିଏସ୍‌ଏଲ୍‌ଭି ଇତିହାସରେ ଇସ୍ରୋ ଦ୍ୱାରା ପଠାଯାଇଥିବା ସବୁଠାରୁ ଭାରୀ ପେଲୋଡ୍ ମଧ୍ୟରୁ ଅନ୍ୟତମ। ଇଓଏସ୍-୦୫ ହେଉଛି ଭାରତର ପ୍ରଥମ ନିର୍ଦ୍ଦିଷ୍ଟ ଇମେଜିଙ୍ଗ୍ ସାଟେଲାଇଟ୍, ଯାହାକୁ ପୃଥିବୀଠାରୁ ପ୍ରାୟ ୩୬,୦୦୦ କିଲୋମିଟର ଉଚ୍ଚରେ ଥିବା ଜିଓସିଙ୍କ୍ରୋନସ୍ କକ୍ଷପଥରେ ସ୍ଥାପିତ କରାଯାଇଛି। ସାଧାରଣତଃ ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହଗୁଡ଼ିକ ପୃଥିବୀର ନିମ୍ନ କକ୍ଷପଥରେ ରହିଥାନ୍ତି ଏବଂ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଉପର ଦେଇ କେବଳ କିଛି ସମୟ ପାଇଁ ଗତି କରନ୍ତି। କିନ୍ତୁ ଇଓଏସ୍-୦୫ ଜିଓସିଙ୍କ୍ରୋନସ୍ କକ୍ଷପଥରେ ରହିବା ଯୋଗୁଁ ଏହା ସଦାସର୍ବଦା ଭାରତୀୟ ଉପମହାଦେଶ ଉପରେ ସ୍ଥିର ରହି ନଜର ରଖିବ ଏବଂ ପ୍ରତି ୪୦ ମିଟର ରେଜୋଲ୍ୟୁସନରେ ନିରନ୍ତର ରିଅଲ-ଟାଇମ୍ (ବାସ୍ତବ ସମୟ) ଫଟୋ ପ୍ରଦାନ କରିବ। ଏହି ସଫଳତାର ପ୍ରମୁଖ ଲାଭ ବାତ୍ୟା, ମେଘଭାଙ୍ଗା ବର୍ଷା, ପ୍ରବଳ ବଜ୍ରପାତ ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ଆଗୁଆ ସୂଚନା ଏବଂ ଲାଇଭ୍ ଟ୍ରାକିଂ କରିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଦେଶର କୃଷି କ୍ଷେତ୍ରର ସ୍ଥିତି, ଜଙ୍ଗଲ ସମ୍ପଦ ଏବଂ ଜଳରାଶିର ପରିବର୍ତ୍ତନ ଉପରେ ଏହା ନିରନ୍ତର ନଜର ରଖିବ। ଏହା ଦେଶର ସୁରକ୍ଷା ଓ ସାମରିକ ପ୍ରେକ୍ଷାପଟରେ ଗୁରୁତ୍ୱପୂର୍ଣ୍ଣ ବାସ୍ତବ ସମୟର ତଥ୍ୟ ଯୋଗାଇବାରେ ସହାୟକ ହେବ। ଏହି ମିଶନର ସଫଳତା ଇସ୍ରୋ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି। ୨୦୨୧ ମସିହାରେ ଜିଏସ୍‌ଏଲ୍‌ଭି-ଏଫ୍ ୧୦/ଇଓଏସ୍-୦୩ ମିଶନର କ୍ରାୟୋଜେନିକ୍ ଷ୍ଟେଜ୍‌ରେ ବୈଷୟିକ ତ୍ରୁଟି ଯୋଗୁଁ ତାହା ବିଫଳ ହୋଇଥିଲା। ପ୍ରାୟ ୫ ବର୍ଷ ପରେ, ଇସ୍ରୋ ସେହି ଅଧୁରା ମିଶନକୁ ସମ୍ପୂର୍ଣ୍ଣ କରିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳର ସଫଳ ପ୍ରଦର୍ଶନ କରି ନିଜର ଶକ୍ତି ଜାହିର କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଅସାଧାରଣ ସଫଳତା ପାଇଁ ଇସ୍ରୋର ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ଵିଭ୍‌ରେ ଜେଲେନସ୍କିଙ୍କୁ ଭେଟିଲେ ଏସ. ଜୟଶଙ୍କର

ୟୁକ୍ରେନ,୦୫/୦୯: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଥିବା ସଂଘର୍ଷର ସମାଧାନ ପାଇଁ ଭାରତ ପକ୍ଷରୁ କୂଟନୈତିକ ପ୍ରୟାସ ଆହୁରି ଜୋରଦାର ହୋଇଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ୟୁକ୍ରେନର ରାଜଧାନୀ କ୍ଵିଭ୍ ଗସ୍ତ କରି ସେଠାରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଉଚ୍ଚସ୍ତରୀୟ ବୈଠକରେ ସାମିଲ ହୋଇଛନ୍ତି।

**ରୁଷ-ୟୁକ୍ରେନ ଯୁଦ୍ଧର ସମାଧାନ ପାଇଁ ଆଲୋଚନା**

- ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୈତିକ ମାଧ୍ୟମ ଉପରେ ଜୋର୍
- ଭାରତର ସନ୍ତୁଳିତ ବୈଦେଶିକ ନୀତିକୁ ପ୍ରଶଂସା କଲେ ୟୁକ୍ରେନ ରାଷ୍ଟ୍ରପତି



ବର୍ତ୍ତମାନର ଯୁଦ୍ଧ ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ହୋଇଥିବା ଏହି ଆଲୋଚନାକୁ ବୈଶ୍ୱିକ ରାଜନୀତିରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି।ଏହି ସାକ୍ଷାତକାର ସମୟରେ ମୁଖ୍ୟତଃ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବ୍ୟାପକ ରୋଡ୍‌ମ୍ୟାପ୍ ଉପରେ ଆଲୋଚନା କରାଯାଇଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତର ସ୍ପଷ୍ଟ ଆଭିମୁଖ୍ୟ ପ୍ରକାଶ କରି କହିଛନ୍ତି ଯେ, କୌଣସି ବିବାଦର ସମାଧାନ ଯୁଦ୍ଧକ୍ଷେତ୍ରରେ ସମ୍ଭବ ନୁହେଁ। ଭାରତ ସର୍ବଦା ମାନବିକତା ଏବଂ ଶାନ୍ତି ପକ୍ଷରେ ରହିଛି ଏବଂ କେବଳ ସଂଳାପ ତଥା ସାର୍ବଭୌମତ୍ୱକୁ ସମ୍ମାନ ଦେଇ ହିଁ ଏହି ସଙ୍କଟର ସମାଧାନ କରାଯାଇପାରିବ। ଏହି ଅବସରରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଭାରତର ସନ୍ତୁଳିତ ବୈଦେଶିକ ନୀତି ଏବଂ ମାନବୀୟ ସହାୟତା ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଯୁଦ୍ଧର ସମାଧାନ ବ୍ୟତୀତ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟିକ, ଅର୍ଥନୈତିକ ଏବଂ ଚିକିତ୍ସା କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ଭାରତ ପକ୍ଷରୁ ୟୁକ୍ରେନକୁ ଆଗାମୀ ଦିନରେ ମଧ ଜରୁରୀକାଳୀନ ଔଷଧ ଏବଂ ଅନ୍ୟାନ୍ୟ ମାନବୀୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କ୍ଵିଭ୍‌ରେ ହୋଇଥିବା ଏହି ସଫଳ ଆଲୋଚନା ପରେ ଆଗାମୀ ଦିନରେ ରୁଷ-ୟୁକ୍ରେନ ବିବାଦକୁ ଶାନ୍ତ କରିବାରେ ଭାରତ କିପରି ମଧ୍ୟସ୍ଥତା କରୁଛି, ତାହା ଉପରେ ସାରା ବିଶ୍ୱର ପ୍ରମୁଖ ଶକ୍ତିଗୁଡ଼ିକର ନଜର ରହିଛି।

## ମଣିପୁରରେ ବଡ଼ ଧରଣର ସୁରକ୍ଷା ବିପର୍ଯ୍ୟୟ

# ନେତାଙ୍କ ଘରକୁ ଟାର୍ଗେଟ୍ କରି ବୋମା ମାଡ଼



- କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ବିସ୍ଫୋରଣ ପରେ ଉତ୍ତେଜନା, ଘଟଣାସ୍ଥଳରେ ସେନା ଓ ପୋଲିସ ମୁତୟନ

ଇମ୍ଫାଲ, ୦୫/୦୯: ମଣିପୁରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ଗତ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଦୁଇଟି ପୃଥକ ପୃଥକ ସ୍ଥାନରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ବ୍ୟାପକ ଆତଙ୍କ ଖେଳାଇ ଦେଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଦୁର୍ବୃତ୍ତମାନେ ଚଳିତ ଥର ସିଧାସଳଖ ରାଜନୈତିକ ନେତାମାନଙ୍କୁ ଟାର୍ଗେଟ୍ କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି କେ. ମେଘଚନ୍ଦ୍ର ସିଂହ ଏବଂ ଶାସକ ବିଜେପି ବିଧାୟକ ଡକ୍ଟର ସପମ ରଞ୍ଜନ ସିଂହଙ୍କ ବାସଭବନକୁ ଲକ୍ଷ୍ୟ କରି ଏହି ହ୍ୟାଣ୍ଡ ଗ୍ରେନେଡ୍ ଆକ୍ରମଣ କରାଯାଇଛି।

ପ୍ରଥମ ଘଟଣାଟି ଗତକାଲି ସନ୍ଧ୍ୟା ପ୍ରାୟ ୮ଟା ୧୫ ମିନିଟରେ ୟାଇରିପୋକର ବିଷ୍ଣୁନାହାସ୍ଥିତ କଂଗ୍ରେସ ନେତା କେ. ମେଘଚନ୍ଦ୍ରଙ୍କ ବାସଭବନ ଗେଟ୍ ନିକଟରେ ଘଟିଥିଲା। ସେହିପରି ଦ୍ୱିତୀୟ ବିସ୍ଫୋରଣଟି ଆଜି ଭୋର ପ୍ରାୟ ୧:୩୦ ମିନିଟରେ ଇମ୍ଫାଲ ୱେଷ୍ଟର କୋଣ୍ଟୌଜମସ୍ଥିତ ସରକାରୀ ମୁଖପାତ୍ର ତଥା ବିଜେପି ବିଧାୟକ ଡକ୍ଟର ସପମ ରଞ୍ଜନଙ୍କ ଘର ପରିସରରେ ଘଟିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏହାଦ୍ୱାରା ବିଧାୟକଙ୍କ ଘରର କାନ୍ଥ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ତେବେ ସୌଭାଗ୍ୟବଶତଃ ଉଭୟ ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନାହାନ୍ତି।

ଘଟଣା ପରେ ମଣିପୁର ମୁଖ୍ୟମନ୍ତ୍ରୀ ୱାଇ. ଖେମଚନ୍ଦ୍ର ସିଂହ ଆଜି ସକାଳେ ବିଜେପି ବିଧାୟକଙ୍କ ବାସଭବନ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ସେ ଏହି ଆକ୍ରମଣକୁ ଅତ୍ୟନ୍ତ ନିନ୍ଦନୀୟ ଓ 'ଗଣତନ୍ତ୍ର ଉପରେ ଆକ୍ରମଣ' କହିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହି ହିଂସାତ୍ମକ କାର୍ଯ୍ୟକଳାପ ବିରୋଧରେ ସ୍ଥାନୀୟ ମହିଳାମାନେ ବିଧାୟକଙ୍କ ଘର ସମ୍ମୁଖରେ ଏକ ପ୍ରତିବାଦ ସଭା କରିଛନ୍ତି। ବର୍ତ୍ତମାନ ପୋଲିସ, ସେନା ଏବଂ ଫୋରେନସିକ ଟିମ୍ ଉଭୟ ଘଟଣାସ୍ଥଳକୁ ସିଲ୍ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ଏହି ଆକ୍ରମଣ ପଛରେ କେଉଁ ଉଗ୍ରବାଦୀ ସଂଗଠନର ହାତ ରହିଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ମୃତ୍ୟୁ ମୁଖରୁ ଫେରିଲେ ଦୁଇ ଶ୍ରମିକ

# ଟନେଲ୍ ଭିତରୁ ଜୀବନ୍ତ ଉଦ୍ଧାର



କାଠମାଣ୍ଡୁ, ୦୫/୦୯: ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଧ୍ୱଂସବିଧ୍ୱସ୍ତ ହୋଇପଡ଼ିଥିବା ନେପାଳରୁ ଆଜି ଏକ ଚମତ୍କାରୀ ତଥା ଆଶ୍ୱସ୍ତିକର ଖବର ସାମ୍ନାକୁ ଆସିଛି। ଦେଶର ତ୍ରିଶୂଳୀ-୩ଏ ଜଳବିଦ୍ୟୁତ ପ୍ରକଳ୍ପର ଏକ ସୁଡ଼ଙ୍ଗ (ଟନେଲ୍) ଭିତରେ ଦୀର୍ଘ ୯ ଦିନ ଧରି ଫସି ରହିଥିବା ଦୁଇ ଜଣ ଶ୍ରମିକଙ୍କୁ ନେପାଳ ସେନା ଆଜି ସଫଳତାର ସହ ଜୀବନ୍ତ ଉଦ୍ଧାର କରିଛି। ଗତ ମାସ ଶେଷ ଆଡ଼କୁ ଆସିଥିବା ଭୟଙ୍କର ପାହାଡ଼ ଧସିବା ଯୋଗୁଁ ଏହି ପ୍ରକଳ୍ପର ଟନେଲ୍ ମୁହଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା, ଯାହାଫଳରେ ଦୁଇ ଶ୍ରମିକ ଭିତରେ ହିଁ ଅଟକି ଯାଇଥିଲେ।

କୌଣସି ଖାଦ୍ୟ ଓ ଆଲୋକ ନଥାଇ ସେହି ଅନ୍ଧାରୀ ସୁଡ଼ଙ୍ଗ ଭିତରେ କେବଳ ପଥର ସନ୍ଧିରୁ ବାହାରୁଥିବା ପାଣି ପିଇ ଏହି ଦୁଇ ଜଣ ଶ୍ରମିକ ୯ ଦିନ ଧରି ନିଜ ଜୀବନ ସହ ସଂଗ୍ରାମ କରୁଥିଲେ। ନେପାଳ ସେନା ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ଆଧୁନିକ ମେସିନ ସାହାଯ୍ୟରେ ଦିନରାତି ଏକ କରି ଟନେଲ୍‌ରୁ ବ୍ୟାପକ ମାଟି ଓ ପଥର ହଟାଇବା ପରେ ଆଜି ସକାଳେ ସେମାନଙ୍କ ପାଖରେ ପହଞ୍ଚିବାରେ ସଫଳ ହୋଇଥିଲେ। ଉଦ୍ଧାର ପରେ ତୁରନ୍ତ ସେମାନଙ୍କୁ ସାମରିକ ହେଲିକପ୍ଟର ଯୋଗେ କାଠମାଣ୍ଡୁସ୍ଥିତ ଆର୍ମି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୀର୍ଘ ଦିନର ଭୋକ-ଶୋଷ ଯୋଗୁଁ ସେମାନେ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଥିଲେ ମଧ ବର୍ତ୍ତମାନ ସେମାନଙ୍କ ସ୍ଥିତି ସ୍ଥିର ଥିବା ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

ଏହି ସଫଳ ଉଦ୍ଧାର କାର୍ଯ୍ୟ ସମଗ୍ର ଦେଶରେ ଉତ୍ସାହ ଆଣିଦେଇଥିଲେ ମଧ

**ଦେଶରେ ମୃତ୍ୟୁ ସଂଖ୍ୟା ୧,୨୮୨ କୁ ବୃଦ୍ଧି**

ନେପାଳରେ ବନ୍ୟା ସ୍ଥିତି ଏବେ ବି ଅତ୍ୟନ୍ତ ଗମ୍ଭୀର ରହିଛି। ସରକାରୀ ସୂଚନା ଅନୁଯାୟୀ, ବନ୍ୟା ଓ ଭୂସ୍ଖଳନ ଜନିତ ବିପର୍ଯ୍ୟୟରେ ଦେଶବ୍ୟାପୀ ମୃତ୍ୟୁ ସଂଖ୍ୟା ୧,୨ ମକ୍ସ୍ୱର କୁ ବୃଦ୍ଧି ପାଇଛି ଏବଂ ଶତାଧିକ ଲୋକ ଏବେ ବି ନିଖୋଜ ଅଛନ୍ତି। ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଚଳାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ନେପାଳରେ ନିଖୋଜ ଥିବା ପ୍ରାୟ ୯୦ ଜଣ ଆମେରିକୀୟ ନାଗରିକଙ୍କ ପରିବାର ଲୋକେ ଉଦ୍ଧାର କାର୍ଯ୍ୟ ବ୍ୟାପକ କରିବା ପାଇଁ ଆମେରିକା ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୁବିଓଙ୍କୁ ଚିଠି ଲେଖି ସାହାଯ୍ୟ ପ୍ରାର୍ଥନା କରିଛନ୍ତି।

"ସତ୍‌ମାର୍ଗେ ଚାଲି ଜୀବନ ଗଢ଼ିବା, ସତ୍ୟର ଜଳାଇ ଶିଖା
ପର ହିତ ପାଇଁ କର୍ମ କରିଗଲେ, ସଫଳ ଜୀବନ ରେଖା
କ୍ଷମା ଓ ଦୟାର ପ୍ରଦୀପ ଜାଳିବା, ଦୂରେଇ ମନରୁ କ୍ରୋଧ
ସଂସ୍କାର ସଂପଦ ପ୍ରକୃତ ସଂପଦ, ଜାଗୁ ଏତିକି ପ୍ରବୋଧ"

ଜନବାର୍ତ୍ତା
ସାଭିମାନୀ ଓଡ଼ିଆଙ୍କ ସର
(JANABARTTA SWABHIMANI ODIANKA SWARA)

## ସମ୍ପାଦକୀୟ...

# ରାଷ୍ଟ୍ରୀୟ ସୁରକ୍ଷାର ବାସ୍ତବତା ଓ ଆହ୍ୱାନ



ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ତାର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଦେଶର ସୀମା ରକ୍ଷା କରୁଥିବା ଯବାନ ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନେଇ ସୋସିଆଲ ମିଡିଆଠାରୁ ଆରମ୍ଭ କରି ଚା' ଖଟି ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚା ଓ ବିତର୍କ ଚାଲିବା ସ୍ୱାଭାବିକ। କିନ୍ତୁ ଯେତେବେଳେ ପ୍ରସଙ୍ଗଟି ଦେଶର ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ, ସେତେବେଳେ କେବଳ ଭାବପ୍ରବଣତା ନୁହେଁ, ବରଂ ବାସ୍ତବ ତଥ୍ୟର ଅନୁଶୀଳନ କରିବା ଜରୁରୀ।

ଗତ କିଛି ବର୍ଷ ମଧ୍ୟରେ ଭାରତର ସୁରକ୍ଷା ରଣନୀତିରେ ବହୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଦେଶର କେତେକ ଭାଗରେ ନକ୍ସଲବାଦର ପ୍ରଭାବ କମିଛି ଏବଂ ମାଓବାଦୀ ପ୍ରବଣ ଜିଲ୍ଲାଗୁଡ଼ିକର ସଂଖ୍ୟାରେ ହ୍ରାସ ଘଟିଛି। ସେହିପରି ସୀମାପାର ଆତଙ୍କବାଦ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ବିପଦ ସମ୍ପୂର୍ଣ୍ଣ ଭାବେ ଟଳିଯାଇଛି। ବିଗତ ଦିନରେ ପଠାନକୋଟ, ଉରି, ପୁଲୱାମା ଭଳି ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ କିମ୍ବା ସୁକମା ଓ ଦାନ୍ତେୱାଡ଼ାରେ ହୋଇଥିବା ନକ୍ସଲ ହିଂସାରେ ଆମର ଶହ ଶହ ବୀର ଯବାନ ସହିଦ ହୋଇଛନ୍ତି। ଏହି ପ୍ରତ୍ୟେକଟି ଘଟଣା ସୁରକ୍ଷା ବ୍ୟବସ୍ଥାରେ ଥିବା କେତେକ ଦୁର୍ବଳତା ଓ ରଣନୀତିକ ଆହ୍ୱାନକୁ ଦର୍ଶାଏ।

**ରାଷ୍ଟ୍ର ହିତର ନାରା**
**ସୁରକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର**

ରାଷ୍ଟ୍ରୀୟ ସୁରକ୍ଷା କେବଳ ସୀମାରେ ଯୁଦ୍ଧ ଲଢ଼ିବା ମଧ୍ୟରେ ସୀମିତ ନୁହେଁ, ବରଂ ବଦଳୁଥିବା ସମୟ ସହିତ ଆତଙ୍କବାଦର ରୂପ ମଧ୍ୟ ବଦଳିବାରେ ଲାଗିଛି। ବିଗତ ଦିନରେ ସୁରକ୍ଷା ବାହିନୀ ସହରୀ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ବହୁ ମାତ୍ରାରେ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ସୁଦ୍ଧା, ଆତଙ୍କବାଦୀ ସଂଗଠନଗୁଡ଼ିକ ଏବେ "ସଫ୍ଟ ଟାର୍ଗେଟ୍" (ନିରୀହ ନାଗରିକ) ମାନଙ୍କୁ ନିଶାନା କରୁଛନ୍ତି। ୨୦୨୫ ମସିହା ଅପ୍ରେଲ ୨୨ ତାରିଖରେ ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ବର୍ବରୋଚିତ ଆତଙ୍କବାଦୀ ଆକ୍ରମଣ ଏହାର ଏକ ବଡ଼ ଉଦାହରଣ, ଯେଉଁଠାରେ ୨୬ ଜଣ ନିରୀହ ପର୍ଯ୍ୟଟକ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏଭଳି ଆକ୍ରମଣ ପଛର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଜନମାନସରେ ଭୟର ବାତାବରଣ ସୃଷ୍ଟି କରିବା। ତେଣୁ କେବଳ ପୁରୁଣା ପଦ୍ଧତିରେ ନୁହେଁ, ବରଂ ଆଧୁନିକ ଟେକ୍ନୋଲୋଜି, ସାଇବର ସୁରକ୍ଷା ଓ ପ୍ରତ୍ୟେକ ନାଗରିକଙ୍କ ସତର୍କତା ମାଧ୍ୟମରେ ହିଁ ଏହି ନୂଆ ଧରଣର ଆହ୍ୱାନର ମୁକାବିଲା କରାଯାଇପାରିବ।

ରାଷ୍ଟ୍ରୀୟ ସୁରକ୍ଷାର ଏହି ଦୀର୍ଘ ଲଢ଼େଇରେ ଆମକୁ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, କେବଳ ସେନା କିମ୍ବା ଅର୍ଦ୍ଧସାମରିକ ବାହିନୀର ପରାକ୍ରମ ଦ୍ୱାରା ଆତଙ୍କବାଦ ଓ ନକ୍ସଲବାଦର ସ୍ଥାୟୀ ସମାଧାନ ସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ସ୍ୱଚ୍ଛତା ଏବଂ ଗୋଇନ୍ଦା ତଥ୍ୟର ସମୟୋଚିତ ଆଦାନପ୍ରଦାନ ମଧ୍ୟରେ ଏକ ଦୃଢ଼ ସମନ୍ୱୟ ଆବଶ୍ୟକ। ଯେତେବେଳେ କୌଣସି ସ୍ଥାନରେ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ଆମର ଯବାନମାନେ ସହିଦ ହୁଅନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ହେବା ଜରୁରୀ। କେଉଁ ପରିସ୍ଥିତିରେ ଗୋଇନ୍ଦା ସୂଚନା ମିଳିବାରେ ବିଳମ୍ବ ହେଲା କିମ୍ବା ରଣନୀତିକ ଚ୍ୟୁତି ଘଟିଲା, ତାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ନକ୍ସଲ ପ୍ରବଣ ଅଞ୍ଚଳଗୁଡ଼ିକରେ ଆଭ୍ୟନ୍ତରୀଣ ବିକାଶ ଓ ସ୍ଥାନୀୟ ଜନସାଧାରଣଙ୍କ ବିଶ୍ୱାସ ଜିତିବା ଯେତିକି ଜରୁରୀ, ସୀମାନ୍ତରେ ଅନ୍ୟ ପ୍ରବେଶ ରୋକିବା ପାଇଁ ଅତ୍ୟାଧୁନିକ ଡ୍ରୋନ୍ ଓ ସେନ୍ସର ବ୍ୟବସ୍ଥାର ଉପଯୋଗ ସେତିକି ଆବଶ୍ୟକ। ଦେଶର ସୁରକ୍ଷାକୁ ନେଇ କରାଯାଉଥିବା ଆତ୍ମସମୀକ୍ଷା ହିଁ ଭବିଷ୍ୟତର ବଡ଼ ବିପଦକୁ ଏଡ଼ାଇବାରେ ସହାୟକ ହେବ। ରାଷ୍ଟ୍ର ହିତ ଓ ଜନମତ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ସଫଳତାକୁ ପ୍ରଶଂସା କରିବା ଯେତିକି ଆବଶ୍ୟକ, ସୁରକ୍ଷା ବ୍ୟବସ୍ଥାରେ ରହିଯାଉଥିବା ତ୍ରୁଟି ଏବଂ ଯବାନମାନଙ୍କ ଜୀବନର ସୁରକ୍ଷା ପାଇଁ ପ୍ରଶ୍ନ ଉଠାଇବା ମଧ୍ୟ ସେତିକି ଜରୁରୀ। ଯେତେବେଳେ ଗଣମାଧ୍ୟମ କେବଳ ସକାରାତ୍ମକ ଦିଗ ଉପରେ କେନ୍ଦ୍ରୀଭୂତ ହୋଇ ବାସ୍ତବ ସମସ୍ୟାଗୁଡ଼ିକୁ ଅଣଦେଖା କରେ, ସେତେବେଳେ ସୁରକ୍ଷା ରଣନୀତିର ସମୀକ୍ଷା ପ୍ରକ୍ରିୟା ମନ୍ଥର ହୋଇଯାଏ। କୌଣସି ବି ଶାସନ କାଳରେ ସୈନିକଙ୍କ ବଳିଦାନକୁ ରାଜନୈତିକ ନଫା-ନୁକସାନର ନିକିତିରେ ତଉଲିବା ଉଚିତ ନୁହେଁ। ଯବାନମାନଙ୍କ ସୁରକ୍ଷା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ସଠିକ ଗୁଇନ୍ଦା ସୂଚନା ଏବଂ ସମୟୋଚିତ ରଣନୀତି ହିଁ ପ୍ରକୃତ ସମାଧାନ। ସୋସିଆଲ ମିଡିଆର ଅନ୍ଧ ସମର୍ଥନ କିମ୍ବା ଉଗ୍ର ସମାଲୋଚନା ଠାରୁ ଦୂରରେ ରହି, ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ଜୀବନର ମୂଲ୍ୟ ବୁଝିବା ହିଁ ସୁସ୍ଥ ଗଣତନ୍ତ୍ରର ଲକ୍ଷଣ।

# ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀର ମହତ୍ତ୍ୱ



ଜନ୍ମାଷ୍ଟମୀ କେବଳ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ନୁହେଁ; ଏହା ଓଡ଼ିଆ ସଂସ୍କୃତି, ଭକ୍ତି ଏବଂ ନୈତିକ ମୂଲ୍ୟବୋଧର ଏକ ଗଭୀର ପ୍ରତୀକ। ଓଡ଼ିଶାରେ ବୈଷ୍ଣବ ମତବାଦର ପ୍ରଭାବ ଏତେ ଅଧିକ ଯେ ଜନ୍ମାଷ୍ଟମୀ ପର୍ବ ସାଧାରଣ ଲୋକଙ୍କ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଏହି ପ୍ରବନ୍ଧରେ ଆମେ ଜନ୍ମାଷ୍ଟମୀର ଧାର୍ମିକ, ସାଂସ୍କୃତିକ ଏବଂ ସାମାଜିକ ମହତ୍ତ୍ୱକୁ ବିସ୍ତୃତ ଭାବରେ ଆଲୋଚନା କରିବା। ଧାର୍ମିକ ପୃଷ୍ଠଭୂମି : ଜନ୍ମାଷ୍ଟମୀ ହିନ୍ଦୁ ପଞ୍ଜିକା ଅନୁଯାୟୀ ଭାଦ୍ରବ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହୁଏ। ଭଗବାନ ଶ୍ରୀକୃଷ୍ଣ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ଭାବରେ ପରିଗଣିତ ଏବଂ ତାଙ୍କ ଜନ୍ମ ମଧ୍ୟରାତ୍ରରେ ରୋହିଣୀ ନକ୍ଷତ୍ରରେ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଶାସ୍ତ୍ର ଅନୁସାରେ, କୃଷ୍ଣଙ୍କ ଜନ୍ମ ପୃଥିବୀରୁ ଅଧର୍ମ ଦୂର କରି ଧର୍ମ ସ୍ଥାପନ ପାଇଁ ହୋଇଥିଲା।

ଓଡ଼ିଶାରେ ଜନ୍ମାଷ୍ଟମୀକୁ 'ଶ୍ରୀକୃଷ୍ଣ ଜୟନ୍ତୀ' କିମ୍ବା କେବଳ 'ଶ୍ରୀ ଜୟନ୍ତୀ' ମଧ୍ୟ କୁହାଯାଏ। ଭକ୍ତମାନେ ଏହି ଦିନ ଦିନଯାକ ଉପବାସ ରଖନ୍ତି ଏବଂ ମଧ୍ୟରାତ୍ର ପର୍ଯ୍ୟନ୍ତ ଜାଗରଣ କରି ପୂଜା କରନ୍ତି। ମଧ୍ୟରାତ୍ର ସମୟକୁ କୃଷ୍ଣଙ୍କ ଜନ୍ମ ସମୟ ଭାବରେ ଗ୍ରହଣ କରାଯାଏ ଏବଂ ସେହି ସମୟରେ ମନ୍ଦିର ଓ ଘରେ ଘରେ ବିଶେଷ ପୂଜା ଅର୍ଚ୍ଚନା କରାଯାଏ। ଓଡ଼ିଶାର ପ୍ରମୁଖ କୃଷ୍ଣ ମନ୍ଦିରଗୁଡ଼ିକ ଯଥା ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର, ଖିରାଚୋରା ଗୋପୀନାଥ ମନ୍ଦିର (ରେମୁଣା), ଏବଂ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରରେ ଜନ୍ମାଷ୍ଟମୀ ବିଶେଷ ଉତ୍ସାହରେ ପାଳିତ ହୁଏ। ପୁରୀ ଶ୍ରୀମନ୍ଦିରରେ ଏହି ଦିନ ଭଗବାନଙ୍କ ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ଏବଂ ସ୍ୱର୍ଣ୍ଣ ମୟ କୃଷ୍ଣ ମୂର୍ତ୍ତିକୁ 'ଜନ୍ମ ମଣ୍ଡଳୀ'ରେ ସ୍ଥାପନ କରାଯାଏ।

ଘରୋଇ ସ୍ତରରେ ମଧ୍ୟ ଭକ୍ତମାନେ କୃଷ୍ଣଙ୍କ ଶୈଶବ ଲୀଳା ଚିତ୍ରକୁ ଝୁଲା କିମ୍ବା ପାଳଣାରେ ସଜାଇ ରଖନ୍ତି। ମଧ୍ୟରାତ୍ରରେ ଭଜନ, କୀର୍ତ୍ତନ, ଦେବଦେବୀଙ୍କୁ ଫଳ, ମିଷ୍ଟାନ୍ନ ଏବଂ ତୁଳସୀ ପତ୍ର ଅର୍ପଣ କରାଯାଏ। ଅନେକ ପରିବାରରେ ଭାଗବତ ପୁରାଣର ଦଶମ ଅଧ୍ୟାୟ (ଯାହା କୃଷ୍ଣଙ୍କ ଜୀବନୀ ସମ୍ବନ୍ଧୀୟ) ପାଠ କରାଯାଏ। ଜନ୍ମାଷ୍ଟମୀର ପରଦିନ 'ନନ୍ଦୋତ୍ସବ' ପାଳିତ ହୁଏ, ଯେଉଁଥିରେ କୃଷ୍ଣଙ୍କ ପାଳନକର୍ତ୍ତା ପିତା ନନ୍ଦ ଓ ମାତା ଯଶୋଦାଙ୍କ ଆନନ୍ଦକୁ ସ୍ମରଣ କରାଯାଏ। ଏହାପରେ 'ଦହି ହାଣ୍ଡି' ପର୍ବ ଆରମ୍ଭ ହୁଏ, ଯାହା କୃଷ୍ଣଙ୍କ ବାଲ୍ୟଲୀଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯୁବକମାନେ ମାନବ ପିରାମିଡ୍ ତିଆରି କରି ଉଚ୍ଚରେ ଟଙ୍ଗାଯାଇଥିବା ଦହି ହାଣ୍ଡି ଭାଙ୍ଗିବାକୁ ଚେଷ୍ଟା କରନ୍ତି, ଯାହା ସାମୂହିକ ଶକ୍ତି ଓ ଐକ୍ୟର ପ୍ରତୀକ। ଓଡ଼ିଶାରେ ଜନ୍ମାଷ୍ଟମୀ କେବଳ ଧାର୍ମିକ ପର୍ବ ନୁହେଁ, ବରଂ ଏହା ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ। ଏହି ଉତ୍ସବରେ ଓଡ଼ିଶୀ ନୃତ୍ୟ, ଭଜନ, କୀର୍ତ୍ତନ ଏବଂ ପାରମ୍ପାରିକ ଓଡ଼ିଆ ଖାଦ୍ୟର ଆୟୋଜନ ହୁଏ। ରାସଲୀଳା ଓ କୃଷ୍ଣ ଲୀଳା ଅଭିନୟ ମାଧ୍ୟମରେ କୃଷ୍ଣଙ୍କ ଜୀବନୀର ବିଭିନ୍ନ ପର୍ବ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯାଏ। ଶ୍ରୀକୃଷ୍ଣଙ୍କ ଜୀବନୀ ମାନବ ଜାତି ପାଇଁ ଅନେକ ନୈତିକ ଶିକ୍ଷା ଦେଇଥାଏ। ତାଙ୍କର ଶିକ୍ଷା—ଯଥା ଧର୍ମ, ସତ୍ୟ, ପ୍ରେମ, କର୍ତ୍ତବ୍ୟ ଏବଂ ନିଃସ୍ୱାର୍ଥ ସେବା—ଆଜିର ସମାଜ ପାଇଁ ମଧ୍ୟ ପ୍ରାସଙ୍ଗିକ। ଜନ୍ମାଷ୍ଟମୀ ପାଳନ ମାଧ୍ୟମରେ ଲୋକେ ଏହି ମୂଲ୍ୟବୋଧକୁ ପୁନର୍ବାର ସ୍ମରଣ କରନ୍ତି ଏବଂ ନିଜ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରନ୍ତି।



**ଅଭିଷେକ ଯୋଶୀ**
ମୁଖ୍ୟ, ପତିତପାବନ ଜଗନ୍ନାଥ ସେବା ଫାଉଣ୍ଡେସନ ଓ ଓଡ଼ିଶା ସୁରକ୍ଷା ସେନା

ଏହି ପର୍ବ ସାମାଜିକ ସମ୍ପ୍ରୀତି ଓ ଭାଇଚାରାକୁ ମଜବୁତ କରେ। ମନ୍ଦିରରେ ସମସ୍ତ ବର୍ଗର ଲୋକେ ଏକାଠି ହୋଇ ପୂଜା କରନ୍ତି, ଭୋଗ ଖାଆନ୍ତି ଏବଂ ପରସ୍ପର ମଧ୍ୟରେ ଉପହାର ବିନିମୟ କରନ୍ତି। ଏହା ସାମାଜିକ ଐକ୍ୟ ଓ ସମାନତାର ଏକ ଉତ୍କୃଷ୍ଟ ଉଦାହରଣ। ଜନ୍ମାଷ୍ଟମୀର ଆଧ୍ୟାତ୍ମିକ ମହତ୍ତ୍ୱ ଅତ୍ୟନ୍ତ ଗଭୀର। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ଏହି ଦିନ ଉପବାସ ଓ ଭକ୍ତି ସହ କୃଷ୍ଣଙ୍କୁ ପୂଜା କଲେ ମାନସିକ ଶାନ୍ତି, ପାର୍ଥିବ ସମୃଦ୍ଧି ଏବଂ ଆଧ୍ୟାତ୍ମିକ ଉନ୍ନତି ମିଳେ। ଭାଗବତ ପୁରାଣ ପାଠ କିମ୍ବା ଶ୍ରୀମଦ୍ ଭଗବଦ୍ ଗୀତା ଅଧ୍ୟୟନ ମନକୁ ପବିତ୍ର କରିଥାଏ। କୃଷ୍ଣଙ୍କ ଜନ୍ମକାଳୀନ ସମୟ—ମଧ୍ୟରାତ୍ର—ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ମନ ସ୍ଥିର ଥାଏ ଏବଂ ଭକ୍ତିରେ ମଗ୍ନ ହେବା ସହଜ ହୁଏ। ତେଣୁ ଭକ୍ତମାନେ ରାତି ଯାକ ଜାଗି ରହି କୃଷ୍ଣ ଭଜନ ଗାନ କରନ୍ତି ଏବଂ ତାଙ୍କ ଲୀଳା କଥା ଶୁଣନ୍ତି। ଜନ୍ମାଷ୍ଟମୀ ଆମକୁ ଅନେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ:

ଧର୍ମର ବିଜୟ: କୃଷ୍ଣଙ୍କ ଜନ୍ମ ଅଧର୍ମ ଉପରେ ଧର୍ମର ବିଜୟକୁ ସୂଚିତ କରେ। ନିଃସ୍ୱାର୍ଥ ସେବା: କୃଷ୍ଣଙ୍କ ଜୀବନୀ ସେବା ଓ ତ୍ୟାଗର ଆଦର୍ଶ ଦେଖାଏ।

ପ୍ରେମ ଓ ଭକ୍ତି:ଭକ୍ତି ମାର୍ଗରେ ଈଶ୍ୱରଙ୍କୁ ପ୍ରାପ୍ତ ହେବା ସମ୍ଭବ ବୋଲି କୃଷ୍ଣ ଶିଖାଇଛନ୍ତି। କର୍ତ୍ତବ୍ୟ ପାଳନ: ଗୀତାର ମୂଳ ସନ୍ଦେଶ ହେଉଛି ନିଜ କର୍ତ୍ତବ୍ୟ ନିଷ୍ଠାର ସହ ପାଳନ କରିବା ସମାନତା: କୃଷ୍ଣ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ, ଯାହା ଆଜିର ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ। ଆଧୁନିକ ସମାଜରେ ଜନ୍ମାଷ୍ଟମୀର ପ୍ରାସଙ୍ଗିକତା ଆହୁରି ବଢ଼ିଛି। ହିଂସା, ଅସତ୍ୟ, ଲୋଭ ଏବଂ ଅହଂକାର ବୃଦ୍ଧି ପାଉଥିବା ବେଳେ କୃଷ୍ଣଙ୍କ ଶିକ୍ଷା ଆମକୁ ସଠିକ୍ ପଥ ଦେଖାଇଥାଏ। ପରିବାର, ସମାଜ ଏବଂ ରାଷ୍ଟ୍ର ଗଠନରେ ଧର୍ମ, ନୈତିକତା ଏବଂ ମାନବିକତାର ଆବଶ୍ୟକତା ଅଛି, ଯାହା ଜନ୍ମାଷ୍ଟମୀ ପାଳନ ମାଧ୍ୟମରେ ଆମେ ପୁନର୍ବାର ସ୍ମରଣ କରିପାରିବା ଜନ୍ମାଷ୍ଟମୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ଏକ ସାଂସ୍କୃତିକ, ସାମାଜିକ ଏବଂ ଆଧ୍ୟାତ୍ମିକ ପର୍ବ ଯାହା ଓଡ଼ିଆ ସମାଜର ସର୍ବସ୍ତରରେ ପ୍ରଭାବ ପକାଇଥାଏ। ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଆମକୁ ଭଲ ମଣିଷ ହେବାକୁ, ଧର୍ମପରାୟଣ ହେବାକୁ ଏବଂ ସମାଜ ପାଇଁ କିଛି କରିବାକୁ ପ୍ରେରଣା ଦେଇଥାଏ। ତେଣୁ ଆସନ୍ତୁ, ଆମେ ଏହି ପବିତ୍ର ପର୍ବକୁ କେବଳ ରୀତିନୀତି ପାଳନ ସୀମିତ ନ ରଖି ଏହାର ପ୍ରକୃତ ବାର୍ତ୍ତାକୁ ଆପଣାଇବା ଏବଂ ନିଜ ଜୀବନରେ ପ୍ରୟୋଗ କରିବା।

# ସ୍ମାର୍ଟ କ୍ଲାସ - ସଂଯମିତ ସ୍କ୍ରିନ୍

ଶ୍ରେଣୀଗୃହରେ ଡିଜିଟାଲ ଡିଟକ୍ସର ସମୟ ଆସିଛି । ପ୍ରଯୁକ୍ତିକୁ ଶିକ୍ଷାରୁ ବାଦ ନୁହେଁ, ତାହାର ବ୍ୟବହାରରେ ସଂଯମ ହିଁ ଆଗାମୀ ଦିନର ଆବଶ୍ୟକତା। ଭାରତର ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ପ୍ରଯୁକ୍ତିର ପ୍ରବେଶ ନିଶ୍ଚିତ ଭାବେ ଏକ ଐତିହାସିକ ପରିବର୍ତ୍ତନ। 'ଡିଜିଟାଲ ଇଣ୍ଡିଆ' ଅଭିଯାନ, ଅନଲାଇନ୍ ଶିକ୍ଷା, ଡିଜିଟାଲ ବିଷୟବସ୍ତୁ ଓ ସ୍ମାର୍ଟ କ୍ଲାସରୁମ୍‌ର ବିସ୍ତାର ଶିକ୍ଷାକୁ ନୂଆ ସୁଯୋଗ ଦେଇଛି। ଓଡ଼ିଶା ମଧ୍ୟ ଏହି ପରିବର୍ତ୍ତନର ଅନ୍ୟତମ ଉଦାହରଣ। ୨୦୨୩ର ଏକ ରାଜ୍ୟ ସରକାରୀ ପ୍ରକଳ୍ପରେ ୬,୯୭୪ଟି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ସୁବିଧା ପାଇଁ ପଦକ୍ଷେପ ନିଆଯାଇଥିଲା।

ଏହି ପରିବର୍ତ୍ତନର ଲାଭ ଅସ୍ୱୀକାର କରାଯାଇପାରେ ନାହିଁ। ଡିଜିଟାଲ ମାଧ୍ୟମରେ ଜଟିଳ ବିଷୟକୁ ଚିତ୍ର, ଆନିମେସନ୍ ଓ ଭିଡିଓ ମାଧ୍ୟମରେ ସହଜରେ ବୁଝାଇହୁଏ। ଶିକ୍ଷା ସାମଗ୍ରୀରେ ପହଞ୍ଚ ବଢ଼େ ଏବଂ ଶିକ୍ଷକଙ୍କ ଶିକ୍ଷାଦାନ ପ୍ରକ୍ରିୟା ଅଧିକ ସମୃଦ୍ଧ ହୁଏ। କିନ୍ତୁ ଏବେ ଭାରତ ସମ୍ମୁଖରେ ଏକ ନୂଆ ପ୍ରଶ୍ନ ରହିଛି—ଶିକ୍ଷାରେ ପ୍ରଯୁକ୍ତି ଦରକାର କି ନୁହେଁ; କେତେ ପ୍ରଯୁକ୍ତି, କେଉଁ ବୟସରେ, କେଉଁ ଉଦ୍ଦେଶ୍ୟରେ ଏବଂ କାହାର ନିୟନ୍ତ୍ରଣରେ—ତାହା ହିଁ ମୂଳ ପ୍ରଶ୍ନ।

**ଅତ୍ୟଧିକ ସ୍କ୍ରିନ୍‌ର ଲୁକ୍କାୟିତ ମୂଲ୍ୟ :** ୟୁନେସ୍କୋର ୨୦୨୩ Global Education Monitoring Report ଶିକ୍ଷାରେ ପ୍ରଯୁକ୍ତିର ସମ୍ଭାବନା ସହିତ ଏହାର ଅନିୟନ୍ତ୍ରିତ ବ୍ୟବହାରରୁ ବିଭ୍ରାଟ, ମାନବୀୟ ସମ୍ପର୍କ ହ୍ରାସ ଓ ଶିକ୍ଷାଗତ ପ୍ରଦର୍ଶନ ଉପରେ ସମ୍ଭାବ୍ୟ ନକାରାତ୍ମକ ପ୍ରଭାବର ଆଶଙ୍କା ଉପସ୍ଥାପନ କରିଛି। ଏକ ଶିଶୁ ପାଇଁ ଏକାଗ୍ରତା ହେଉଛି ଶିକ୍ଷାର ମୌଳିକ ଭିତ୍ତି। ବହି ପଢ଼ିବା, ହାତରେ ଲେଖିବା, ଗଣିତ ସମସ୍ୟା ସମାଧାନ କରିବା ଓ ଶିକ୍ଷକଙ୍କ ସହ ସାକ୍ଷାତ୍ ଆଲୋଚନା ଗଭୀର ମାନସିକ ସଂଲଗ୍ନତା ଆବଶ୍ୟକ କରେ। ତେଣୁ ଦ୍ରୁତ ଗତିରେ ବଦଳୁଥିବା ଡିଜିଟାଲ ବିଷୟବସ୍ତୁକୁ ଶିକ୍ଷାର ଏକମାତ୍ର ମାଧ୍ୟମ କରିଦେବା ଦୂରଦର୍ଶୀ ନୀତି ନୁହେଁ। ଇଝରଜର ରିପୋର୍ଟଗୁଡ଼ିକ ଭାରତରେ ମୌଳିକ ପଢ଼ା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଚିନ୍ତାକୁ ବାରମ୍ବାର ଉଜାଗର କରିଛି। କିନ୍ତୁ ଏହି ଅବସ୍ଥା ପାଇଁ ଡିଜିଟାଲ ପ୍ରଯୁକ୍ତିକୁ ସିଧାସଳଖ ଦାୟୀ କରିବା ମଧ୍ୟ ଠିକ୍ ନୁହେଁ। ଶିକ୍ଷାର ଫଳାଫଳ ଅନେକ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ କାରଣରେ ପ୍ରଭାବିତ ହୁଏ।

**ଡିଜିଟାଲ ବିସ୍ତାରରୁ ଡିଜିଟାଲ ସଂଯମ ପର୍ଯ୍ୟନ୍ତ :** ଓଡ଼ିଶାର ଅଭିଜ୍ଞତା ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ହୋଇପାରେ। ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍‌ର ବିସ୍ତାର ଶିକ୍ଷାର୍ଥୀଙ୍କୁ ନୂଆ ଶିକ୍ଷା ସାଧନ ଦେଇଛି। ବିଶେଷକରି ଗ୍ରାମାଞ୍ଚଳର ଏପରି ବିଦ୍ୟାଳୟ, ଯେଉଁଠାରେ ଘରୋଇ ସ୍ତରରେ ଡିଜିଟାଲ ଶିକ୍ଷା ସାଧନ ସୀମିତ, ସେଠାରେ ଶିକ୍ଷକଙ୍କ ନିୟନ୍ତ୍ରଣରେ ଥିବା ସ୍ମାର୍ଟ ବୋର୍ଡ ଏକ ବଡ଼ ସୁଯୋଗ।



**ଇଂ ଲକି ସ୍ୱାଇଁ**
ଭୁବନେଶ୍ୱର
ଦୂରଭାଷ-୯୭୭୬୨୧୦୬୩୩

ଏଠାରେ ଏକ ମୌଳିକ ପାର୍ଥକ୍ୟ ବୁଝିବା ଦରକାର। ଶିକ୍ଷକଙ୍କ ନିୟନ୍ତ୍ରଣରେ କିଛି ସମୟ ପାଇଁ ବିଜ୍ଞାନର ଏକ ଆନିମେସନ୍ ଦେଖାଇବା, ତା'ପରେ ଆଲୋଚନା, ଖାତାରେ ଲେଖା ଓ ପ୍ରାୟୋଗିକ କାର୍ଯ୍ୟ କରାଇବା—ପ୍ରଯୁକ୍ତିର ସୁବିଚାରିତ ବ୍ୟବହାର। ଏହାଠାରୁ ପ୍ରତ୍ୟେକ ଶିଶୁଙ୍କ ହାତରେ ଅନିୟନ୍ତ୍ରିତ ବ୍ୟକ୍ତିଗତ ଡିଭାଇସ୍ ଦେବା ସମ୍ପୂର୍ଣ୍ଣ ଭିନ୍ନ। ସହରାଞ୍ଚଳରେ ସ୍ମାର୍ଟଫୋନ୍ ଶିକ୍ଷା ବ୍ୟତୀତ ମନୋରଞ୍ଜନ, ଗେମ୍, ସୋସିଆଲ୍ ମିଡିଆ ଓ ଯୋଗାଯୋଗର ମାଧ୍ୟମ ମଧ୍ୟ। ତେଣୁ ସ୍କୁଲ୍‌ର ଡିଜିଟାଲ ଶିକ୍ଷା ଯଦି ବ୍ୟକ୍ତିଗତ ସ୍କ୍ରିନ୍ ବ୍ୟବହାରକୁ ଆହୁରି ବଢ଼ାଇଦିଏ, ତେବେ ଶିକ୍ଷା ଓ ମନୋରଞ୍ଜନର ସୀମା ଧୂସର ହୋଇପାରେ।

ଓଡ଼ିଶାର ପରବର୍ତ୍ତୀ ଚ୍ୟାଲେଞ୍ଜ ତେଣୁ କେବଳ ସ୍ମାର୍ଟ କ୍ଲାସରୁମ୍ ନୁହେଁ, ସ୍ମାର୍ଟ ସ୍କ୍ରିନ୍-ନିୟନ୍ତ୍ରଣ।

**ବୟସ ଅନୁଯାୟୀ ନୀତି ଦରକାର :** ପ୍ରି-ପ୍ରାଇମେରୀ ଓ ପ୍ରାରମ୍ଭିକ ପ୍ରାଥମିକ ବୟସରେ ଗପ, ଚିତ୍ର, ଖେଳ, ହାତରେ ଲେଖା, ସଙ୍ଗୀତ ଓ ଶାରୀରିକ କାର୍ଯ୍ୟକଳାପ ଶିକ୍ଷାର ମୁଖ୍ୟ ଅଂଶ ହେବା ଉଚିତ। ଡିଜିଟାଲ ବିଷୟବସ୍ତୁ ରହୁ, କିନ୍ତୁ ସୀମିତ, ଉଦ୍ଦେଶ୍ୟମୂଳକ ଓ ଶିକ୍ଷକଙ୍କ ନିରୀକ୍ଷଣରେ। ତୃତୀୟରୁ ଅଷ୍ଟମ ଶ୍ରେଣୀରେ କାଗଜ-ପ୍ରଥମ ଏବଂ ଶିକ୍ଷକ-ନିର୍ଦ୍ଦେଶିତ ଡିଜିଟାଲ ଶିକ୍ଷା ହେବା ଉଚିତ। ଚଜଇଏଣଇଞ୍ଜଇ ମାର୍ଗଦର୍ଶିକାରେ ମଧ୍ୟ ବୟସ ଅନୁଯାୟୀ ଅନଲାଇନ୍ ଶିକ୍ଷା ସୀମିତ କରିବା ଓ ସ୍କ୍ରିନ୍‌ରୁ ବିରତିର ଆବଶ୍ୟକତା ସ୍ୱୀକାର କରାଯାଇଛି।

ନବମରୁ ଦ୍ୱାଦଶ ଶ୍ରେଣୀରେ ଡିଜିଟାଲ ଦକ୍ଷତା ଅପରିହାର୍ଯ୍ୟ। କିନ୍ତୁ ଡିଜିଟାଲ ଦକ୍ଷତାର ଅର୍ଥ ଅସୀମିତ ସ୍କ୍ରିନ୍ ସମୟ ନୁହେଁ। **ଘର ଓ ବିଦ୍ୟାଳୟର ସମାନ ଦାୟିତ୍ୱ :** କେବଳ ସ୍କୁଲ୍ ନିୟମରେ ସମସ୍ୟାର ସମାଧାନ ହେବ ନାହିଁ। ଶିକ୍ଷକମାନେ ହୋମୱାର୍କ ପାଇଁ ଚାଟ୍ ଆପ୍ ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇବା ଦରକାର। ଯେଉଁଠାରେ ସମ୍ଭବ, ୱର୍କସିଟ୍, ଖାତା, ବହି ଓ ଶ୍ରେଣୀଗୃହ ଆଧାରିତ କାର୍ଯ୍ୟକୁ ପ୍ରାଥମିକତା ମିଳିବା ଉଚିତ। ଦୀର୍ଘ ସମୟ ସ୍କ୍ରିନ୍ ବ୍ୟବହାର ସମୟରେ ୨୦-୨୦-୨୦ ନିୟମ—ପ୍ରାୟ ୨୦ ମିନିଟ୍ ପରେ ପ୍ରାୟ ୨୦ ଫୁଟ୍ ଦୂରର ବସ୍ତୁକୁ ୨୦ ସେକେଣ୍ଡ ଦେଖିବା—ଏକ ସରଳ ବ୍ୟବହାରିକ ସତର୍କତା ହୋଇପାରେ।

**ଲକ୍ଷ୍ୟ ହେଉଛି ଡିଜିଟାଲ ସନ୍ତୁଳନ :** ଡିଜିଟାଲ ଡିଟକ୍ସର ଅର୍ଥ ଶିକ୍ଷାକୁ ଅତୀତକୁ ଫେରାଇ ନେବା ନୁହେଁ। ଏହାର ଅର୍ଥ ହେଉଛି—ସନ୍ତୁଳନ ପୁନଃସ୍ଥାପନ। ଭାରତକୁ ଏପରି ଶିଶୁ ଆବଶ୍ୟକ, ଯେଉଁମାନେ କମ୍ପ୍ୟୁଟର ଚଳାଇପାରିବେ, କିନ୍ତୁ ହାତରେ ମଧ୍ୟ ସ୍ୱଷ୍ଟ ଲେଖିପାରିବେ; ଇଣ୍ଟରନେଟ୍‌ରୁ ସୂଚନା ଖୋଜିପାରିବେ, କିନ୍ତୁ ଧୈର୍ଯ୍ୟର ସହ ବହି ପଢ଼ିପାରିବେ । ସ୍ମାର୍ଟଫୋନ୍‌ରେ ଯୋଗାଯୋଗ କରିପାରିବେ, କିନ୍ତୁ ସାମ୍ନାସାମ୍ନି ମାନବୀୟ ସମ୍ପର୍କ ମଧ୍ୟ ଗଢ଼ିପାରିବେ; କୃତ୍ରିମ ବୁଦ୍ଧିମତ୍ତାରୁ ଶିଖିପାରିବେ, କିନ୍ତୁ ନିଜେ ଚିନ୍ତା କରିବାର କ୍ଷମତା ହରାଇବେ ନାହିଁ।

# ତୈଳ ରାଜନୀତିର ନୂଆ ଅଧ୍ୟାୟ

## ଆମେରିକା–ଭେନେଜୁଏଲା ଚୁକ୍ତି ଓ ବିଶ୍ୱଅର୍ଥନୀତିର ନୂଆ ସମୀକରଣ

ବିଶ୍ୱ ରାଜନୀତିରେ ସ୍ଥାୟୀ ମିତ୍ର କିମ୍ବା ସ୍ଥାୟୀ ଶତ୍ରୁ ବୋଲି କିଛି ନାହିଁ। ସ୍ଥାୟୀ ରହେ କେବଳ ଜାତୀୟ ସ୍ୱାର୍ଥ। ଆମେରିକା ଓ ଭେନେଜୁଏଲା ମଧ୍ୟରେ ତୈଳକୁ କେନ୍ଦ୍ର କରି ଗଢ଼ି ଉଠୁଥିବା ନୂଆ ସମ୍ପର୍କ ଏହି ପୁରୁଣା କୂଟନୈତିକ ସତ୍ୟକୁ ପୁଣିଥରେ ପ୍ରମାଣିତ କରିଛି।

ଦୀର୍ଘଦିନଧରି ରାଜନୈତିକ ତିକ୍ତତା, ଆର୍ଥିକ ପ୍ରତିବନ୍ଧକ ଓ ପରସ୍ପର ଅବିଶ୍ୱାସରେ ଘେରା ଯାଇଥିବା ଆମେରିକା ଓ ଭେନେଜୁଏଲା ଏବେ ଶକ୍ତି ସୁରକ୍ଷା, ପୁଞ୍ଜିନିବେଶ ଓ ତୈଳ ଉତ୍ପାଦନକୁ କେନ୍ଦ୍ରକରି ନୂଆ ସମୀକରଣ ଦିଗରେ ଆଗେଇଛନ୍ତି। ଭେନେଜୁଏଲାର ୧୭ଟି ଗୁରୁତ୍ୱପୂର୍ଣ୍ଣ ତୈଳ କ୍ଷେତ୍ରର ବିକାଶ ସହ ଜଡ଼ିତ ପ୍ରାୟ ୬୫ ବିଲିୟନ ବ୍ୟାରେଲ ତୈଳ ସମ୍ଭାବନା । ଏହି ନୂଆ ବ୍ୟବସ୍ଥାକୁ ବିଶ୍ୱ ଶକ୍ତି ରାଜନୀତିର ଏକ ବଡ଼ ଘଟଣାରେ ପରିଣତ କରିଛି।

ତେବେ ଏଠାରେ ଏକ କଥା ସ୍ୱଷ୍ଟ ହେବା ଆବଶ୍ୟକ।୬୫ ବିଲିୟନ ବ୍ୟାରେଲ ତେଲ ଆମେରିକା କିଣି ନେଇଛି କିମ୍ବା ଭେନେଜୁଏଲା ନିଜ ତୈଳସମ୍ପଦର ମାଲିକାନା ଆମେରିକାକୁ ଦେଇ ଦେଇଛି - ଏହି ବ୍ୟାଖ୍ୟା ସଠିକ୍ ନୁହେଁ। ଏହା ମୂଳତଃ ତୈଳକ୍ଷେତ୍ରର ଦୀର୍ଘ ମିଆଦୀ ବିକାଶ, ନିବେଶ, ପ୍ରଯୁକ୍ତି, ଉତ୍ପାଦନ ଓ ବ୍ୟବସାୟିକ ପରିଚାଳନା ସହ ଜଡ଼ିତ ଏକ ବ୍ୟାପକ ଶକ୍ତି ସହଯୋଗ।

ଭେନେଜୁଏଲା ବିଶ୍ୱର ସର୍ବାଧିକ ପ୍ରମାଣିତ Crude Oil Reserves ରଖିଥିବା ଦେଶ। ପ୍ରାୟ ୩୦୩ ବିଲିୟନ ବ୍ୟାରେଲ ତୈଳ ଭଣ୍ଡାର ଥିବା ସତ୍ତ୍ୱେ ଦେଶଟି ଦୀର୍ଘଦିନଧରି ନିଜର ଏହି ବିପୁଳ ସମ୍ପଦକୁ ପୂର୍ଣ୍ଣଭାବେ ଆର୍ଥିକ ଶକ୍ତିରେ ପରିଣତ କରିପାରି ନାହିଁ। ପୁରୁଣା ଭିତ୍ତିଭୂମି, ନିବେଶର ଅଭାବ, ପ୍ରଯୁକ୍ତିଗତ ସମସ୍ୟା, ଆଭ୍ୟନ୍ତରୀଣ ରାଜନୈତିକ ଅସ୍ଥିରତା ଏବଂ ଆମେରିକୀୟ ଆର୍ଥିକ କଟକଣା ଭେନେଜୁଏଲାର ତୈଳ ଶିଳ୍ପକୁ ଦୁର୍ବଳ କରିଛି।

ଏପରି ପରିସ୍ଥିତିରେ ଆମେରିକୀୟ ପୁଞ୍ଜି, ପ୍ରଯୁକ୍ତିଓ ଆନ୍ତର୍ଜାତୀୟ ବଜାର ସହ ନୂଆ ସଂଯୋଗ ଭେନେଜୁଏଲା ପାଇଁ ଏକ ଆର୍ଥିକ ସୁଯୋଗ। ପୁରୁଣା ତୈଳକୂପର ପୁନରୁଦ୍ଧାର, ନୂଆ drilling, pipeline, storage ଓ export infrastructure ଉନ୍ନତି ହେଲେ ଦେଶର ତୈଳ ଉତ୍ପାଦନ ଦୀର୍ଘମିଆଦରେ ବଢ଼ିପାରେ। ଏହା ରାଜସ୍ୱ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଆର୍ଥିକ ପୁନରୁତ୍ଥାନରେ ମଧ୍ୟ ସହାୟକ ହୋଇପାରେ।

କିନ୍ତୁ ଆମେରିକାର ହିସାବ କେବଳ ବ୍ୟବସାୟିକ ନୁହେଁ। ଏହା ପଛରେ ଗଭୀର ଭୂ-ରାଜନୈତିକରଣ ନୀତି ମଧ୍ୟ ରହିଛି। ଲାଟିନ୍ ଆମେରିକାରେ ଚୀନ୍ ଓ ରୁଷିଆ ଦୀର୍ଘଦିନଧରି ନିଜର ଆର୍ଥିକ ଓ ରାଜନୈତିକ ପ୍ରଭାବ ବଢ଼ାଇ ଆସୁଛନ୍ତି। ଭେନେଜୁଏଲା ସହ ଦୁଇ ଦେଶର ଘନିଷ୍ଠ ତୈଳ, ଋଣ ଓ ରଣନୀତିକ ସମ୍ପର୍କ ରହିଛି। ତେଣୁ Venezuelan oil sectorରେ ଆମେରିକାର ପ୍ରଭାବ ବଢ଼ିବାର ଅର୍ଥ ହେଉଛି Washington ନିଜ ପଡ଼ୋଶୀ ଭୌଗୋଳିକ ଅଞ୍ଚଳରେ ଚୀନ୍ ଓ ରୁଷିଆର ପ୍ରଭାବକୁ ସନ୍ତୁଳିତ କରିବାକୁ ଚାହୁଁଛି।

ଏହି ଘଟଣାକୁ ବିଶ୍ୱ ତୈଳବଜାର ଦୃଷ୍ଟିରୁ ଦେଖିଲେ ମଧ୍ୟ ତାହାର ଗୁରୁତ୍ୱ କମ୍ ନୁହେଁ। ଭେନେଜୁଏଲାର ତୈଳ ଉତ୍ପାଦନ ବଡ଼ ପରିମାଣରେ ବଢ଼ିଲେ ବିଶ୍ୱବଜାରରେ ମଧ୍ୟକ୍ଷୟର crude supply ଉପରେ ଚାପ କମିପାରେ। ଯୋଗାଣ ବଢ଼ିଲେ ତୈଳ ମୂଲ୍ୟ ଉପରେ କିଛି down ward pressure ସୃଷ୍ଟି ହେବାର ସମ୍ଭାବନା ରହିଛି।

ତେବେ ଏହାଦ୍ୱାରା OPEC କିମ୍ବା OPEC+ର ପ୍ରଭାବ ତୁରନ୍ତ କମିଯିବ ବୋଲିକହିବା ଠିକ୍ ହେବନାହିଁ। କାରଣ ଭେନେଜୁଏଲା ନିଜେ OPECର ଏକ ସଦସ୍ୟ। ବରଂ ଭବିଷ୍ୟତରେ Venezuelan production ବୃଦ୍ଧିକୁ OPEC+ କିପରି ନିଜ ଉତ୍ପାଦନ ନୀତି ସହ ସମନ୍ୱୟକରେ, ସେଥିପରି ଦିଗରେ ବିଶ୍ୱର ନଜର ରହିବ।

ଏହି ନୂଆ ତୈଳ ରାଜନୀତିରେ ଭାରତପାଇଁ ମଧ୍ୟ ରହିଛି ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଭାରତ ନିଜର crude oil ଆବଶ୍ୟକତାର ବଡ଼ ଅଂଶବିଦେଶରୁ ଆମଦାନୀ କରେ। ତେଣୁ ବିଶ୍ୱ ବଜାରରେ ଯୋଗାଣ ବଢ଼ିବା ଭାରତ ପାଇଁ ଏକ ସକାରାତ୍ମକ ସଙ୍କେତ। Middle East ଓ Russia ବ୍ୟତୀତ Venezuela ପରି ଆଉ ଏକ ବଡ଼ source ଉପଲବ୍ଧ ହେଲେ ଭାରତର oil-import diversification ଓ bargaining power ବଢ଼ିପାରେ। ତେବେ ଏହାର ଅର୍ଥ ଏ ନୁହେଁ ଯେ, ଭେନେଜୁଏଲାର ଉତ୍ପାଦନ ବଢ଼ିବା ସହିତ ଭାରତରେ petrol ଓ diesel ଦର ତୁରନ୍ତ କମିଯିବ। International crude price ସହ freight cost, refining cost, currency exchange rate, tax structure ଓ domestic pricing policy ମଧ୍ୟ ଖୁଚୁରା ଇନ୍ଧନ ଦରକୁ ପ୍ରଭାବିତ କରେ। କିନ୍ତୁ ଭାରତର energy security ଦୃଷ୍ଟିରୁ Venezuelan crudeର ପୁନଃଆଗମନ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି - କାଗଜରେ ଦେଖାଯାଉଥିବା ଏହି ବିଶାଳସମ୍ଭାବନା ଭୂମିସ୍ତରରେ କେତେଦୂର ସଫଳହେବ? ଭେନେଜୁଏଲାର ଅନେକ ତୈଳ କ୍ଷେତ୍ରର infrastructure ପୁରୁଣା। ଏହାର ପୁନରୁଦ୍ଧାର ପାଇଁ ବିଲିୟନ୍ଡଲାରର ନିବେଶ, ଉନ୍ନତ ପ୍ରଯୁକ୍ତି, ରାଜନୈତିକ ସ୍ଥିରତା ଓ ଦୀର୍ଘମିଆଦୀ ନୀତିଗତ ନିଶ୍ଚିତତା ଆବଶ୍ୟକ।

ପରିବେଶୀୟ ଦିଗକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ। Venezuelaର ବହୁ ତୈଳ ଭଣ୍ଡାର extraheavy crude ପ୍ରକୃତିର। ଏହାକୁ ଉତ୍ତୋଳନ ଓ process କରିବାସାଧାରଣ crude ତୁଳନାରେ ଅଧିକ ବ୍ୟୟ ବହୁଳ ଏବଂ ପରିବେଶ ଉପରେ ମଧ୍ୟ ଅଧିକ ଚାପସୃଷ୍ଟି କରିପାରେ। ଆମେରିକା–ଭେନେଜୁଏଲା ତୈଳ ସମ୍ପର୍କର ଏହି ନୂଆ ଅଧ୍ୟାୟ ଆମକୁ ଏକ ବଡ଼ ଶିକ୍ଷା ଦେଉଛି। ଆଜିର ବିଶ୍ୱରେ ବୈଦେଶିକନୀତି କେବଳ ଆଦର୍ଶ କିମ୍ବା ରାଜନୈତିକ ବିଚାରଧାରା ଦ୍ୱାରା ଚାଲେ ନାହିଁ ; ଶକ୍ତିସୁରକ୍ଷା, ବଜାର, ପ୍ରାକୃତିକ ସମ୍ପଦ ଓ ଜାତୀୟ ସ୍ୱାର୍ଥ ତାହାର ମୂଳ ଚାଳକ।

ଯେଉଁ ଦୁଇ ଦେଶ ଗତକାଲି ପରସ୍ପରକୁ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଭାବେ ଦେଖୁଥିଲେ, ଆଜି ସେମାନେ ତୈଳକୁ କେନ୍ଦ୍ରକରି ଆଲୋଚନାରେ ବସୁଛନ୍ତି। ଏହା ହିଁ ଆଧୁନିକ କୂଟନୀତିର ବାସ୍ତବ ଚିତ୍ର।

ତୈଳ ଆଉ କେବଳ ଗାଡ଼ିଚଳାଇବାର ଇନ୍ଧନ ନୁହେଁ। ଏହା ଅର୍ଥନୀତିର ରକ୍ତସ୍ରୋତ, କୂଟନୀତିର ଅସ୍ତ୍ର ଓ ଭୂ-ରାଜନୀତିର ଶକ୍ତିକେନ୍ଦ୍ର। ତେଣୁ ଆମେରିକା–ଭେନେଜୁଏଲା ମଧ୍ୟରେ ଆରମ୍ଭ ହୋଇଥିବା ଏହି ନୂଆ ସମୀକରଣର ପ୍ରଭାବ କେବଳ Caracas ଓ Washingtonରେ ସୀମିତ ରହିବ ନାହିଁ।

ଆଗାମୀ ଦିନରେ ଏହା ବିଶ୍ୱ ତୈଳ ବଜାର, OPEC+ର ନୀତି, ଆମେରିକା–ଚୀନ୍–ରୁଷିଆ ଭୂରାଜନୈତିକ ପ୍ରତିସ୍ପର୍ଦ୍ଧା ଏବଂ ଭାରତ ପରି ବଡ଼ ତୈଳ ଆମଦାନୀକାରୀ ଦେଶମାନଙ୍କ energy strategyକୁ ପ୍ରଭାବିତ କରିପାରେ।

ତୈଳ ରାଜନୀତିର ଏହି ନୂଆ ଅଧ୍ୟାୟ ଏବେ ମାତ୍ର ଆରମ୍ଭ ହୋଇଛି। ଏହାର ପରବର୍ତ୍ତୀ ପୃଷ୍ଠା ଗୁଡ଼ିକ ବିଶ୍ୱ ଅର୍ଥନୀତି ଓ ଶକ୍ତି ରାଜନୀତିକୁ କେଉଁ ଦିଗକୁ ନେବ - ସେଥିପାଇଁ ସମଗ୍ର ବିଶ୍ୱର ନଜର ଏବେ Washington ଓ Caracas ଉପରେ।

**ମନୋଜ ସେନାପତି**





ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

# ମାନବ ଗୁରୁ ବନାମ ଏଆଇ







ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସ୍ଥାନ ଭଗବାନଙ୍କଠାରୁ ମଧ୍ୟ ଉଚ୍ଚରେ। ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶ ତଥା ଓଡ଼ିଶାରେ ଗୁରୁ ଦିବସ ଭାବେ ବେଶ୍ ଧୂମ୍‌ଧାମରେ ପାଳନ କରାଯାଏ। ଏହି ଦିନଟି କେବଳ ଏକ ପର୍ବ ନୁହେଁ, ବରଂ ସମାଜ ଗଠନରେ ଗୁରୁମାନଙ୍କ ଅତୁଳନୀୟ ଅବଦାନକୁ ସ୍ୱୀକାର କରିବାର ଏକ ମହାନ ଅବସର। ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଜୟନ୍ତୀକୁ ଗୁରୁ ଦିବସ ଭାବେ ପାଳନ କରାଯାଏ। ସେ ଜଣେ ବିଶ୍ୱପ୍ରସିଦ୍ଧ ଦାର୍ଶନିକ, ମହାନ ଶିକ୍ଷାବିତ୍ ଏବଂ ପ୍ରେରଣାଦାୟୀ ଶିକ୍ଷକ ଥିଲେ। ୧୯୬୨ ମସିହାରେ ଯେତେବେଳେ ସେ ରାଷ୍ଟ୍ରପତି ହେଲେ, ତାଙ୍କର କିଛି ଛାତ୍ର ଓ ବନ୍ଧୁ ତାଙ୍କ ଜନ୍ମଦିନ ପାଳନ କରିବାକୁ ଅନୁମତି ମାଗିଥିଲେ। ଡକ୍ଟର ରାଧାକୃଷ୍ଣନ କହିଥିଲେ, "ମୋର ଜନ୍ମଦିନକୁ ସ୍ୱତନ୍ତ୍ର ଭାବେ ପାଳନ ନକରି ଯଦି ଏହାକୁ 'ଗୁରୁ ଦିବସ' ଭାବେ ପାଳନ କରାଯାଏ, ତେବେ ମୁଁ ଗର୍ବିତ ହେବି।" ସେହିଦିନଠାରୁ ପ୍ରତିବର୍ଷ ସେପ୍ଟେମ୍ବର ୫କୁ ଦେଶବ୍ୟାପୀ ଗୁରୁ ଦିବସ ରୂପେ ପାଳନ କରାଯାଉଛି।

ଗୁରୁ ଦିବସ ଦିନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଏକ ଭିନ୍ନ ଓ ଭାବପୂର୍ଣ୍ଣ ମାହୋଲ ଦେଖିବାକୁ ମିଳେ। ଛାତ୍ରଛାତ୍ରୀମାନେ ପାରମ୍ପରିକ ରୀତିରେ ଗୁରୁମାନଙ୍କ ପାଦ ସ୍ପର୍ଶ କରି ଆଶୀର୍ବାଦ ନିଅନ୍ତି। ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ସ୍ମାରକୀ ଏବଂ ଉପହାର ଦେଇ ସମ୍ମାନିତ କରାଯାଏ। ଏହି ଦିନ ବରିଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ଭୂମିକା ଗ୍ରହଣ କରନ୍ତି ଏବଂ କନିଷ୍ଠ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବାର ଆନନ୍ଦ ନିଅନ୍ତି। ଗୁରୁଙ୍କ ମହିମାକୁ ନେଇ ସ୍କୁଲଗୁଡ଼ିକରେ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଓ ନାଟକ ପ୍ରତିଯୋଗିତା ଆୟୋଜନ କରାଯାଏ। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର କୃତୀ ଶିକ୍ଷକମାନଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଶିକ୍ଷକ ପୁରସ୍କାର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଏ। ଆଜିର ଡିଜିଟାଲ୍ ଯୁଗରେ ଶିକ୍ଷାଦାନର ଶୈଳୀ ବଦଳିଛି। ଅନଲାଇନ୍ ଶିକ୍ଷା ଏବଂ ସ୍ମାର୍ଟ କ୍ଲାସରୁମ୍‌ର ଚଳନ ବଢ଼ିଥିଲେ ମଧ୍ୟ ଗୁରୁଙ୍କ ସ୍ଥାନ କେବେହେଲେ କମ୍ପ୍ୟୁଟର କିମ୍ବା ମୋବାଇଲ୍ ନେଇପାରିବ ନାହିଁ। ଶିକ୍ଷକ କେବଳ ବହିର ପାଠ ପଢ଼ାନ୍ତି ନାହିଁ, ବରଂ ଜୀବନ ଜିଇଁବାର ସଠିକ୍ ମାର୍ଗ ଏବଂ ନୈତିକ ମୂଲ୍ୟବୋଧ ମଧ୍ୟ ଶିଖାନ୍ତି। ଗୁରୁ ଦିବସ ହେଉଛି ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଅଧିକ ଦୃଢ଼ କରିବାର ଦିନ। ଆସନ୍ତୁ ଏହି ଶୁଭ ଅବସରରେ ଆମ ଜୀବନର ସମସ୍ତ ଗୁରୁମାନଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇବା ଏବଂ ତାଙ୍କ ଦେଖାଇଥିବା ସତ୍ୟ ଓ ନ୍ୟାୟର ମାର୍ଗରେ ଚାଲିବା ପାଇଁ ସଂକଳ୍ପ କରିବା।



**ସେପ୍ଟେମ୍ବର ୫ ତାରିଖ ହେଉଛି ପବିତ୍ର ଗୁରୁ ଦିବସ। ଏହି ଦିନକୁ ପ୍ରତିବର୍ଷ ଛାତ୍ରଛାତ୍ରୀମାନେ ନିଜ ଗୁରୁଙ୍କ ପୂଜା ପାଇଁ ମନେ ରଖିଥାନ୍ତି। ଗୁରୁ-ଶିଷ୍ୟ ପରମ୍ପରାର ଏହି ପବିତ୍ର ଉତ୍ସବକୁ ବିଶେଷ କରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଧୂମ୍‌ଧାମରେ ପାଳନ କରିଥାନ୍ତି। କିନ୍ତୁ ବର୍ତ୍ତମାନ ଯୁଗରେ ମୋବାଇଲ ଏବଂ ଏଆଇ ଆସିବା ପରେ ସମସ୍ତେ ଗୁରୁଙ୍କ ଅପେକ୍ଷା ଏଆଇ ଉପରେ ଅଧିକ ନିର୍ଭରଶୀଳ ହେଲେଣି। ପିଲାଙ୍କର ଯେ କୌଣସି ବିଷୟ ଉପରେ ପ୍ରଶ୍ନ ଉଙ୍କି ମାରିଲେ, ସେମାନେ ଉତ୍ତର ପାଇଁ ସିଧାସଳଖ ଏଆଇ ଉପରେ ନିର୍ଭର କରୁଛନ୍ତି। ତେଣୁ ବର୍ତ୍ତମାନ ଯୁଗରେ ମାନବ ଗୁରୁ ବନାମ ଏଆଇ ଗୁରୁ କିଏ ଜଣେ ଶିଷ୍ୟକୁ ସଠିକ୍ ମାର୍ଗ ଦେଖାଇ ପାରୁଛି, ଆସନ୍ତୁ ଜାଣିବା...**

ଆଧୁନିକ ବା ଡିଜିଟାଲ୍ ଯୁଗରେ ଗୁରୁ ଦିବସର ପ୍ରାସଙ୍ଗିକତା ଓ ଗୁରୁତ୍ୱ ପୂର୍ବ ଅପେକ୍ଷା ଆହୁରି ବଢ଼ିଯାଇଛି। ଆଜିର ସମୟରେ ଜ୍ଞାନ ଆହରଣ ପାଇଁ ଗୁଗଲ୍, ୟୁଟ୍ୟୁବ୍ ଏବଂ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଭଳି ଅନେକ ମାଧ୍ୟମ ଥିଲେ ମଧ୍ୟ, ଜଣେ ଶିକ୍ଷକ ବା ଗୁରୁଙ୍କ ସ୍ଥାନ କେହି ନେଇପାରିବେ ନାହିଁ। କାରଣ ମେସିନ୍ କେବଳ ତଥ୍ୟ ଦେଇପାରେ, କିନ୍ତୁ ଗୁରୁ ସଂସ୍କାର, ନୈତିକତା ଏବଂ ଜୀବନ ଜିଇଁବାର ସଠିକ୍ ମାର୍ଗ ଦେଖାନ୍ତି। ଇଣ୍ଟରନେଟ୍‌ରେ ଜ୍ଞାନର ସମୁଦ୍ର ଅଛି, କିନ୍ତୁ କେଉଁ ସୂଚନା ସଠିକ୍ ଏବଂ କେଉଁଟି ଭୁଲ୍, ତାହା କେବଳ ଜଣେ ଗୁରୁ ହିଁ ଶିଖାଇଥାନ୍ତି। ଆଜିର ପ୍ରତିଯୋଗିତାମୂଳକ ସମୟରେ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଚାପର ବଶବର୍ତ୍ତୀ ହୋଇପଡ଼ନ୍ତି। ଗୁରୁମାନେ ସେମାନଙ୍କୁ ମାନସିକ ସମ୍ବଳ ଯୋଗାଇବା ସହ ସମାଜ ପାଇଁ ଜଣେ ଭଲ ମଣିଷ ଭାବେ ଗଢ଼ିତୋଳନ୍ତି। ଆଜିର ଶିକ୍ଷକମାନେ କେବଳ ବ୍ଲାକବୋର୍ଡ ମଧ୍ୟରେ ସୀମିତ ନାହାନ୍ତି। ସେମାନେ ନିଜେ ବୈଷୟିକ ଜ୍ଞାନକୌଶଳ ଶିଖି ପିଲାମାନଙ୍କୁ ସ୍ମାର୍ଟ ଉପାୟରେ ପଢ଼ାଉଛନ୍ତି। ଆଜିକାଲି ଗୁରୁ ଦିବସ ପାଳନର ଶୈଳୀରେ ଅନେକ ପରିବର୍ତ୍ତନ ଆସିଛି, ଯାହା ଏହାକୁ ଅଧିକ ବ୍ୟାପକ କରିଛି। ଫେସବୁକ୍, ଇନଷ୍ଟାଗ୍ରାମ, ଏବଂ ହ୍ୱାଟ୍ସଆପ୍‌ରେ ଲକ୍ଷ ଲକ୍ଷ ଲୋକ ନିଜ ପ୍ରିୟ ଶିକ୍ଷକମାନଙ୍କ ଫଟୋ ଶେୟାର କରି କୃତଜ୍ଞତା ଜଣାଉଛନ୍ତି। ପିଲାମାନେ ଦୂରରେ ଥିବା ନିଜ ଗୁରୁମାନଙ୍କ ପାଇଁ ସ୍ୱତନ୍ତ୍ର ଭିଡିଓ ଏଡିଟ୍ କରି କିମ୍ବା ଡିଜିଟାଲ୍ କାର୍ଡ ପ୍ରସ୍ତୁତ କରି ପଠାଉଛନ୍ତି।

ଆଜିର ଯୁଗରେ ୟୁଟ୍ୟୁବ୍ ବା ବିଭିନ୍ନ ଏଡୁଟେକ୍ ଆପ୍‌ରେ ପଢ଼ାଉଥିବା ଅନଲାଇନ୍ ଶିକ୍ଷକମାନେ ମଧ୍ୟ ଲୋକପ୍ରିୟ ହୋଇଛନ୍ତି। ଗୁରୁ ଦିବସରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏହି ଡିଜିଟାଲ୍ ଗୁରୁମାନଙ୍କୁ ଲାଇଭ୍ ଚାଟ୍ ଏବଂ କମେଣ୍ଟ ମାଧ୍ୟମରେ ସମ୍ମାନ ଜଣାଉଛନ୍ତି। ଗୁରୁ ଦିବସ ଦିନ ଛାତ୍ରଛାତ୍ରୀମାନେ ଶିକ୍ଷକ ସାଜି ପ୍ରୋଜେକ୍ଟର ଏବଂ ସ୍ମାର୍ଟ ବୋର୍ଡ ବ୍ୟବହାର କରି ପାଠ ପଢ଼ାନ୍ତି, ଯାହା ପାଳନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିଥାଏ। ପୁରୁଣା ଛାତ୍ରଛାତ୍ରୀମାନେ ନିଜ ସ୍କୁଲ୍ ବା କଲେଜକୁ ଫେରି ନିଜର ପୁରୁଣା ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରନ୍ତି ଏବଂ ନିଜ ସଫଳତାର ଶ୍ରେୟ ଦିଅନ୍ତି। ସରକାର ଓ ଶିକ୍ଷା ବିଭାଗ ପକ୍ଷରୁ ଏହି ଦିନ "ଶିକ୍ଷାରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର" ଏବଂ "ଜାତୀୟ ଶିକ୍ଷା ନୀତି" ଉପରେ ଜାତୀୟ ଓ ରାଜ୍ୟ ସ୍ତରୀୟ ଅନଲାଇନ୍ କର୍ମଶାଳା ଆୟୋଜନ କରାଯାଏ, ଯେଉଁଠାରେ ଶିକ୍ଷକମାନେ ପରସ୍ପର ସହ ନୂଆ ଚିନ୍ତାଧାରା ଆଦାନପ୍ରଦାନ କରନ୍ତି।

ଆଧୁନିକ ବିଜ୍ଞାନର ସବୁଠାରୁ ବଡ଼ ଚମତ୍କାର ଏଆଇ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ଏଭଳି ସମୟରେ ଗୁରୁ ଦିବସ ପାଳନର ପ୍ରାସଙ୍ଗିକତାକୁ ନେଇ ଏକ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଗୁରୁ ଦିବସ କେବଳ ପାରମ୍ପରିକ ଶିକ୍ଷକଙ୍କ ପାଇଁ ନା ଏଥିରେ ଏଆଇର ମଧ୍ୟ କିଛି ଭୂମିକା ଅଛି। ଗୁରୁ ଦିବସ ହେଉଛି ଭାବନା, କୃତଜ୍ଞତା ଓ ସମ୍ମାନର ପର୍ବ, ଯାହା କେବଳ ଜଣେ ଜୀବନ୍ତ ମାନବ ଗୁରୁଙ୍କ କ୍ଷେତ୍ରରେ ହିଁ ସମ୍ଭବ। ଗୁରୁ ଦିବସରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ପାଦ ଛୁଇଁ ଆଶୀର୍ବାଦ ନିଅନ୍ତି। ଏହି ପବିତ୍ର ଅନୁଭୂତି କୌଣସି ରୋବୋଟ୍ ବା ଚାଟ୍‌ବୋଟ୍ ଠାରୁ ମିଳିବା ଅସମ୍ଭବ। ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଆମେ ଗୁରୁ ଦିବସ ଭାବେ ପାଳନ କରୁ, କାରଣ ସେ ଜଣେ ମଣିଷ ଥିଲେ ଯିଏ ସମାଜକୁ ଚିନ୍ତାଧାରା ଦେଇଥିଲେ। ଏଆଇ କେବଳ ଡାଟା ପ୍ରୋସେସ୍ କରିପାରେ, କିନ୍ତୁ ଆଦର୍ଶବାଦୀ ଚରିତ୍ର ସୃଷ୍ଟି କରିପାରେ ନାହିଁ। ଏଆଇ ଦେଇପାରେ ତଥ୍ୟର ଜ୍ଞାନ, କିନ୍ତୁ ଗୁରୁ ହିଁ ଗଢ଼ନ୍ତି ସଂସ୍କାର ଓ ସମ୍ମାନ। ଆଧୁନିକ ଡିଜିଟାଲ୍ ଯୁଗରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଶିକ୍ଷା କ୍ଷେତ୍ରରେ ଏକ ବିରାଟ ଆହ୍ୱାନ ଓ ପରିବର୍ତ୍ତନ ଆଣିଛି। ଏଭଳି ସମୟରେ 'ମାନବ ଗୁରୁ' ଏବଂ 'ଏଆଇ ଆସିଷ୍ଟାଣ୍ଟ' ମଧ୍ୟରେ ଥିବା ପାର୍ଥକ୍ୟକୁ ନେଇ ସମାଜରେ ଚର୍ଚ୍ଚା ଜୋର୍ ଧରିଛି। ଶିକ୍ଷାଦାନର ଆତ୍ମା ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଏହି ମହାଲଢ଼େଇକୁ ନେଇ ଅନେକ କଥା ବିଚାର କରାଯାଇପାରେ। ଜଣେ ମାନବ ଗୁରୁ ସମ୍ପୂର୍ଣ୍ଣ ଭାବନାତ୍ମକ ଭାବେ ପିଲାଙ୍କୁ ପଢ଼ାନ୍ତି। ପିଲାଟିର ଆଖି ଦେଖି ସେ ତାର ସୁଖ-ଦୁଃଖ ଓ ମାନସିକ ସ୍ଥିତି ବୁଝିପାରନ୍ତି।

ଅପରପକ୍ଷେ, ଏଆଇ ସମ୍ପୂର୍ଣ୍ଣ ଯାନ୍ତ୍ରିକ। ଏହା କେବଳ ପଚରାଯାଇଥିବା ପ୍ରଶ୍ନର ଗାଣିତିକ ବା ତାର୍କିକ ଉତ୍ତର ହିଁ ଦେଇପାରେ। ଶିକ୍ଷକଙ୍କ ସମୟ ସୀମିତ ଥାଏ। ଶ୍ରେଣୀ ଗୃହ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟରେ ହିଁ ତାଙ୍କଠାରୁ ମାର୍ଗଦର୍ଶନ ମିଳିଥାଏ। କିନ୍ତୁ ଏଆଇ ହେଉଛି ୨୪ ଘଣ୍ଟା ଉପଲବ୍ଧ ଏକ ସେବା, ଯାହା ଦିନ ହେଉ ବା ରାତି, ସେକେଣ୍ଡକରେ ଯେକୌଣସି ପ୍ରଶ୍ନର ସମାଧାନ କରିପାରେ। ଜୀବନର ବିଫଳତା ସମୟରେ ପିଠି ଥାପୁଡ଼ାଇ ସାହସ ଦେବା ଏବଂ ଆଗକୁ ବଢ଼ିବାକୁ ପ୍ରେରଣା ଦେବା କେବଳ ମାନବ ଗୁରୁଙ୍କ ପକ୍ଷେ ହିଁ ସମ୍ଭବ। ଏଆଇ କୌଣସି ପିଲାକୁ ଆଗକୁ ବଢ଼ିବାର ଜୀବନ୍ତ ଉତ୍ସାହ ବା ପ୍ରେରଣା ଦେଇପାରିବ ନାହିଁ। ଜଣେ ଶିକ୍ଷକ ନିଜ ବିଷୟ ଏବଂ ଜୀବନର ବାସ୍ତବ ଅନୁଭୂତି ମଧ୍ୟରେ ଶିକ୍ଷା ଦିଅନ୍ତି। ଅନ୍ୟପଟେ, ଏଆଇ ପାଖରେ ବିଶ୍ୱର ସମସ୍ତ ବିଷୟ, ଭାଷା ଓ କୋଡିଂର ଏକ ଅସୀମ ଜ୍ଞାନ ଭଣ୍ଡାର ରହିଛି। ଏଆଇ ହେଉଛି ଆଧୁନିକ ଯୁଗର ଏକ ଶକ୍ତିଶାଳୀ 'ବହି' ବା ଉପକରଣ, କିନ୍ତୁ ମାନବ ଗୁରୁ ହେଉଛନ୍ତି ଶିକ୍ଷାର ପ୍ରକୃତ ମାର୍ଗଦର୍ଶକ। ଏଆଇ ପାଖରେ ବିରାଟ ମସ୍ତିଷ୍କ ଥାଇପାରେ, କିନ୍ତୁ ଗୁରୁଙ୍କ ଭଳି ସ୍ନେହୀ 'ହୃଦୟ' ନାହିଁ। ତେଣୁ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଏଆଇ ଶିକ୍ଷକଙ୍କ ସହଯୋଗୀ ସାଜିପାରେ, କିନ୍ତୁ ତାଙ୍କର ବିକଳ୍ପ କେବେହେଲେ ହୋଇପାରିବ ନାହିଁ।

ଆଜିର ଡିଜିଟାଲ୍ ଯୁଗରେ ଏଆଇ ମାନବ ଗୁରୁଙ୍କ ସ୍ଥାନ ନେଉନାହିଁ, ବରଂ ତାଙ୍କର ଡାହାଣ ହାତ ସାଜୁଛି। ତେଣୁ ଆଧୁନିକ ଗୁରୁ ଦିବସରେ ଶିକ୍ଷକମାନେ ଏଆଇକୁ ସ୍ୱାଗତ କରୁଛନ୍ତି। ଶିକ୍ଷକମାନେ ଏଆଇ ସାହାଯ୍ୟରେ ପିଲାମାନଙ୍କ ପାଇଁ ଭଲ ପ୍ରେଜେଣ୍ଟେସନ୍, ପ୍ରଶ୍ନପତ୍ର ଏବଂ ଆନିମେସନ୍ ପ୍ରସ୍ତୁତ କରୁଛନ୍ତି, ଯାହା ପାଠପଢ଼ାକୁ ସହଜ କରୁଛି। କ୍ଲାସରୁମ୍‌ରେ ଗୁରୁ ପଢ଼ାଇବା ପରେ, ପିଲାମାନେ ଘରେ ଏଆଇ ମାଧ୍ୟମରେ ନିଜ ଦୁର୍ବଳତା ଅନୁଯାୟୀ ପଢ଼ାପଢ଼ି କରୁଛନ୍ତି। ମାନବ ଗୁରୁଙ୍କ ଗୁରୁତ୍ୱ ସର୍ବଦା ଶ୍ରେଷ୍ଠ ଓ ଅଦ୍ୱିତୀୟ ରହିବ। ଏଆଇ ହେଉଛି ଏକ ବହୁତ ଭଲ 'ବହି' ଭଳି, କିନ୍ତୁ ସେହି ବହିକୁ କେମିତି ପଢ଼ିବାକୁ ହେବ ଏବଂ ଜୀବନରେ କେମିତି ପ୍ରୟୋଗ କରିବାକୁ ହେବ, ତାହା କେବଳ ଜଣେ ଗୁରୁ ହିଁ ଶିଖାଇପାରିବେ। ଏଆଇ ପାଖରେ 'ମସ୍ତିଷ୍କ' ଅଛି କିନ୍ତୁ 'ହୃଦୟ' ନାହିଁ। ଶିକ୍ଷାଦାନ ପାଇଁ ହୃଦୟର ସ୍ପର୍ଶ ଏକାନ୍ତ ଆବଶ୍ୟକ।

# ଶ୍ରୀକ୍ଷେତ୍ରରେ ଜନ୍ମାଷ୍ଟମୀ

ଜନ୍ମାଷ୍ଟମୀ (ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ) ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ଓ ପବିତ୍ର ପର୍ବ। ଏହି ଦିନ ଭଗବାନ ବିଷ୍ଣୁଙ୍କ ଅଷ୍ଟମ ଅବତାର ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ଏହା ବିଶେଷ କରି ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ସାରା ଭାରତ ତଥା ଓଡ଼ିଶାରେ ବହୁତ ହସ ଉଲ୍ଲାସର ସହ ପାଳିତ ହୁଏ।

ଦ୍ୱାପର ଯୁଗରେ ମଥୁରାର ଅତ୍ୟାଚାରୀ ରାଜା କଂସର ପାପରୁ ସଂସାରକୁ ମୁକ୍ତି ଦେବା ପାଇଁ ଭଗବାନ ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ। କଂସର ଭଗିନୀ ଦେବକୀ ଓ ବସୁଦେବଙ୍କ ଅଷ୍ଟମ ସନ୍ତାନ ଭାବେ ଶ୍ରୀକୃଷ୍ଣ ମଥୁରାର କାରାଗାରରେ ମଧ୍ୟରାତ୍ରିରେ ଜନ୍ମ ନେଇଥିଲେ। ଏହି ପବିତ୍ର ଅବସରକୁ ମନେ ପକାଇ ପ୍ରତିବର୍ଷ ଜନ୍ମାଷ୍ଟମୀ ପାଳନ କରାଯାଏ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ଦିନ ମହାପ୍ରଭୁଙ୍କର ବିଶେଷ ନୀତିକାନ୍ତି ଅନୁଷ୍ଠିତ ହୁଏ। ମଧ୍ୟରାତ୍ରିରେ କୃଷ୍ଣ ଜନ୍ମ ନୀତି ସମ୍ପନ୍ନ ହେବା ପରେ ପରଦିନ ପ୍ରସିଦ୍ଧ ନନ୍ଦୋତ୍ସବ ପାଳନ କରାଯାଏ। ପ୍ରତିଟି ଓଡ଼ିଆ ଘରେ ବାଳଗୋପାଳଙ୍କ ମୂର୍ତ୍ତି କିମ୍ବା ଫଟୋକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଏ। ଲୋକେ ଦିନସାରା ଉପବାସ ରଖି ମଧ୍ୟରାତ୍ରିରେ ଭଗବାନଙ୍କ ଜନ୍ମ ପରେ ବ୍ରତ ଭାଙ୍ଗନ୍ତି। ଶ୍ରୀକୃଷ୍ଣଙ୍କ ପ୍ରିୟ ମାଖନ, ମିଶ୍ରି, ଖିରି, କାକରା, ଏବଂ ବିଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ କରି ଭୋଗ ଲଗାଯାଏ। ଶ୍ରଦ୍ଧାଳୁମାନେ ଦିନସାରା ନିରାହାର ବ୍ରତ ରଖି ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନ କରନ୍ତି। ମନ୍ଦିର ଏବଂ ଘରଗୁଡ଼ିକୁ ଆଲୋକମାଳା ଓ ଫୁଲରେ ସଜାଯାଏ। ବାଳଗୋପାଳଙ୍କ ପାଇଁ ସୁନ୍ଦର ଝୁଲଣ (ଦୋଳି) ପ୍ରସ୍ତୁତ କରାଯାଏ। ରାତି ୧୨ଟାରେ ଶ୍ରୀକୃଷ୍ଣଙ୍କ ଜନ୍ମ ସମୟରେ ଶଙ୍ଖ, ଘଣ୍ଟ ବଜାଇ ଅଭିଷେକ କରାଯାଏ ଏବଂ ଆରତୀ କରାଯାଏ। ଏହି ପର୍ବ ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। କେତେକ ସ୍ଥାନରେ ଏହି ଅବସରରେ ଦହିହାଣ୍ଡି ଭଙ୍ଗା ଉତ୍ସବ ମଧ୍ୟ ବହୁତ ଧୂମ୍‌ଧାମରେ ଆୟୋଜନ କରାଯାଏ, ଯାହା ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ଏକ ଝଲକ ପ୍ରଦର୍ଶନ କରେ।



ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପାଳନର ଏକ ଅତ୍ୟନ୍ତ ନିଆରା, ଦିବ୍ୟ ଏବଂ ଆଧ୍ୟାତ୍ମିକ ପରମ୍ପରା ରହିଛି। ସାରା ବିଶ୍ୱରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରାଯାଉଥିବା ବେଳେ, ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜେ ଶ୍ରୀକୃଷ୍ଣଙ୍କ ମାତା ଓ ପିତାଙ୍କ ଭୂମିକା ଗ୍ରହଣ କରନ୍ତି। ଶ୍ରୀମନ୍ଦିର ପରମ୍ପରା ଅନୁସାରେ, ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଅବତାର ବୋଲି ଧରାଯାଏ। କିନ୍ତୁ ଜନ୍ମାଷ୍ଟମୀ ଦିନ ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କୁ ଏକ ବିଶେଷ ଭୋଗ ଅର୍ପଣ କରାଯାଏ, ଯାହାକୁ 'ଜେଉଡ଼ ଭୋଗ' କୁହାଯାଏ। ପରମ୍ପରା ଅନୁଯାୟୀ, ଗର୍ଭବତୀ ନାରୀଙ୍କୁ ପ୍ରସବ ପୂର୍ବରୁ ଯେଭଳି ସୁସ୍ୱାଦୁ ଖାଦ୍ୟ ଦିଆଯାଏ, ସେହିପରି ମହାପ୍ରଭୁଙ୍କ ଗର୍ଭକଷ୍ଟ (ପ୍ରସବ ବେଦନା) ଦୂର କରିବା ପାଇଁ ଏହି ଭୋଗ ଲଗାଯାଏ। ଏହାପରେ ମହାପ୍ରଭୁଙ୍କର ଗର୍ଭଧାରଣ ସ୍ୱରୂପ ମେକାପ ସେବକମାନଙ୍କ ଦ୍ୱାରା ଗୁପ୍ତ ସେବା କରାଯାଏ। ସନ୍ଧ୍ୟା ଆଳତି ଓ ସନ୍ଧ୍ୟା ଧୂପ ନୀତି ସରିବା ପରେ, ଶ୍ରୀମନ୍ଦିରର ଜୟ ବିଜୟ ଦ୍ୱାର ବନ୍ଦ କରାଯାଏ। ଭଗବାନଙ୍କ ଗୁପ୍ତ ଜନ୍ମ ନୀତି ପାଇଁ ସର୍ବସାଧାରଣ ଦର୍ଶନ ପ୍ରାୟ ୫ ଘଣ୍ଟା ପାଇଁ ସ୍ଥଗିତ ରହେ।

**ମହାପ୍ରଭୁ ସାଜିବେ ମାତାପିତା ଅନୁଷ୍ଠିତ ହୁଏ ନାଭିକଟା ନୀତି**

# ଓଡ଼ିଶାର 'ମିନି ମୁମ୍ବାଇ'

## ଜଟଣୀରେ ଜମିବ ଗଣେଶ ମହୋତ୍ସବ



ଗଣେଶ ପୂଜା (ବିନାୟକ ଚତୁର୍ଥୀ) ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ଓ ପବିତ୍ର ପର୍ବ। ପ୍ରତିବର୍ଷ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ବିଦ୍ୟାର ଦେବତା ପ୍ରଭୁ ଶ୍ରୀ ଗଣେଶଙ୍କର ପୂଜା ଅତ୍ୟନ୍ତ ନିଷ୍ଠାର ସହ ପାଳନ କରାଯାଏ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ, ପ୍ରଭୁ ଗଣେଶ ହେଉଛନ୍ତି ଶିବ ଓ ପାର୍ବତୀଙ୍କ ପୁତ୍ର। ସେ ବିଘ୍ନହର୍ତ୍ତା (ସମସ୍ତ ବାଧାବିଘ୍ନ ଦୂର କରୁଥିବା ଦେବତା) ଏବଂ ସୁଖ-ସମୃଦ୍ଧିର ଦାତା। ଯେକୌଣସି ଶୁଭ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗଣେଶଙ୍କୁ ପ୍ରଥମେ ପୂଜା କରାଯାଏ, ସେଥିପାଇଁ ତାଙ୍କୁ 'ପ୍ରଥମ ପୂଜ୍ୟ' କୁହାଯାଏ। ଏହି ଦିନ ଗଣେଶଙ୍କ ଜନ୍ମ ହୋଇଥିବାରୁ ଏହାକୁ ଜନ୍ମୋତ୍ସବ ଭାବେ ପାଳନ କରାଯାଏ। ଓଡ଼ିଶାରେ ଗଣେଶ ପୂଜା ବିଶେଷ କରି ସ୍କୁଲ, କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବହୁତ ଉତ୍ସାହର ସହ ପାଳିତ ହୁଏ। ଗଣେଶଙ୍କୁ ବିଦ୍ୟା ଓ ବୁଦ୍ଧିର ଦେବତା କୁହାଯାଉଥିବାରୁ ଛାତ୍ରଛାତ୍ରୀମାନେ ନୂଆ ପୋଷାକ ପିନ୍ଧି ତାଙ୍କର ଆଶୀର୍ବାଦ ଭିକ୍ଷା କରନ୍ତି। ଏହି ଦିନ ଖାତା, ବହି ଏବଂ କଲମକୁ ଭଗବାନଙ୍କ ପାଖରେ ରଖି ପୂଜା କରାଯାଏ। ପୂଜା ଦିନ ସକାଳୁ ସ୍ନାନ ସାରି ପବିତ୍ର ମଣ୍ଡପରେ ଭଗବାନ ଗଣେଶଙ୍କ ମୂର୍ତ୍ତି କିମ୍ବା ଫଟୋ ସ୍ଥାପନ କରାଯାଏ। ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ କରାଯାଇ ପ୍ରାଣ ପ୍ରତିଷ୍ଠା ଓ ଷୋଡ଼ଶୋପଚାର ପୂଜା କରାଯାଏ।



ଶ୍ରୀଗଣେଶଙ୍କୁ ଦୁବଘାସ (ଦୂର୍ବା) ଅତ୍ୟନ୍ତ ପ୍ରିୟ। ଏହା ସହିତ ନାଲି ଫୁଲ, ଚନ୍ଦନ ଓ ସିନ୍ଦୂର ଚଢ଼ାଯାଏ। ଗଣେଶଙ୍କର ସବୁଠାରୁ ପ୍ରିୟ ଖାଦ୍ୟ ହେଉଛି ଲଡୁ ଓ ମୋଦକ। ଏହା ସହିତ ବିଭିନ୍ନ ପ୍ରକାରର ଫଳମୂଳ, ଚୁଡ଼ାଘସା ଓ ଭୋଗ ଅର୍ପଣ କରାଯାଏ। ଆଜିକାଲି ଗାଁଠୁ ସହର ସବୁଠି ବଡ଼ ବଡ଼ ପେଣ୍ଡାଲ୍ କରି ଗଣେଶ ପୂଜା କରାଯାଉଛି। ବିଶେଷ କରି ମହାରାଷ୍ଟ୍ରରେ ଏହା ସବୁଠାରୁ ବଡ଼ ପର୍ବ (ଗଣେଶୋତ୍ସବ) ଯାହା ୧୦ ଦିନ ଧରି ଚାଲେ। ଓଡ଼ିଶାର ଜଟଣୀ ଓ ଭୁବନେଶ୍ୱର ପରି ସହରରେ ମଧ୍ୟ ବହୁତ ଜାକଜମକରେ ଗଣେଶ ପୂଜା ଓ ମେଢ଼ ଦେଖିବାକୁ ମିଳେ।

ପୂଜା ଶେଷ ହେବା ପରେ (କେତେକ ସ୍ଥାନରେ ସେହି ଦିନ, ଅନ୍ୟ କେତେକ ସ୍ଥାନରେ ୩, ୫ କିମ୍ବା ୧୦ ଦିନ ପରେ) ଗଣେଶଙ୍କ ମୂର୍ତ୍ତିକୁ ଏକ ବଡ଼ ଶୋଭାଯାତ୍ରାରେ ନିଆଯାଇ ନଦୀ କିମ୍ବା ପୁଷ୍କରିଣୀରେ ବିସର୍ଜନ କରାଯାଏ। ଏହି ସମୟରେ "ଗଣପତି ବାପ୍ପା ମୋରିୟା" ଧ୍ୱନିରେ ସାରା ପରିବେଶ ପ୍ରକମ୍ପିତ ହୋଇଉଠେ।

ଗଣେଶ ପୂଜାର ଆଧ୍ୟାତ୍ମିକ ମାହାତ୍ମ୍ୟ ଏବଂ ଏହା କେଉଁ ସବୁ ସ୍ଥାନରେ ସବୁଠାରୁ ବଡ଼ ଆକାରରେ ପାଳନ କରାଯାଏ। ଭଗବାନ ଗଣେଶଙ୍କୁ 'ବିଘ୍ନହର୍ତ୍ତା' କୁହାଯାଏ। ମାହାତ୍ମ୍ୟ ଅନୁଯାୟୀ, ଶ୍ରୀ ଗଣେଶଙ୍କୁ ସନ୍ତୁଷ୍ଟ କଲେ ଜୀବନର ସମସ୍ତ ବାଧାବିଘ୍ନ, ସଂକଟ ଓ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ସେଥିପାଇଁ ଯେକୌଣସି ପୂଜା, ବ୍ରତ ବା ଶୁଭ କାର୍ଯ୍ୟର ଆରମ୍ଭରେ ତାଙ୍କୁ ପ୍ରଥମେ ଆବାହନ କରାଯାଏ। ସେ ହେଉଛନ୍ତି ଜ୍ଞାନ, ବୁଦ୍ଧି, ବିଦ୍ୟା ଏବଂ ସମୃଦ୍ଧିର ଦେବତା। ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କ ପାଇଁ ଏହି ପୂଜାର ବିଶେଷ ଗୁରୁତ୍ୱ ରହିଛି। ଏହି ପର୍ବ ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରିଥାଏ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଲୋକଙ୍କୁ ଏକଜୁଟ କରିବା ପାଇଁ ବାଲ ଗଙ୍ଗାଧର ତିଲକ ଏହି ପୂଜାକୁ ଏକ ସାର୍ବଜନୀନ ମହୋତ୍ସବର ରୂପ ଦେଇଥିଲେ। ଗଣେଶ ପୂଜା ସାରା ଭାରତରେ ପାଳିତ ହେଉଥିଲେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଏହା ଅତ୍ୟନ୍ତ ବ୍ୟାପକ ଓ ଜାକଜମକରେ ପାଳନ କରାଯାଏ। ସାରା ବିଶ୍ୱରେ ମହାରାଷ୍ଟ୍ରର ଗଣେଶୋତ୍ସବ ସବୁଠାରୁ ପ୍ରସିଦ୍ଧ। ବିଶେଷ କରି ମୁମ୍ବାଇର 'ଲାଲବାଗଚା ରାଜା' ମଣ୍ଡପରେ କୋଟି କୋଟି ଭକ୍ତ ଏବଂ ବଡ଼ ବଡ଼ ସେଲିବ୍ରିଟି ଭିଡ଼ ଜମାନ୍ତି। ଏଠାରେ ୧୦ ଦିନ ଧରି ମହୋତ୍ସବ ଚାଲେ। ହାଇଦ୍ରାବାଦର 'ଖୈରତାବାଦ ଗଣେଶ' ମୂର୍ତ୍ତି ଏହାର ବିଶାଳ ଉଚ୍ଚତା ପାଇଁ ସାରା ଦେଶରେ ଜଣାଶୁଣା। ଏଠାରେ ପ୍ରତିବର୍ଷ ପ୍ରଭୁଙ୍କର ଏକ ବିଶାଳକାୟ ମୂର୍ତ୍ତି ନିର୍ମାଣ କରାଯାଏ। କର୍ଣ୍ଣାଟକ ଓ ଗୋଆ ଏହି ଦୁଇ ରାଜ୍ୟରେ ମଧ୍ୟ ପାରମ୍ପରିକ ରୀତିନୀତିରେ ବହୁତ ବଡ଼ ଆକାରରେ ଗଣପତିଙ୍କ ପୂଜା କରାଯାଏ। ଓଡ଼ିଶାରେ ସ୍କୁଲ-କଲେଜ ବ୍ୟତୀତ ସାର୍ବଜନୀନ ଭାବେ କେତେକ ନିର୍ଦ୍ଦିଷ୍ଟ ସହରରେ ଗଣେଶ ପୂଜା ବହୁତ ଧୁମ୍‌ଧାମରେ ହୁଏ। ଓଡ଼ିଶାରେ ଜଟଣୀର ଗଣେଶ ପୂଜା ସବୁଠାରୁ ପ୍ରସିଦ୍ଧ ଓ ବଡ଼। ଏଠାରେ ବିଭିନ୍ନ ତୋରଣ (ପେଣ୍ଡାଲ) କରାଯାଇ ପ୍ରାୟ ୧୧ ଦିନ ଧରି ମେଳା ଚାଲେ। ରାଜଧାନୀ ଭୁବନେଶ୍ୱର ଏବଂ କଟକ ସହରରେ ବଡ଼ ବଡ଼ ଆକର୍ଷଣୀୟ ମୂର୍ତ୍ତି ଓ ଆଲୋକମାଳା ସହ ଗଣେଶ ପୂଜା ପାଳନ କରାଯାଏ। ସ୍ଥାନୀୟ କ୍ଲବ ଓ ବଜାର କମିଟି ଗୁଡ଼ିକ ଏହାକୁ ବଡ଼ ଆକାରରେ ଆୟୋଜନ କରନ୍ତି। ପୁରୀ ଶ୍ରୀମନ୍ଦିର ପରିସରରେ ଥିବା 'ବାଟ ଗଣେଶ'ଙ୍କ ପାଖରେ ଏବଂ ସହରର ବିଭିନ୍ନ ସାହିରେ ମଧ୍ୟ ଏହି ପୂଜା ବେଶ ନିଷ୍ଠାର ସହ ପାଳିତ ହୁଏ। ଓଡ଼ିଶାରେ ସାର୍ବଜନୀନ ଗଣେଶ ପୂଜା ପାଇଁ ସବୁଠାରୁ ପ୍ରସିଦ୍ଧ ସ୍ଥାନ ହେଉଛି ଖୋର୍ଦ୍ଧା ଜିଲ୍ଲାର ଜଟଣୀ। ଜଟଣୀର ସାର୍ବଜନୀନ ଗଣେଶ

## ୧୦୦ ବର୍ଷର ପରମ୍ପରା

ପୂଜାର ଇତିହାସ ପ୍ରାୟ ୧୦୦ ବର୍ଷରୁ ଅଧିକ ପୁରୁଣା ଏବଂ ଏହା ପଛରେ ଏକ ସୁନ୍ଦର କାହାଣୀ ରହିଛି। ଇତିହାସ ଅନୁଯାୟୀ, ଗତ ଶତାବ୍ଦୀର ପ୍ରାରମ୍ଭରେ ଦୀନବନ୍ଧୁ ସାହୁ ନାମକ ଜଣେ ସ୍ଥାନୀୟ ଛୋଟ ବ୍ୟବସାୟୀ ପ୍ରଥମେ ନିଜ ଦୁକାନରେ ଏକ ଛୋଟ ମାଟିର ଗଣେଶ ମୂର୍ତ୍ତି ସ୍ଥାପନ କରି ପୂଜା ଆରମ୍ଭ କରିଥିଲେ। ଧୀରେ ଧୀରେ ଏହା ସ୍ଥାନୀୟ ବ୍ୟବସାୟୀ ସଂଘ ଓ ଲୋକଙ୍କୁ ଆକୃଷ୍ଟ କଲା। ଜଟଣୀ (ଖୋର୍ଦ୍ଧା ରୋଡ଼) ଏକ ପ୍ରମୁଖ ରେଳବାଇ ଜଙ୍କସନ ଏବଂ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ଏଠାକାର ରେଳ କର୍ମଚାରୀ ଓ ବାହାରୁ ଆସିଥିବା ମାରୱାଡ଼ି ଓ ଗୁଜରାଟୀ ବ୍ୟବସାୟୀମାନେ ଏହି ପୂଜାକୁ ବଡ଼ ଆକାରରେ କରିବାକୁ ସହଯୋଗ କଲେ। ସାରା ଓଡ଼ିଶାରେ ଗଣେଶ ପୂଜା ସାଧାରଣତଃ ଗୋଟିଏ ବା ଦୁଇ ଦିନ ହେଉଥିବା ବେଳେ, ଜଟଣୀରେ ଏହା ୧୧ ଦିନ ଧରି ପାଳନ କରାଯାଏ। ଏହା ବମ୍ବେ (ମୁମ୍ବାଇ) ର ଗଣେଶୋତ୍ସବ ଶୈଳୀ ଦ୍ୱାରା ଅନୁପ୍ରାଣିତ।

ପ୍ରସ୍ତୁତି : ସତ୍ୟଜିତ୍ ମହାପାତ୍ର (ସାମ୍ବାଦିକ)
ଅଳଙ୍କରଣ : ମାନସ ରଞ୍ଜନ ମୁଦୁଲି



ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

## କଳାବଜାରୀଙ୍କ ଉପରେ କୃଷି ବିଭାଗର ଚାବୁକ୍

# ରାଜ୍ୟରେ ୯୬ ସାର ଲାଇସେନ୍ସ ବାତିଲ, ୧୭୦ ନିଲମ୍ବିତ



**୧୧ ହଜାରରୁ ଅଧିକ ଦୋକାନରେ ଚଢ଼ାଉ**

**୭ ଡିଲରଙ୍କ ବିରୋଧରେ ମାମଲା**

କନ୍ଧମାଳ, ୦୫/୦୯ (ଜେଏନ୍ଏସ୍): ଓଡ଼ିଶାରେ ଚଳିତ ଖରିଫ୍ ଋତୁ ମଧ୍ୟରେ ସାରର ଅଭାବୀ ବିକ୍ରି, କଳାବଜାରୀ ଏବଂ ହୋର୍ଡିଂ ରୋକିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି. ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଚାଷୀମାନଙ୍କୁ ସଠିକ୍ ମୂଲ୍ୟରେ ଏବଂ ସହଜରେ ସାର ଯୋଗାଇଦେବା ପାଇଁ ଏହି ଦଣ୍ଡବିଧାନମୂଳକ ପଦକ୍ଷେପ ନିଆଯାଇଛି। ରାଜ୍ୟ ବ୍ୟାପୀ ଚାଲିଥିବା ଏହି ସ୍ପେଶାଲ୍ ଡ୍ରାଇଭ୍ ଅଧୀନରେ ବର୍ତ୍ତମାନ ସୁଦ୍ଧା ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ହୋଇଛି । ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ବ୍ଲକ୍ ସ୍ତରୀୟ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ୧୧,୬୮୪ଟି ସାର ଦୋକାନ ଏବଂ ଗୋଦାମଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି। ନିୟମ ଉଲ୍ଲଂଘନ ଏବଂ କଳାବଜାରୀ ଅଭିଯୋଗରେ ୯୬ ଜଣ ଡିଲରଙ୍କ ଲାଇସେନ୍ସ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଛି । ଅନିୟମିତତା ପାଇଁ ୧୭୦ ଜଣ ବ୍ୟବସାୟୀଙ୍କ ଲାଇସେନ୍ସକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ସନ୍ଦେହଜନକ କାର୍ଯ୍ୟକଳାପ ଯୋଗୁଁ ୩୨୧ ଜଣ ବ୍ୟବସାୟୀଙ୍କୁ ସାର ବିକ୍ରି କରିବା ପାଇଁ ବାରଣ କରାଯାଇଛି । ନିୟମ ପାଳନ ନକରିବା ହେତୁ ୨,୭୭୪ ଜଣ ବ୍ୟବସାୟୀମାନଙ୍କୁ କୈଫିୟତ ମଗାଯାଇଛି । ଅତ୍ୟଧିକ ସାର ଗଚ୍ଛିତ ରଖିଥିବା ଅଭିଯୋଗରେ ୧୨ ଜଣଙ୍କ ଷ୍ଟକ୍ ଜବତ ହୋଇଛି ଏବଂ ୭ ଜଣ ଡିଲରଙ୍କ ବିରୋଧରେ କ୍ରିମିନାଲ୍ କେସ୍ ରୁଜୁ ହୋଇଛି । ଅଗଷ୍ଟ ୨୯ରେ କନ୍ଧମାଳ ପ୍ରଶାସନ ଓ ପୋଲିସର ମିଳିତ ଚଢ଼ାଉରେ 'ମା' ସାବିତ୍ରୀ ଏଗ୍ରୋ ଏଜେନ୍ସି'ରୁ ୭୦୦ ବସ୍ତା ବେଆଇନ ଡିଏପି ସାର ଜବତ କରାଯାଇ ଦୋକାନର ଲାଇସେନ୍ସ ରଦ୍ଦ କରାଯାଇଛି । ସେହିପରି ବୌଦ୍ଧ ଅନ୍ତର୍ଗତ ମନମୁଣ୍ଡା ବ୍ଲକର ବିଭିନ୍ନ ସାର ଆଉଟଲେଟ୍ ଉପରେ ଚଢ଼ାଉ କରାଯାଇ ଚାଷୀମାନଙ୍କ ବୟାନ ରେକର୍ଡ କରାଯାଉଛି । କୃଷି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ରହିଛି । ଯାତ୍ରୀ କିମ୍ବା ଚାଷୀମାନେ କୌଣସି ଗୁଜବରେ ନପଡ଼ି କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲରଙ୍କ ଠାରୁ ଧାର୍ଯ୍ୟ ସରକାରୀ ମୂଲ୍ୟରେ ସାର କ୍ରୟ କରିବାକୁ ଅନୁରୋଧ କରାଯାଇଛି ।

# ବିଜୁ ପଟ୍ଟନାୟକ ବିମାନବନ୍ଦରକୁ ନେଇ ମୁହାଁମୁହିଁ ଶାସକ-ବିରୋଧୀ





**'ହୁବଲି' ସହ ଭୁବନେଶ୍ୱର ବିମାନବନ୍ଦର ମିଶ୍ରଣକୁ ବିଜେଡିର ଆପତ୍ତି**

**ଓଡ଼ିଶା ସ୍ୱାର୍ଥ ରକ୍ଷା ହେବ ବୋଲି କହିଲା ବିଜେପି**

ଭୁବନେଶ୍ୱର,୦୫/୦୯ (ଜେଏନ୍ଏସ୍): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଘରୋଇକରଣ କିମ୍ବା ଲିଜ୍ ପ୍ରସଙ୍ଗକୁ ନେଇ ଓଡ଼ିଶା ରାଜନୀତିରେ ତୀବ୍ର ବିବାଦ ଏବଂ ବାଦବିବାଦ ଦେଖାଦେଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର କେତେକ ପ୍ରମୁଖ ବିମାନବନ୍ଦରକୁ ପବ୍ଲିକ-ପ୍ରାଇଭେଟ୍ ପାର୍ଟନରସିପ୍ ମଡେଲ୍‌ରେ ୫୦ ବର୍ଷ ପାଇଁ ଲିଜ୍‌ରେ ଦେବାକୁ ଯୋଜନା ଚାଲିଥିବା ଖବର ଆସିବା ପରେ ଏହି ବିତର୍କ ଆରମ୍ଭ ହୋଇଛି। କେନ୍ଦ୍ର ସରକାରଙ୍କ ନୂଆ ନୀତି ଅନୁଯାୟୀ, ଏକ ଅଧିକ ଲାଭଜନକ ବିମାନବନ୍ଦର ସହିତ ଏକ କମ୍ ଲାଭଜନକ କିମ୍ବା ଛୋଟ ବିମାନବନ୍ଦରକୁ ଏକାଠି ମିଶାଇ ଘରୋଇ ସଂସ୍ଥାକୁ ଲିଜ୍ ଦିଆଯିବ। ଏହି ଯୋଜନାରେ ଭୁବନେଶ୍ୱର ବିମାନବନ୍ଦରକୁ କର୍ଣ୍ଣାଟକର ହୁବଲି ବିମାନବନ୍ଦର ସହିତ ମିଶାଇ ଲିଜ୍ ଦେବାକୁ ପ୍ରସ୍ତାବ ରହିଛି। ଏହାଦ୍ୱାରା ଘରୋଇ ସଂସ୍ଥା ବଡ଼ ବିମାନବନ୍ଦରରୁ ଲାଭ ପାଇବା ସହ ଛୋଟ ବିମାନବନ୍ଦରର ବିକାଶ ପାଇଁ ନିବେଶ କରିବ। ରାଜ୍ୟର ବିରୋଧୀ ଦଳଗୁଡ଼ିକ ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଛନ୍ତି ଏବଂ ଏହାକୁ 'ଓଡ଼ିଶା ସ୍ୱାର୍ଥ ବିରୋଧୀ' ବୋଲି ଅଭିହିତ କରିଛନ୍ତି। ବିଜେଡି ନେତା ଅଦିବ୍ୟ ଶଙ୍କର ମିଶ୍ର କହିଛନ୍ତି ଯେ, ସାଧାରଣତଃ କ୍ଷତିରେ ଚାଲୁଥିବା ସରକାରୀ ସଂସ୍ଥାର ଘରୋଇକରଣ କରାଯାଏ। କିନ୍ତୁ ଭୁବନେଶ୍ୱର ବିମାନବନ୍ଦର ବାର୍ଷିକ ପ୍ରାୟ ୧୫୦ ରୁ ୨୦୦ କୋଟି ଟଙ୍କାର ଲାଭ କରୁଥିବା ବେଳେ ଏହାକୁ ଘରୋଇ ସଂସ୍ଥାକୁ ଟେକିଦେବା ଅଯୌକ୍ତିକ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହି ବିମାନବନ୍ଦରର ମୂଲ୍ୟ ପ୍ରାୟ ୫,୦୦୦ ରୁ ୭,୦୦୦ କୋଟି ଟଙ୍କା ହେବ। ଏହାର ଘରୋଇକରଣ ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ବିଜେଡି ରାଜପଥକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ମଧ୍ୟ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି । ଯେ ରାଜ୍ୟର ମୂଲ୍ୟବାନ ସରକାରୀ ସମ୍ପତ୍ତିକୁ ପୁଞ୍ଜିପତିଙ୍କ ହାତକୁ ଟେକି ଦିଆଯାଉଛି। ବଢ଼ୁଥିବା ରାଜନୈତିକ ବିବାଦ ମଧ୍ୟରେ ଓଡ଼ିଶା ସରକାରଙ୍କ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ପଷ୍ଟୀକରଣ ରଖିଛନ୍ତି ରାଜ୍ୟ ସରକାରଙ୍କ ପାଖକୁ ଭୁବନେଶ୍ୱର ବିମାନବନ୍ଦର ଲିଜ୍ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ସିଭିଲ୍ ଆଭିଏସନ୍ ମନ୍ତ୍ରାଳୟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ କିମ୍ବା ନିର୍ଦ୍ଦିଷ୍ଟ ପ୍ରସ୍ତାବ ଆସିନାହିଁ। କେନ୍ଦ୍ର ସରକାର ଦେଶର ବିମାନବନ୍ଦରଗୁଡ଼ିକର ବିଶ୍ୱସ୍ତରୀୟ ବିକାଶ ଓ ପରିଚାଳନା ପାଇଁ ବ୍ୟାପକ ଯୋଜନା କରୁଛନ୍ତି। ତେବେ ବିଜେପି ସରକାର ଓଡ଼ିଶାର ସ୍ୱାର୍ଥ ଏବଂ ଜନସାଧାରଣଙ୍କ ଭାବନା ବିରୋଧରେ କୌଣସି ପଦକ୍ଷେପ ନେବେ ନାହିଁ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ରାଉରକେଲା ସର୍କିଟ୍ ହାଉସ୍ ବନ୍ଧୁକ ଜବତ ଘଟଣା

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ରିପୋର୍ଟରେ ବିଳମ୍ବ, ବଢୁଛି ସନ୍ଦେହ

ରାଉରକେଲା.୦୫/୦୯ (ଜେଏନ୍ଏସ୍): ରାଉରକେଲା ପାନପୋଷ ସର୍କିଟ୍ ହାଉସ୍‌ରୁ ବନ୍ଧୁକ ଏବଂ ଗୁଳି ଜବତ ଘଟଣାରେ ପ୍ରଶାସନିକ ଓ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ଏକ ବଡ଼ ଚର୍ଚ୍ଚା ସାମ୍ନାକୁ ଆସିଛି। ଏହି ହାଇ-ପ୍ରୋଫାଇଲ୍ ମାମଲାରେ ସର୍କିଟ୍ ହାଉସର ରୁମ୍ ବୁକିଂ ଏବଂ ପ୍ରଶାସନିକ ଅବହେଳାକୁ ନେଇ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଚୂଡ଼ାନ୍ତ ରିପୋର୍ଟ ମିଳିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ସର୍କିଟ୍ ହାଉସର ସମସ୍ତ ପରିଚାଳନା



ଏବଂ ରୁମ୍ ଆଲଟମେଣ୍ଟ ଦାୟିତ୍ୱ ପାନପୋଷ ଉପଜିଲ୍ଲାପାଳ (କ୍ରାନ୍ତି କୁମାର ମଲ୍ଲିକ) ଏବଂ ନିଜାରତ ଅଫିସରଙ୍କ ଅଧୀନରେ ରହିଥାଏ। ରାଉରକେଲା ପୋଲିସ ଏବଂ ଏସପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ, ସର୍କିଟ୍ ହାଉସର ଲଗ୍ ବୁକ୍, ସିସିଟିଭି ଫୁଟେଜ୍ ଏବଂ ଏସଓପି ପାଳନ ସମ୍ପର୍କିତ ଏକ ଚୂଡ଼ାନ୍ତ ଏବଂ ବିସ୍ତୃତ ରିପୋର୍ଟ ମଗାଯାଇଥିଲା। ଅପରାଧୀମାନେ ପ୍ରାୟ ୨୩ ରୁ ୨୫ ଦିନ ଧରି ସେଠାରେ କେମିତି ରହିଲେ, କାହା ନାଁରେ ରୁମ୍ ବୁକ୍ ହୋଇଥିଲା ଏବଂ କେଉଁ ପରିସ୍ଥିତିରେ ଏଭଳି ସୁରକ୍ଷା ଗଳାବାଟ ସୃଷ୍ଟି ହେଲା, ସେ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଚୂଡ଼ାନ୍ତ ପ୍ରଶାସନିକ ରିପୋର୍ଟ ପୋଲିସ ନିକଟରେ ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଅଗଷ୍ଟ ମାସ ମଧ୍ୟଭାଗରେ ସର୍କିଟ ହାଉସର ରୁମ୍ ନମ୍ବର ୧୦୭ ଏବଂ ୧୧୧ ଉପରେ ଚଢ଼ାଉ କରାଯାଇ ବେଆଇନ ମାରଣାସ୍ତ୍ର ଓ ଜୀବନ୍ତ ଗୁଳି ଜବତ କରାଯାଇଥିଲା। ଏହି ସର୍କିଟ ହାଉସର ରକ୍ଷଣାବେକ୍ଷଣ ଏକ ପ୍ରାଇଭେଟ୍ ଆଉଟସୋର୍ସିଂ ଏଜେନ୍ସିକୁ ଦିଆଯାଇଛି। ଅପରାଧୀଙ୍କୁ ଆଶ୍ରୟ ଦେବାରେ ସେହି ସଂସ୍ଥାର କୌଣସି କର୍ମଚାରୀ ସାମିଲ ଅଛନ୍ତି କି ନାହିଁ, ସେ ନେଇ ମଧ୍ୟ ଖୋଳତାଳ ଚାଲିଛି। ଏହି ମାମଲାରେ ମୁଖ୍ୟ କିଙ୍ଗପିନ୍ ପ୍ରକାଶ ପାଶୱାନଙ୍କୁ ବିହାରରୁ ଗିରଫ କରାଯିବା ପରେ ତାଙ୍କର ଦୁଇ ସହଯୋଗୀଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୨ରେ ପହଞ୍ଚିଛି। ପ୍ରକାଶଙ୍କ ନାମରେ ପୂର୍ବରୁ ପ୍ରାୟ ୨୦ଟି ଅପରାଧିକ ମାମଲା ରହିଛି। ଅପରାଧୀମାନେ ଜଣେ ସ୍ଥାନୀୟ ପ୍ରଭାବଶାଳୀ ରାଜନୈତିକ ନେତାଙ୍କ ସହାୟତାରେ ରୁମ୍ ପାଇଥିବା ଅଭିଯୋଗ ହେଉଛି। ଏହି ଘଟଣାକୁ ନେଇ କଂଗ୍ରେସ ଏବଂ ବିରୋଧୀ ଦଳଗୁଡ଼ିକ ସୁରକ୍ଷା ବ୍ୟବସ୍ଥାରେ ଏତେ ବଡ଼ ତ୍ରୁଟି ପାଇଁ ରାଜ୍ୟ ସରକାର ଓ ପ୍ରଶାସନକୁ ଘେରିବା ସହ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଇସ୍ତଫା ଦାବି କରିଛନ୍ତି। ପୋଲିସ କହିବା ଅନୁଯାୟୀ, ଉପଜିଲ୍ଲାପାଳଙ୍କ ସରକାରୀ ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍‌ର ଯାଞ୍ଚ ପରେ ଏହି ମାମଲାରେ ସମ୍ପୃକ୍ତ ଥିବା କିଛି ବଡ଼ ଚେହେରା ଓ ଅଫିସରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଶାରେ ଷ୍ଟାର୍ ଏୟାର୍‌ର ବିମାନ ସେବା





**ସପ୍ତାହକୁ ୬ ଦିନ ମିଳିବ ସୁବିଧା**

ଭୁବନେଶ୍ୱର,୦୫/୦୯ (ଜେଏନ୍ଏସ୍):ସଞ୍ଜୟ ଘୋଡ଼ାୱାତ ଗ୍ରୁପ୍‌ର ବିମାନ ସେବା ସଂସ୍ଥା 'ଷ୍ଟାର୍ ଏୟାର୍' ଓଡ଼ିଶା ଏବଂ ପୂର୍ବ ଭାରତରେ ଆଞ୍ଚଳିକ ବିମାନ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ୨୪ଟି ନୂଆ ସାପ୍ତାହିକ ବିମାନ ଚଳାଚଳ ଘୋଷଣା କରିଛି. ଏହି ନୂତନ ସେବା ୪ ସେପ୍ଟେମ୍ବର ୨୦୨୬ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ପ୍ରସାରଣ ଅଧୀନରେ ତେଲେଙ୍ଗାନାର ହାଇଦ୍ରାବାଦ ଏବଂ ଓଡ଼ିଶାର ଭୁବନେଶ୍ୱର ମଧ୍ୟରେ ଏକ ସିଧାସଳଖ ବିମାନ ସେବା ଆରମ୍ଭ କରାଯାଉଛି। ଏହା ଦ୍ୱାରା ଦୁଇଟି ପ୍ରମୁଖ ବ୍ୟବସାୟିକ ଓ ଆଇଟି ହବ୍ ମଧ୍ୟରେ ଯାତ୍ରା ସମୟ ବହୁତ କମିଯିବ। ପୂର୍ବରୁ ସ୍ଥଗିତ ଥିବା ଭୁବନେଶ୍ୱର ଏବଂ ଓଡ଼ିଶାର ଶିଳ୍ପ ସମୃଦ୍ଧ ସହର ଝାରସୁଗୁଡ଼ା ମଧ୍ୟରେ ବିମାନ ସେବାକୁ ପୁନର୍ବାର ଆରମ୍ଭ କରାଯାଉଛି । ଏହା ଆଭ୍ୟନ୍ତରୀଣ ଓଡ଼ିଶାର ଯୋଗାଯୋଗକୁ ବୃଦ୍ଧି କରିବ। ଏହି ବିମାନଗୁଡ଼ିକ ସପ୍ତାହକୁ ୬ ଦିନ ଚାଲିବ। ପ୍ରତି ବୁଧବାରକୁ ଛାଡ଼ି ଏହି ସେବା ସୋମବାର, ମଙ୍ଗଳବାର, ଗୁରୁବାର, ଶୁକ୍ରବାର, ଶନିବାର ଏବଂ ରବିବାର ଉପଲବ୍ଧ ହେବ । ହାଇଦ୍ରାବାଦରେ ପାଠ ପଢୁଥିବା ଓଡ଼ିଆ ଛାତ୍ର ଏବଂ ସେଠାରେ କାମ କରୁଥିବା ଆଇଟି ବୃତ୍ତିଜୀବୀମାନେ ଏହା ଦ୍ୱାରା ବିଶେଷ ଉପକୃତ ହେବେ । ପଶ୍ଚିମ ଓଡ଼ିଶାର ଶିଳ୍ପାଞ୍ଚଳ (ଝାରସୁଗୁଡ଼ା ଓ ସମ୍ବଲପୁର) ସହିତ ରାଜଧାନୀ ଭୁବନେଶ୍ୱରର ସିଧାସଳଖ ସଂଯୋଗ ବ୍ୟବସାୟିକ କାରବାରକୁ ତ୍ୱରାନ୍ୱିତ କରିବ । ଏହି ସେବା ଦ୍ୱାରା ହାଇଦ୍ରାବାଦରୁ ଆସୁଥିବା ପର୍ଯ୍ୟଟକମାନେ ସହଜରେ ପୁରୀ ଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ପଶ୍ଚିମ ଓଡ଼ିଶାର ହୀରାକୁଦ ବନ୍ଧ ଓ ସମଲେଶ୍ୱରୀ ମନ୍ଦିର ପରି ଦର୍ଶନୀୟ ସ୍ଥାନ ଭ୍ରମଣ କରିପାରିବେ।

# ନୟାଗଡ଼ ଇଥାନଲ୍ ପ୍ଲାଣ୍ଟରେ ନିଆଁ



ନୟାଗଡ଼,୦୫/୦୯ (ଜେଏନ୍ଏସ୍):ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ ଗାତେରୀ ଗାଁ ନିକଟରେ ଥିବା ଏକ ନିର୍ମାଣାଧୀନ ଇଥାନଲ୍ ପ୍ଲାଣ୍ଟରେ ଗତକାଲି (ବୁଧବାର ସନ୍ଧ୍ୟା) ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଅଘଟଣରେ ୪ ଜଣ ଶ୍ରମିକ ଗୁରୁତର ଭାବେ ପୋଡ଼ି ହୋଇ ଆହତ ହୋଇଛନ୍ତି । ନୟାଗଡ଼ ଜିଲ୍ଲାର ନୂଆଗାଁ ବ୍ଲକର ଗାତେରୀ ଗ୍ରାମ ନିକଟରେ ଏହି ଇଥାନଲ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲିଥିଲା । ପ୍ରାଥମିକ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରୁ ୬ଟା ମଧ୍ୟରେ ପ୍ଲାଣ୍ଟରେ ଏକ ବଏଲର୍ କିମ୍ବା ଯନ୍ତ୍ରପାତିର ଟେଷ୍ଟିଂ କାର୍ଯ୍ୟ ଚାଲିଥିଲା। ସେହି ସମୟରେ ଅସାବଧାନତା କାରଣରୁ ହଠାତ୍ ବଏଲରରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ଏତେ ଭୟଙ୍କର ରୂପ ଧାରଣ କରିଥିଲା ଯେ ସେଠାରେ କାମ କରୁଥିବା ଶ୍ରମିକମାନେ ଏହାର କବଳରୁ ରକ୍ଷା ପାଇପାରି ନଥିଲେ। ଏହି ଅଗ୍ନିକାଣ୍ଡରେ ପ୍ଲାଣ୍ଟର ୪ ଜଣ ଶ୍ରମିକ ଗୁରୁତର ଭାବେ ପୋଡ଼ି ହୋଇଯାଇଛନ୍ତି। ସେମାନଙ୍କ ଶରୀରର ୫୦ ପ୍ରତିଶତରୁ ଅଧିକ ଅଂଶ ପୋଡ଼ି ଯାଇଥିବା ଡାକ୍ତର ପ୍ରକାଶ କରିଛନ୍ତି। ଆହତ ଶ୍ରମିକମାନେ ହେଲେ ଦିଲ୍ଲୀପ ନାୟକ,ଶରତ ସାହୁ,ବିଭୂତି ପ୍ରଧାନ ଓ ବ୍ରଜ କିଶୋର ପ୍ରଧାନ। ଦୁର୍ଘଟଣା ପରେ ତୁରନ୍ତ ସ୍ଥାନୀୟ ଲୋକ ଓ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ସହାୟତାରେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଏମ୍ସ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି. ବର୍ତ୍ତମାନ ସେଠାରେ ସେମାନଙ୍କର ଜରୁରୀକାଳୀନ ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ପ୍ଲାଣ୍ଟ ନିର୍ମାଣ ସମୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଖୋଜିବା ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ପକ୍ଷରୁ ତଦନ୍ତ ଜାରି ରହିଛି।

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଦୁଃଖଦ ଖବର

# ଆଖି ବୁଜିଲା ବାଘୁଣୀ 'ରୂପା'ର ଧଳା ବାଘ ଛୁଆ



ଭୁବନେଶ୍ୱର, ୦୫/୦୯ (ଜେଏନ୍ଏସ୍) : ରାଜଧାନୀ ଭୁବନେଶ୍ୱରସ୍ଥିତ ବିଶ୍ୱପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ସାମ୍ନାକୁ ଆସିଛି। ଉଦ୍ୟାନର ଅନ୍ୟତମ ପ୍ରମୁଖ ଆକର୍ଷଣ ପାଲଟିଥିବା ସାଧାରଣ ବାଘୁଣୀ 'ରୂପା'ର ଏକ କୁନି ଧଳା ବାଘ ଛୁଆ (ଶାବକ) ର ଆଜି ମୃତ୍ୟୁ ଘଟିଛି। ଗତ କିଛି ଦିନ ହେବ ସଂକ୍ରମଣ ଜନିତ ଅସୁସ୍ଥତା ଯୋଗୁଁ ଏହି ବାଘ ଛୁଆଟି ପୀଡ଼ିତ ଥିଲା। ଉଦ୍ୟାନର ବିଶେଷଜ୍ଞ ପ୍ରାଣୀ ଚିକିତ୍ସକ ଦଳ ତାକୁ ବଞ୍ଚାଇବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ ମଧ୍ୟ ସେମାନେ ବିଫଳ ହୋଇଛନ୍ତି, ଯାହାକୁ ନେଇ ସାରା ନନ୍ଦନକାନନ କର୍ତ୍ତୃପକ୍ଷ ଓ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ନନ୍ଦନକାନନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କିଛି ମାସ ତଳେ ଜନ୍ମ ଗ୍ରହଣ କରିଥିବା ଏହି ଶାବକଟି ଗତ ଦୁଇ-ତିନି ଦିନ ହେବ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ମା' ବାଘୁଣୀ ଠାରୁ ପୃଥକ କରି ପ୍ରାଣୀ ଚିକିତ୍ସାଳୟର ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡରେ ରଖି ଚିକିତ୍ସା କରାଯାଉଥିଲା। ପ୍ରାଥମିକ ଯାଞ୍ଚରୁ ବାଘ ଛୁଆଟି ଗ୍ୟାଷ୍ଟ୍ରୋ-ଇଣ୍ଟେଷ୍ଟାଇନାଲ୍ ସଂକ୍ରମଣ କିମ୍ବା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଅଚଳ ହେବା ଯୋଗୁଁ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି। ତେବେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଓୟୁଏଟିର ବିଶେଷଜ୍ଞଙ୍କ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇଛି ଏବଂ ଭିସେରା ନମୁନାକୁ ଲ୍ୟାବ୍ ପରୀକ୍ଷା ପାଇଁ ପଠାଯାଇଛି। ଏହି ଅଭାବନୀୟ ଘଟଣା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ବାଘ ବଂଶର ଅନ୍ୟ ସଦସ୍ୟ ଏବଂ ବିଶେଷ କରି ଛୋଟ ଶାବକମାନଙ୍କ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି।

# କୋର୍ଟଙ୍କ ନାମରେ ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ : ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ



## ୨୦୨୫ ଗେଜେଟ୍ ବିଜ୍ଞପ୍ତିକୁ ବିଏମସିର ଅଣଦେଖା

**୬ ଦଫା ଦାବି**

୧. ଉଚ୍ଛେଦ ବନ୍ଦ ହେଉ : ଘର ଭାଙ୍ଗିବା ଓ ବିଜୁଳି-ପାଣି କାଟିବା ତୁରନ୍ତ ଲାଗୁ ନହେଉ।

୨. ନିୟମ ଯାଞ୍ଚ ହେଉ: ୨୦୨୫ ଗେଜେଟ୍ ଏବଂ ୨୩ଟି ନୂଆ ନିୟମର ପୁନଃ ସମୀକ୍ଷା କରାଯାଉ।

୩. ୬ ମାସ ସମୟ ମିଳୁ: ଲୋକଙ୍କୁ କାଗଜପତ୍ର ଦେଖାଇବା ପାଇଁ ୬ ମାସ ମହଲତ ଦିଆଯାଉ।

୪. BMC ଜନଶୁଣାଣି କରୁ: କୌଣସି ପଦକ୍ଷେପ ନେବା ପୂର୍ବରୁ BMC ଲୋକଙ୍କ ସହ ଆଲୋଚନା କରୁ।

୫. ସର୍ବକ୍ଷମା ଯୋଜନା ଆସୁ: ନିୟମ ଉଲ୍ଲଂଘନ କରିଥିବା ଘର ଗୁଡ଼ିକୁ ବୈଧ କରିବାକୁ ସରକାର ନୀତି ଆଣନ୍ତୁ।

୬. କେବଳ ବଡ଼ ବେଆଇନ କୋଠା ଉପରେ କାର୍ଯ୍ୟାନୁଷ୍ଠାନ: ଯେଉଁଠି ସୁରକ୍ଷା ବିପଦ ଅଛି, କେବଳ ସେଇଠି ଆକ୍ସନ ହେଉ।

ଭୁବନେଶ୍ୱର, ୦୫/୦୯ (ଜେଏନ୍ଏସ୍): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଜାରି କରାଯାଇଥିବା ପ୍ରାୟ ୪,୬୨୩ଟି ଶୋ-କଜ୍ ନୋଟିସ୍ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସିଲ୍ କରାଯିବା ବିରୁଦ୍ଧରେ 'ଆମେ ଭୁବନେଶ୍ୱରିଆ' ସଂଗଠନ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଆଜି 'ଆମେ ଭୁବନେଶ୍ୱରିଆ', ଭୁବନେଶ୍ୱର ଉନ୍ନୟନ ପରିଷଦ, ଜନ ଜାଗରଣ ତଥା ସହଯୋଗୀ ଆବାସିକ କଲ୍ୟାଣ ସମିତି, ହାଉସିଂ ସୋସାଇଟି ଓ ଛୋଟ ବ୍ୟବସାୟୀଙ୍କ ଏକ ମିଳିତ ପ୍ରତିନିଧିମଣ୍ଡଳ ଗୃହ ଓ ନଗର ବିକାଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଶ୍ରୀମତୀ ଉଷା ପଢ଼ୀଙ୍କୁ ସାକ୍ଷାତ କରି ଏକ ଜରୁରୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା 'ଆମେ ଭୁବନେଶ୍ୱରିଆ'ର ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆଲୋଚନାରେ ଆବାହକ ବାସୁଦେବ ଭଟ୍ଟ, ସମ୍ପାଦକ ପ୍ରଣବ ସ୍ୱାଇଁ, ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ, ବରିଷ୍ଠ ସଦସ୍ୟ କୈଳାସ ମହାପାତ୍ର, ପ୍ରଦ୍ୟୁମ୍ନ ଦାସ, ନାରାୟଣ ମହାପାତ୍ର ଓ ନିଶିଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିନିଧିମଣ୍ଡଳ ଦର୍ଶାଇଛନ୍ତି ଯେ, ବିଏମସିର ଉତ୍ତର ଜୋନ୍‌ର ୧,୭୧୨, ଦକ୍ଷିଣ-ପୂର୍ବ ଜୋନ୍‌ର ୧,୩୮୧ଟି ଏବଂ ଅନ୍ୟାନ୍ୟ ଜୋନ୍‌କୁ ମିଶାଇ ସମୋଟ ୪,୬୨୩ଟି ପ୍ରାଙ୍ଗଣକୁ ବାଣିଜ୍ୟିକ ନକ୍ସା ଓ ଅଧିଭୋଗ ପ୍ରମାଣପତ୍ର ନଦେଲେ ସିଲିଂ କିମ୍ବା ଭାଙ୍ଗିଦେବାର ଧମକପୂର୍ଣ୍ଣ ନୋଟିସ୍ ଦିଆଯାଇଛି। ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇବା ସତ୍ତ୍ୱେ ବିଏମସିର ଏହି ଯାନ୍ତ୍ରିକ କାର୍ଯ୍ୟାନୁଷ୍ଠାନ ରାଜ୍ୟ ସରକାରଙ୍କ ୧୫ ନଭେମ୍ବର ୨୦୨୫ ଗେଜେଟ୍ ବିଜ୍ଞପ୍ତି ବିରୁଦ୍ଧ ଅଟେ। ସଂଶୋଧିତ ଗେଜେଟ୍ ନିୟମ ଅନୁସାରେ 'ଆବାସିକ ଭବନ' ସଂଜ୍ଞା ମଧ୍ୟରେ ବୃତ୍ତିଜୀବୀ ବାସଗୃହ, ଭଡ଼ା ଆବାସ, ପି.ଜି., ହୋମଷ୍ଟେ, ହଷ୍ଟେଲ ଓ ଅତିଥି ଗୃହ ଅନ୍ତର୍ଭୁକ୍ତ। ଏପରିକି ଆବାସିକ ଜୋନ୍‌ରେ ୨୩ଟି ବ୍ୟବହାର ପୂର୍ବରୁ ଅନୁମୋଦିତ ହୋଇସାରିଛି। ଯାହା ନିୟମାନୁସାରେ ଆବାସିକ ଜୋନ୍‌ରେ ବୈଧ, ତାହା ପାଇଁ ବାଣିଜ୍ୟିକ ନକ୍ସା ମାଗିବା ଓ ଶୁଣାଣି ବିନା ଦୋକାନ ସିଲ୍ କରିବା ସମ୍ପୂର୍ଣ୍ଣ ଅନୁଚିତ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପଢ଼ୀ ପ୍ରତିନିଧିମଣ୍ଡଳର ସମସ୍ତ ଦାବିକୁ ସହୃଦୟତାର ସହ ଶୁଣିବା ସହ ସେଗୁଡ଼ିକର ବିଚାର କରିବାକୁ ଆଶ୍ୱାସନା ଦେଇଛନ୍ତି। ନୋଟିସ୍ ଦ୍ୱାରା ଭୁବନେଶ୍ୱରବାସୀଙ୍କୁ ଆତଙ୍କିତ କରାଯିବ ନାହିଁ ଏବଂ 'ଆମେ ଭୁବନେଶ୍ୱରିଆ' ସହ ସ୍ୱତନ୍ତ୍ର ପରାମର୍ଶ ବୈଠକ ଡକାଯାଇ ୨୦୨୫ ଗେଜେଟ୍ ଅଧୀନରେ ନିୟମିତକରଣ ପାଇଁ ସୁବ୍ୟବସ୍ଥିତ ପ୍ରକ୍ରିୟା ଆପଣାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ୟୁଜର ଫି ବାବଦକୁ ଚୁକ୍ତିପତ୍ର ଦେବା ପାଇଁ ବିଏମସିକୁ ନିର୍ଦ୍ଦେଶ ଦେବାକୁ କରାଯାଇଥିବା ଅନୁରୋଧକୁ ସେ ଯଥାଶୀଘ୍ର କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି।

"କୋର୍ଟଙ୍କ ନାମରେ ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ, କାରଣ କୋର୍ଟ ଏଭଳି କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ୨୦୨୫ ଗେଜେଟ୍‌ରେ ଆବାସିକ ଅନୁମତି ଅଧୀନରେ ବିଭିନ୍ନ କାର୍ଯ୍ୟ ଅନୁମୋଦିତ ଅଛି, ଯାହାକୁ ବିଏମସି ଅଣଦେଖା କରିପାରିବ ନାହିଁ। ସରକାର ଏକ ସନ୍ତୁଳିତ ଓ ଜନହିତକାରୀ ନୀତି ଗ୍ରହଣ କରିବେ ବୋଲି ଏସିଏସ୍ ଆଶ୍ୱାସନା ଦେଇଛନ୍ତି।"

ବିଜୟ କୁମାର ପଟ୍ଟନାୟକ, ସଭାପତି, ଆମେ ଭୁବନେଶ୍ୱରିଆ "ବିଏମସି କୌଣସି ପଦକ୍ଷେପ ନେବା ପୂର୍ବରୁ ନାଗରିକଙ୍କ ସହ ଆଲୋଚନା କରୁ। ଟ୍ରେଡ୍ ଲାଇସେନ୍ସ ପ୍ରକ୍ରିୟା ବନ୍ଦ ହେଲେ ଛୋଟ ଓ ସୀମାନ୍ତ ବ୍ୟବସାୟୀଙ୍କ ରୋଜଗାର ବନ୍ଦ ହୋଇଯିବ। ନୋଟିସ୍ ଦେବାରେ ପକ୍ଷପାତିତା କିମ୍ବା ରାଜନୈତିକ ଚାପ ରହିବା ଉଚିତ ନୁହେଁ। ନୋଟିସ୍ ଦିଆଯିବା ମାତ୍ରେ ବିଦ୍ୟୁତ୍ ଓ ଜଳ ସଂଯୋଗ କଟାଯିବା ଅନ୍ୟାୟ। ଯଦି ଗେଜେଟ୍ ନିୟମ ବିନା ହଇରାଣ ହରକତ ଜାରି ରହେ, ତେବେ ୫,୦୦୦ ନାଗରିକଙ୍କୁ ନେଇ ଆମେ ଜନଆନ୍ଦୋଳନ କରିବାକୁ ବାଧ୍ୟ ହେବୁ।"

## ରାଜ୍ୟ ସରକାରଙ୍କ ବଡ଼ ଘୋଷଣା

# ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଆଡମିସନ

**✦ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ଲାଗୁ ହେଲା 'ଜିରୋ ଅପଫ୍ରଣ୍ଟ ଫି' ନିୟମ**

**✦ ଅର୍ଥ ଅଭାବରୁ ବନ୍ଦ ହେବନି ପାଠପଢ଼ା**

ଭୁବନେଶ୍ୱର, ୦୫/୦୯ (ଜେଏନ୍ଏସ୍): ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ଏହି ଘୋଷଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି—ଅର୍ଥ ଅଭାବରୁ ଯେପରି କୌଣସି ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି। ରାଜ୍ୟର ସରକାରୀ ମେଡିକାଲ ଏବଂ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମ ଲେଖାଇବା ସମୟରେ ଯୋଗ୍ୟ ମେଧାବୀ ଛାତ୍ରଛାତ୍ରୀଙ୍କୁ କୌଣସି ଆଡମିସନ ଫି କିମ୍ବା ଟ୍ୟୁସନ ଫି ଦେବାକୁ ପଡ଼ିବ ନାହିଁ। ଏହି ଛାଡ଼ ଆଡମିସନ ସମୟ ସହିତ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ସୁବିଧା ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଆର୍ଥିକ ଅନଗ୍ରସର ଓ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ କରାଯାଇଛି। ନିଟ୍ କିମ୍ବା ଜେଇ ଭଳି ଜାତୀୟ ତଥା ରାଜ୍ୟସ୍ତରୀୟ କଠିନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସରକାରୀ ସୀଟ୍ ହାସଲ କରିଥିବା ମେଧାବୀ ପିଲାମାନେ ଏହାର ଲାଭ ପାଇବେ। ସାଧାରଣତଃ ଗରିବ ପରିବାରର ପିଲାମାନେ ଏଣ୍ଟ୍ରାନ୍ସ ପାସ୍ କରିବା ପରେ ମଧ୍ୟ ଆଡମିଶନ ସମୟରେ ଏକକାଳୀନ ମୋଟା ଅଙ୍କର ଟଙ୍କା ଯୋଗାଡ଼ କରିନପାରି ସୀଟ୍ ହରାଇଥାନ୍ତି। ନୂଆ ନିୟମ ଅନୁଯାୟୀ, ଛାତ୍ରଛାତ୍ରୀମାନେ ପ୍ରଥମେ ମାଗଣାରେ ଆଡମିଶନ କରି ପାଠପଢ଼ା ଆରମ୍ଭ କରିବେ। ପରବର୍ତ୍ତୀ ସମୟରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ମିଳୁଥିବା ସ୍କଲାରସିପ୍ ଟଙ୍କା ଆସିବା ପରେ, ସେହି ଅର୍ଥରୁ ସେମାନେ ନିଜର କଲେଜ ଫି ସହଜରେ ପୈଠ କରିପାରିବେ।

ଜନବାର୍ତ୍ତା
ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର
(JANABARTTA SWABHIMANI ODIANKA SWARA)

‘କଥା ସ୍ୱାଭିମାନର ବିଚାର ଆପଣଙ୍କର’

# ‘ନେତା ଓ ମାନବିକତା’



ସାରଦା ପ୍ରସନ୍ନ ସ୍ୱାଇଁ
ସାଧାରଣ ସମ୍ପାଦକ
ଜନ ଜାଗରଣ

ଆମ ଦେଶର ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ରାଜୀବ ଗାନ୍ଧୀ, ଉଭୟ ଥିଲେ ରାଜନୀତିରୁ ବହୁ ଉର୍ଦ୍ଧ୍ୱରେ । ତାଙ୍କ ପାଇଁ ଦଳ ଅପେକ୍ଷା ମାନବିକତା ଥିଲା ସର୍ବାଗ୍ରେ । ୧୯୮୯ ମସିହାରେ, ଯେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଜାଣିବାକୁ ପାଇଲେ ଯେ ଅଟଳ ବିହାରୀ ବାଜପେୟୀ - ସେତେବେଳେ ୬୩ ବର୍ଷ ବୟସର ଜଣେ ବରିଷ୍ଠ ବିରୋଧୀ ନେତା - ଏକ ଗୁରୁତର କିଡନୀ ରୋଗ ସହିତ ଲଢୁଛନ୍ତି, ସେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠିଗଲେ । ସେ ତୁରନ୍ତ ବାଜପେୟୀଙ୍କୁ ଭାରତ ସରକାରଙ୍କ ପ୍ରତିନିଧିମଣ୍ଡଳରେ ଜାତିସଂଘ (UN) କୁ ସାମିଲ କରିଥିଲେ ଏବଂ ତାଙ୍କର ଚିକିତ୍ସା ସୁବିଧା ପାଇଁ ତାଙ୍କୁ ନ୍ୟୁୟର୍କ ପଠାଇଥିଲେ ।

ଏହି ଐତିହାସିକ ନିଷ୍ପତ୍ତି ସଂସଦୀୟ ସୌଜନ୍ୟ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା - ଆଚରଣର ଏକ ମାନଦଣ୍ଡ ଯାହାକୁ ଆଜିର ବିଭାଜନକାରୀ ରାଜନୀତି କେବେ ଅନୁକରଣ କରିବାକୁ ଆଶା କରିପାରିବ ନାହିଁ ।

ରାହୁଲ ଗାନ୍ଧୀଙ୍କ ସହିତ ଜଡ଼ିତ ଏକ ମାମଲା ଏବଂ ଅଟଳ ବିହାରୀ ବାଜପେୟୀ ତାଙ୍କର ଜାମିନ ସୁରକ୍ଷିତ କରିଥିବା ଦାବି ବିଷୟରେ ପ୍ରଚାରିତ ଭ୍ରାମକ ଦାବିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ମନଗଢ଼ା ଏବଂ ଭିତ୍ତିହୀନ ଗୁଜବ ଯାହାର ସତ୍ୟ ସହିତ କୌଣସି ସମ୍ପର୍କ ନାହିଁ ।

ଏହି ଗୁଜବ ୨୦୦୧ ମସିହାର ଏକ ଘଟଣାର ବିକୃତ ସଂସ୍କରଣ, ଯେତେବେଳେ ବୋଷ୍ଟନର ଲୋଗାନ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଫବିଆଇ ଦ୍ୱାରା ରାହୁଲ ଗାନ୍ଧୀଙ୍କୁ ୪୫ ମିନିଟ୍ ପାଇଁ ପଚରାଉଚରା ପାଇଁ ଅଟକ ରଖାଯାଇଥିଲା । ଅଟକ କେବଳ ନିୟମିତ ପରିଚୟ ଏବଂ ସୁରକ୍ଷା ଯାଞ୍ଚ (କଷ୍ଟମ୍ସ ପ୍ରକ୍ରିୟା) ପାଇଁ ଥିଲା, ନିଶାଦ୍ରବ୍ୟ କିମ୍ବା ବେଆଇନ ନଗଦ ରଖିବା ଯୋଗୁଁ ନୁହେଁ ।

ତଦନ୍ତ ପରେ ଆମେରିକା କର୍ତ୍ତୃପକ୍ଷ ତାଙ୍କୁ ତୁରନ୍ତ ଆଗକୁ ବଢ଼ିବାକୁ ଅନୁମତି ଦେଇଥିଲେ; କୌଣସି ମାମଲା ପଞ୍ଜିକୃତ ହୋଇନଥିଲା, କୌଣସି କୋର୍ଟ କାର୍ଯ୍ୟ ହୋଇନଥିଲା, ଏବଂ କୌଣସି ଗିରଫଦାରୀ ହୋଇନଥିଲା । ଫଳସ୍ୱରୂପ, ଜାମିନ ପାଇଁ ଅଟଳ ବିହାରୀ ବାଜପେୟୀ କିମ୍ବା ଭାରତ ସରକାରଙ୍କୁ ହସ୍ତକ୍ଷେପ କରିବାର କୌଣସି ଆବଶ୍ୟକତା ନଥିଲା । ଯେହେତୁ କୌଣସି ଆଇନଗତ ଗିରଫଦାରୀ କିମ୍ବା ମାମଲା କେବେ ଘଟିନଥିଲା, ଜାମିନର ପ୍ରଶ୍ନ ଉଠୁନାହିଁ; ତେଣୁ, ଇଣ୍ଟରନେଟରେ ପ୍ରସାରିତ ଦାବି ସମ୍ପୂର୍ଣ୍ଣ ଭାବରେ ମନ୍ଦ ରାଜନୈତିକ ଉଦ୍ଦେଶ୍ୟର ଉତ୍ପାଦ । ଅନ୍ୟପକ୍ଷରେ, ୧୯୮୦ ଏବଂ ୧୯୯୦ ଦଶକର ରାଜନୀତି ଦର୍ଶାଏ ଯେ ବିରୋଧୀ ବିଚାରଧାରା ରଖିବା ସତ୍ତ୍ୱେ, ରାଜୀବ ଗାନ୍ଧୀ ଏବଂ ଅଟଳ ବିହାରୀ ବାଜପେୟୀଙ୍କ ମଧ୍ୟରେ ଗଭୀର ପାରସ୍ପରିକ ସମ୍ମାନ ଥିଲା । ୧୯୯୧ ମସିହାରେ ରାଜୀବ ଗାନ୍ଧୀଙ୍କ ଦୁଃଖଦ ହତ୍ୟା ପରେ ବରିଷ୍ଠ ସାମ୍ବାଦିକ କରଣ ଥାପରଙ୍କ ସହିତ ଏକ ସାକ୍ଷାତକାରରେ, ଅଟଳ ବିହାରୀ ବାଜପେୟୀ ନିଜେ ସାର୍ବଜନୀନ ଭାବରେ ସ୍ୱୀକାର କରିଥିଲେ, ‘ଯଦି ରାଜୀବ ଗାନ୍ଧୀ ନ ଥାନ୍ତେ, ତେବେ ମୁଁ ଆଜି ଜୀବିତ ନଥାନ୍ତି ।’ କାରଣ ରାଜୀବ ଗାନ୍ଧୀ ବ୍ୟକ୍ତିଗତ ଭାବରେ ସରକାରୀ ଯନ୍ତ୍ରପାତି ମାଧ୍ୟମରେ ନ୍ୟୁୟର୍କରେ ବାଜପେୟୀଙ୍କ ଚିକିତ୍ସା ବ୍ୟବସ୍ଥା ଏବଂ ସମ୍ପୂର୍ଣ୍ଣ ପାଣ୍ଠି ଯୋଗାଇବା ପାଇଁ ପଦକ୍ଷେପ ନେଇଥିଲେ ।

ଆଜି, ଯେତେବେଳେ ଭାରତର ଅଯୋଗ୍ୟ ପ୍ରଧାନମନ୍ତ୍ରୀ ୨୦୧୨ ରୁ ୨୦୨୪ ପର୍ଯ୍ୟନ୍ତ ନିର୍ବାଚନୀ ଭାଷଣରେ ରାଜୀବ ଗାନ୍ଧୀଙ୍କ ପତ୍ନୀଙ୍କୁ ଟାର୍ଗେଟ କରୁଛନ୍ତି - ‘କଂଗ୍ରେସ ବିଧବା’, ‘ଜର୍ସି ଗାଈ’, ‘ବିଦେଶୀ’, ଏବଂ ‘ଇଟାଲୀୟ ବାର୍ ଡ୍ୟାନ୍ସର’ ଭଳି ଅପମାନଜନକ ଉପାଧି ସହିତ, କେହି ତାଙ୍କର ବୌଦ୍ଧିକ ଦେବାଳିଆତାକୁ ଦୟା ନକରି ରହିପାରିବେ ନାହିଁ । ଯେତେବେଳେ ଭାରତର ଅଶିକ୍ଷିତ ପ୍ରଧାନମନ୍ତ୍ରୀ ବାରମ୍ବାର ରାଜୀବ ଗାନ୍ଧୀ ଏବଂ ତାଙ୍କ ପରିବାର ବିରୁଦ୍ଧରେ ଅସମ୍ମାନଜନକ ଭାଷା ବ୍ୟବହାର କରନ୍ତି, ସେ ଭୁଲିଯାଆନ୍ତି ଯେ, ଏହି ରାଜୀବ ଗାନ୍ଧୀ ହିଁ ଭାରତକୁ ଡିଜିଟାଲ୍ ବିପ୍ଳବ, ପଞ୍ଚାୟତି ରାଜର ବିକେନ୍ଦ୍ରୀକରଣ ଏବଂ ୧୮ ବର୍ଷ ବୟସ୍କଙ୍କ ପାଇଁ ଭୋଟଦାନ ଅଧିକାର ଭଳି ଐତିହାସିକ ଡାଞ୍ଚା ଉପହାର ଦେଇଥିଲେ ।

୨୭ ମଇ, ୧୯୯୧ ରେ, ଯେତେବେଳେ ସମଗ୍ର ଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହିଦରେ ଶୋକ କରୁଥିଲା, ସେତେବେଳେ ଅଟଳ ବିହାରୀ ବାଜପେୟୀ - ପ୍ରମୁଖ ବିରୋଧୀ ନେତା - ଅଶ୍ରୁଳ ଆଖିରେ ସେହି ବ୍ୟକ୍ତିଙ୍କୁ ମନେ ପକାଇଲେ ଯିଏ ଥରେ ନିଜ ଜୀବନ ରକ୍ଷା ପାଇଁ ଆଦର୍ଶଗତ ବିଭାଜନକୁ ଅତିକ୍ରମ କରିଥିଲେ । ସେହି ସମୟ ଥିଲା ଯେତେବେଳେ ଜଣେ ପ୍ରଧାନମନ୍ତ୍ରୀଙ୍କ ହୃଦୟରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପ୍ରତି ଘୃଣା ଅପେକ୍ଷା ରାଷ୍ଟ୍ର ନିର୍ମାଣ ଏବଂ ମାନବିକ ସହାନୁଭୂତି ପ୍ରତି ସମ୍ମାନ ଥିଲା । ଯେତେବେଳେ ରାଜୀବ ଗାନ୍ଧୀ ୧୯୮୭ ମସିହାରେ ନ୍ୟୁୟର୍କରେ ଅଟଳ ବିହାରୀ ବାଜପେୟୀଙ୍କ ଚିକିତ୍ସାକୁ ସହଜ କରିଥିଲେ, ସେ କେବଳ ଜଣେ ସହନେତାଙ୍କ ଜୀବନ ରକ୍ଷା କରିନଥିଲେ; ସେ ଭାରତୀୟ ଗଣତନ୍ତ୍ରର ଏକ ପବିତ୍ର ମାନଦଣ୍ଡକୁ ବଜାୟ ରଖିଥିଲେ - ଯାହା ଆଜିର କ୍ଷୁଦ୍ର, ସଂକୀର୍ଣ୍ଣ ମନର ରାଜନୀତିରୁ ସମ୍ପୂର୍ଣ୍ଣ ଭାବରେ ଉଭାନ ହୋଇଯାଇଛି ।

ଇତିହାସର ପୃଷ୍ଠାଗୁଡ଼ିକୁ ପଛକୁ ଫେରି ଚାହିଁଲେ, ଏହା ସ୍ପଷ୍ଟ ଯେ ରାଜୀବ ଗାନ୍ଧୀଙ୍କ କାର୍ଯ୍ୟକାଳ ଏକ ସୁବର୍ଣ୍ଣ ଯୁଗ ଥିଲା ଯାହା ଭାରତକୁ ୨୧ ଶତାବ୍ଦୀରେ ପ୍ରବେଶ କରାଇଥିଲା । ରାଜୀବ ଗାନ୍ଧୀ - ଯିଏ ଟେଲିକମ୍ କମିଶନ ପ୍ରତିଷ୍ଠା କରିଥିଲେ (୧୯୮୫), ସେବି ଆଇନ ପ୍ରଣୟନ କରିଥିଲେ (୧୯୮୮), ଶିକ୍ଷା ଉପରେ ଜାତୀୟ ନୀତି ପ୍ରଣୟନ କରିଥିଲେ (୧୯୮୬), ଏବଂ ୬୧ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ୧୮ ବର୍ଷ ବୟସ୍କଙ୍କୁ ଭୋଟ୍ ଅଧିକାର ପ୍ରଦାନ କରିଥିଲେ - କେବେବି ତାଙ୍କ ବିରୋଧୀଙ୍କୁ 'ବିଦେଶୀ' କିମ୍ବା 'ବିଦେଶୀ' ବୋଲି ଲେବଲ୍ କରିନଥିଲେ ।

୧୯୮୫ ମସିହାରେ ଆସାମ ଚୁକ୍ତି ଏବଂ ମିଜୋରାମ ଶାନ୍ତି ଚୁକ୍ତିରେ ମଧ୍ୟସ୍ଥତା କରି, ସେ ଦେଶର ଅଖଣ୍ଡତା ପାଇଁ ନିଜ ଦଳର ସରକାରକୁ ବଳିଦାନ ଦେବାକୁ ପ୍ରସ୍ତୁତ ଥିଲେ, କାରଣ ଦେଶ ତାଙ୍କ ପାଇଁ କ୍ଷମତା ଧରି ରଖିବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ।

ତଥାପି, ଆଜିର ଶାସକ ବ୍ୟବସ୍ଥା ବିଷୟରେ କଟୁ ସତ୍ୟ ହେଉଛି ଯେ ଯେଉଁମାନେ ନିଜର କୌଣସି ବାସ୍ତବ ଐତିହାସିକ ସଫଳତାର ଅଭାବ ରଖନ୍ତି ସେମାନେ ସ୍ୱାଧୀନତା ସଂଗ୍ରାମୀ ଏବଂ ପ୍ରତିଷ୍ଠିତ ଜନନେତାଙ୍କ ଚରିତ୍ରକୁ ହତ୍ୟା କରି ନିଜର ରାଜନୈତିକ ଭାଗ୍ୟ ବୃଦ୍ଧି କରିବାକୁ ଚାହାଁନ୍ତି । ଯେଉଁମାନେ ଥରେ କ୍ଷମା ପ୍ରାର୍ଥନା ଏବଂ ପେନସନ ପତ୍ର ମାଧ୍ୟମରେ ଇତିହାସରେ ନିଜର ସ୍ଥାନ ଖୋଜୁଥିଲେ, ସେମାନେ ଏବେ କଂଗ୍ରେସ ନେତୃତ୍ୱକୁ - ଯାହା ଏହାର ଦୁଇ ପ୍ରଧାନମନ୍ତ୍ରୀଙ୍କୁ ଦେଶ ପାଇଁ ସହିଦ ହେବା ପାଇଁ ହରାଇଥିଲା - ଜାତୀୟ ଆନୁଗତ୍ୟର ଅର୍ଥ ଉପରେ ବକ୍ତୃତା ଦେଉଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ସେମାନଙ୍କ ପରିବାର ବିରୁଦ୍ଧରେ ବ୍ୟବହୃତ କଞ୍ଚା ଏବଂ ଅପମାନଜନକ ଭାଷା - ସାର୍ବଜନୀନ ମଞ୍ଚରୁ ସଂସଦର ମହଲା ପର୍ଯ୍ୟନ୍ତ - ରାଜନୈତିକ ସୌଜନ୍ୟର ଉପହାସ କରେ ଏବଂ ଦେଶର ମହାନ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଏକ କୁତ୍ସିତ ଦାଗ ଭାବରେ ଠିଆ ହୁଏ । ସୋସିଆଲ ମିଡିଆର ଘୃଣାପୂର୍ଣ୍ଣ କାରଖାନାରେ ପ୍ରତିଦିନ ପ୍ରକାଶିତ ହେଉଥିବା ମନଗଢ଼ା କାହାଣୀ ଏବଂ ଭ୍ରାମକ କାହାଣୀ କେବେବି ସତ୍ୟକୁ ଲିଭାଇ ପାରିବ ନାହିଁ: ଭାରତ ମିଥ୍ୟା ଅଭିଯୋଗ ଏବଂ ବ୍ୟକ୍ତିଗତ ଆକ୍ରମଣ ଉପରେ ନୁହେଁ, ବରଂ ବ୍ୟାପକ ଚିନ୍ତାଧାରାର ଭିତ୍ତିଭୂମିରେ ନିର୍ମିତ ହୋଇଥିଲା ।

ଇତିହାସ ସାକ୍ଷୀ ଅଛି ଯେ ଯେଉଁମାନେ ନିଜର ରାଜନୈତିକ ପ୍ରତିଷ୍ଠା ବୃଦ୍ଧି କରିବା ପାଇଁ ଅତୀତର ମହାନ ବ୍ୟକ୍ତିତ୍ୱଙ୍କୁ ହୀନ କରିବାକୁ ଷଡ଼ଯନ୍ତ୍ର କରନ୍ତି ସେମାନେ ସମୟ ସହିତ ନିଶ୍ଚିତ ଭାବରେ ନିଜକୁ ଖୋଲାଖୋଲି ଭାବରେ ପ୍ରକାଶ କରନ୍ତି ।

ଗଣତାନ୍ତ୍ରିକ ମର୍ଯ୍ୟାଦା, ବିରୋଧୀଙ୍କ ପ୍ରତି ସମ୍ମାନ ଏବଂ ଜନସେବା ହେଉଛି ଜଣେ ମହାନ ନେତାଙ୍କ ଲକ୍ଷଣ; ଏହା ହିଁ ସେହି ପାର୍ଥକ୍ୟ ଯାହା ଭାରତର ପ୍ରକୃତ ଜନନେତାଙ୍କୁ ଆଜିର ସଂକୀର୍ଣ୍ଣ ମନର ରାଜନେତାଙ୍କଠାରୁ ପୃଥକ କରିଥାଏ । ନୀତି ଓ ନୈତିକତାର କଥା କହୁଥିବା ଆଜିର ତଥାକଥିତ ରାଜନେତା ମାନେ ଜାଣି ରଖିବା ଦରକାର ଯେ ‘ଶାସନ ମାନେ ସେବା ଓ କ୍ଷମତା ମାନେ ଦାୟିତ୍ୱ’ । ତ୍ରିରଙ୍ଗା ଆମର ଗର୍ବ ଓ ଏଇ ମାଟି ଆମ ପରିଚୟ। ଲୋକଙ୍କ ସେବା ଆମର ଧର୍ମ ଓ ଦେଶର ବିକାଶ ଆମର କର୍ମ । ତେଣୁ, ଆସନ୍ତୁ ଏକାଠି ହେବା - ଭଲ ମଣିଷ ବାଛିବା - ଆମ ଓଡ଼ିଶା ଆମେ ଗଢ଼ିବା ।

# ଓଡ଼ିଶାର ଐତିହାସିକ ଆର୍ଥିକ କ୍ଷତିର ପରିମାଣ ପ୍ରାୟ ୫.୨୨ ଲକ୍ଷ କୋଟି ହୋଇପାରେ

**ଓଡ଼ିଶା : ଦେଶକୁ କେତେ ଦେଲା, ପରିବର୍ତ୍ତେ କେତେ ପାଇଲା ?**

ସ୍ୱାଧୀନତା ପରେ ଭାରତର ଶିଳ୍ପାୟନ, ବିଦ୍ୟୁତ ଉତ୍ପାଦନ, ଇସ୍ପାତ ଶିଳ୍ପ, ପ୍ରତିରକ୍ଷା ବ୍ୟବସ୍ଥା ଓ ଅର୍ଥନୈତିକ ବିକାଶରେ ଓଡ଼ିଶାର ଅବଦାନ ଅପରିସୀମ। ତଥାପି ଆଜି ମଧ୍ୟ ଏକ ପ୍ରଶ୍ନ ଉଠେ :- ଓଡ଼ିଶା ଦେଶକୁ ଯେତେ ଦେଇଛି, ସେହି ଅନୁପାତରେ କ'ଣ ନ୍ୟାୟସଙ୍ଗତ ପ୍ରତିଫଳ ପାଇଛି ?

**ଓଡ଼ିଶାର ଅବଦାନ**

- ଭାରତର ସର୍ବାଧିକ ଲୌହପଥର, ବକ୍ସାଇଟ ଓ କୋଇଲା ଉତ୍ପାଦନ କରୁଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଗ୍ରଣୀ।
- ଦେଶର ଇସ୍ପାତ, ବିଦ୍ୟୁତ, ଆଲୁମିନିୟମ ଓ ଅନେକ ଶିଳ୍ପ ଓଡ଼ିଶାର ଖଣିଜ ସମ୍ପଦ ଉପରେ ନିର୍ଭରଶୀଳ।
- ଡଃ ଏ.ପି.ଜେ. ଅବଦୁଲ କଲାମ ଦ୍ୱୀପର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ର ଦେଶର କୌଶଳଗତ ସୁରକ୍ଷାର ମୂଳ ଭିତ୍ତି।
- ମହାନଦୀ କୋଲଫିଲ୍ଡସ୍ ଭଳି ସଂସ୍ଥା ଦେଶର ଶକ୍ତି ସୁରକ୍ଷାକୁ ନିରନ୍ତର ସହଯୋଗ କରୁଛି।

**ତେବେ ପ୍ରଶ୍ନ କେଉଁଠି ?**

ବହୁ ଅର୍ଥନୀତିବିଦ୍ ଓ ନୀତି ବିଶ୍ଳେଷକଙ୍କ ମତରେ

- ଦୀର୍ଘ ବର୍ଷ ଧରି ଖଣିଜ ରୟାଲଟି ହାର ବାସ୍ତବ ବଜାର ମୂଲ୍ୟ ସହ ସମନ୍ୱୟ ହୋଇନଥିଲା।
- ୧୯୫୨ ରୁ ୧୯୯୩ ପର୍ଯ୍ୟନ୍ତ ଲାଗୁ ଥିବା Freight Equalization Policy ଯୋଗୁଁ ଓଡ଼ିଶା ନିଜର ପ୍ରାକୃତିକ ଶିଳ୍ପ ସୁବିଧାରୁ ବଞ୍ଚିତ ହୋଇଥିଲା।
- ସମ୍ପ୍ରତି ସୁପ୍ରିମକୋର୍ଟଙ୍କ ରାୟ ରାଜ୍ୟମାନଙ୍କ ଖଣିଜ କର ଆଦାୟ ଅଧିକାରକୁ ନୂତନ ଦିଗ ଦେଇଛି।
- CAG ରିପୋର୍ଟରେ ମଧ୍ୟ ଖଣିଜ ରାଜସ୍ୱ କ୍ଷତି ଓ ଅନିୟମିତତା ବିଷୟରେ ଉଲ୍ଲେଖ ରହିଛି।

ଏହି ସମସ୍ତ ତଥ୍ୟକୁ ଆଧାର କରି କିଛି ଅର୍ଥନୈତିକ ବିଶ୍ଳେଷଣରେ ଅନୁମାନ କରାଯାଇଛି ଯେ ଓଡ଼ିଶାର ଐତିହାସିକ ଆର୍ଥିକ କ୍ଷତିର ପରିମାଣ ପ୍ରାୟ ୫.୨୨ ଲକ୍ଷ କୋଟି ହୋଇପାରେ। ଏହା ଏକ ଆନୁମାନିକ ଆକଳନ, ଯାହା ଉପରେ ଅଧିକ ସରକାରୀ ଓ ବୈଜ୍ଞାନିକ ଅଧ୍ୟୟନର ଆବଶ୍ୟକତା ରହିଛି।

ଆମେ ଚାହୁଁଛୁ ନ୍ୟାୟସଙ୍ଗତ ଆଲୋଚନା। ତେଣୁ ଭାରତ ସରକାରଙ୍କୁ ନିମ୍ନଲିଖିତ ଅନୁରୋଧ କରୁଛୁ।

୧. ୧୯୫୦ ପରଠାରୁ ଓଡ଼ିଶାର ଖଣିଜ ସମ୍ପଦ, କେନ୍ଦ୍ରୀୟ କର, ରୟାଲଟି ଓ ଆର୍ଥିକ ପ୍ରବାହର ଏକ ସ୍ୱାଧୀନ ଜାତୀୟ ଅଧ୍ୟୟନ କରାଯାଉ।
୨. ଐତିହାସିକ ଆର୍ଥିକ ବୈଷମ୍ୟର ମୂଲ୍ୟାଙ୍କନ ପାଇଁ ଏକ ଉଚ୍ଚସ୍ତରୀୟ କମିଶନ ଗଠନ କରାଯାଉ।
୩. ଓଡ଼ିଶାର ଖଣିଜ ସମ୍ପଦ ଓ ଜାତୀୟ ଅବଦାନକୁ ଦୃଷ୍ଟିରେ ରଖି ଦୀର୍ଘମିଆଦି ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ବିଚାର କରାଯାଉ।

ଓଡ଼ିଶା ଦେଶକୁ ସବୁବେଳେ ଦେଇଛି। ଏବେ ସମୟ ଆସିଛି ଐତିହାସିକ ତଥ୍ୟ ଓ ସାମ୍ବିଧାନିକ ନ୍ୟାୟର ଆଧାରରେ ଏହି ପ୍ରଶ୍ନର ଉତ୍ତର ଖୋଜିବାର - "ଓଡ଼ିଶାର ଯଥାର୍ଥ ପ୍ରାପ୍ୟ କେତେ ?"

## ସାମାଜିକ ଅନ୍ୱେଷଣ



ବିଦ୍ୟାଧର ନାୟକ
ପୂର୍ବତନ ବରିଷ୍ଠ ନୌସୈନିକ
ଦୂରଭାଷ- ୯୬୫୮୮୫୯୪୭୪

ବର୍ତ୍ତମାନ ସମୟ – ଓଡ଼ିଶା ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ବର୍ତ୍ତମାନ ଦେଶର କେନ୍ଦ୍ର ସରକାର ଏବଂ ଓଡ଼ିଶା ରାଜ୍ୟ ସରକାର ଉଭୟ ସ୍ଥାନରେ ଏକ ଦଳର ସରକାର (ଡବଲ୍ ଇଞ୍ଜିନ୍ ସରକାର) କାର୍ଯ୍ୟରତ। ଏହି ପରିସ୍ଥିତି ଓଡ଼ିଶାର ଦୀର୍ଘଦିନର ଆର୍ଥିକ, ଐତିହାସିକ ଓ ବିକାଶମୂଳକ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏକ ଐତିହାସିକ ସୁଯୋଗ ସୃଷ୍ଟି କରିଛି। ଆମର ବିନମ୍ର ଆହ୍ୱାନ ଯେ, ରାଜନୈତିକ ସମନ୍ୱୟର ଏହି ଅନୁକୂଳ ସମୟକୁ ସଦୁପଯୋଗ କରି ଓଡ଼ିଶାର ଦୀର୍ଘଦିନର ନ୍ୟାୟସଙ୍ଗତ ପ୍ରାପ୍ୟ, ଖଣିଜ ସମ୍ପଦ ସମ୍ବନ୍ଧୀୟ ଆର୍ଥିକ ବୈଷମ୍ୟ ଓ ବିକାଶଗତ ଦାବିଗୁଡ଼ିକର ନିରପେକ୍ଷ ସମୀକ୍ଷା କରାଯାଉ।

ଯଦି ପ୍ରୟୋଜନୀୟ ନୀତିଗତ ଓ ଆର୍ଥିକ ପଦକ୍ଷେପ ଗ୍ରହଣ କରାଯାଏ, ତେବେ ଓଡ଼ିଶା କେବଳ ନିଜର ଐତିହାସିକ ଆର୍ଥିକ କ୍ଷତିରୁ ମୁକ୍ତି ପାଇବ ନୁହେଁ, ବରଂ ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଓ କର୍ମସଂସ୍ଥାନ କ୍ଷେତ୍ରରେ ଏକ ନୂତନ ବିକାଶ ଅଧ୍ୟାୟର ଆରମ୍ଭ କରିପାରିବ। ଏହା କୌଣସି ରାଜନୈତିକ ଦାବି ନୁହେଁ । ଏହା ଓଡ଼ିଶାର ନ୍ୟାୟସଙ୍ଗତ ଅଧିକାର, ଯାହା ସମ୍ବିଧାନ, ତଥ୍ୟ ଓ ଐତିହାସିକ ବାସ୍ତବତା ଆଧାରରେ ଗୁରୁତ୍ୱ ସହିତ ବିଚାର କରାଯିବା ଉଚିତ।

ଆସନ୍ତୁ, ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି, ଓଡ଼ିଶାର ସ୍ୱାର୍ଥକୁ ସର୍ବୋପରି ରଖିବା।

## ରାଶିଫଳ

**ମେଷ :** ପୁରୁଣା ଯୋଜନାରୁ ଧନ ଲାଭ ହେବ। ବିଳାସ ବ୍ୟସନରେ ଅଧିକ ଖର୍ଚ୍ଚ ହୋଇପାରେ। ଗାଡ଼ି ଚଲାଇବା ସମୟରେ ସତର୍କ ରୁହନ୍ତୁ।

**ବୃଷ :** କର୍ମକ୍ଷେତ୍ରରେ କାମର ଚାପ ବଢ଼ିବ। ଏହି ସପ୍ତାହରେ କାହାକୁ ଉଧାର ଦିଅନ୍ତୁ ନାହିଁ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ମିଥୁନ :** ବ୍ୟବସାୟରେ ଆୟର ନୂଆ ଉତ୍ସ ମିଳିବ। ନିବେଶ ପାଇଁ ଭଲ ସମୟ। ପେଟ ଜନିତ ସମସ୍ୟା ପ୍ରତି ସଜାଗ ରୁହନ୍ତୁ। ଆର୍ଥିକ ଦିଗ ମଜବୁତ ହୋଇପାରେ ।

**କର୍କଟ :** କର୍ମକ୍ଷେତ୍ରରେ ବିବାଦଠାରୁ ଦୂରେଇ ରୁହନ୍ତୁ। ଘରୋଇ ଖର୍ଚ୍ଚ ହଠାତ ବଢ଼ିପାରେ। ପରିବାର ସହ ସମୟ ବିତାନ୍ତୁ।

**ସିଂହ :** ଆର୍ଥିକ ଦୃଷ୍ଟିରୁ ସୁବର୍ଣ୍ଣ ସମୟ ଆରମ୍ଭ ହେବ। ବ୍ୟବସାୟରେ ବଡ଼ ଡିଲରୁ ମୁନାଫା ମିଳିବ। ଅହଂକାରଠାରୁ ଦୂରେଇ ରୁହନ୍ତୁ।

**କନ୍ୟା :** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତି କିମ୍ବା ବ୍ୟବସାୟ ସମ୍ପ୍ରସାରଣର ଯୋଗ ଅଛି। ଅଧିକ ଚିନ୍ତା କରନ୍ତୁ ନାହିଁ।

**ତୁଳା :** ସୁଖ-ସମୃଦ୍ଧି ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବାର ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ଉତ୍ତମ ରହିବ।

**ବିଛା :** ଆର୍ଥିକ ସ୍ଥିତି ମଜବୁତ ରହିବ କିନ୍ତୁ ଗୁପ୍ତ ଶତ୍ରୁଙ୍କ ପ୍ରତି ସତର୍କ ରୁହନ୍ତୁ। ବିନା ପଢ଼ି କୌଣସି କାଗଜପତ୍ରରେ ସାଇନ୍ କରନ୍ତୁ ନାହିଁ। ଯାତ୍ରାର ସୁଯୋଗ ମିଳିପାରେ ଏବଂ ଏହା ଲାଭଦାୟକ ହେବ।

**ଧନୁ :** ଭବିଷ୍ୟତ ଯୋଜନା ଉପରେ କାମ କରନ୍ତୁ। ବ୍ୟବସାୟିକ ଚୁକ୍ତି ଭଲଭାବେ ପଢ଼ି ସାଇନ୍ କରନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆର୍ଥିକ ଦିଗରେ ସାବଧାନ ରହିଲେ ଲାଭ ମିଳିବ।

**ମକର :** ଚାକିରିରେ ସ୍ଥାନ ପରିବର୍ତ୍ତନର ଯୋଗ ଅଛି। ବ୍ୟବସାୟ ଧୀରେ ଧୀରେ ବଢ଼ିବ। ଶାରୀରିକ ଥକ୍କାପଣରୁ ବଞ୍ଚିବା ପାଇଁ ବିଶ୍ରାମ ନିଅନ୍ତୁ।

**କୁମ୍ଭ :** ଭାଗ୍ୟର ସହଯୋଗରେ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ହେବ। ଚାକିରିର ନୂଆ ଅଫର୍ ମିଳିପାରେ। ପରିବାରରେ ଖୁସି ରହିବ। ସାଙ୍ଗସାଥୀଙ୍କ ସହଯୋଗ ମିଳିବ।

**ମୀନ :** କର୍ମକ୍ଷେତ୍ରରେ ପ୍ରଶଂସା ମିଳିବ। ବ୍ୟବସାୟିକ ଯାତ୍ରା ଲାଭଦାୟକ ହେବ। ସପ୍ତାହ ଶେଷରେ ବଡ଼ ନିବେଶ କରିପାରିବେ। ନୂଆ ପରିଚୟ ଭବିଷ୍ୟତରେ ଲାଭଦାୟକ ହୋଇପାରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଚାଷୀ ସମସ୍ୟାକୁ...

ଅବଗତ ଅଛନ୍ତି। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଖୁବ୍ ଶୀଘ୍ର ଋଡଓ ସହ ଆଲୋଚନା କରି ସମାଧାନ କରାଯିବ। ବିଜେପି କହିଛି ଯେ, ବିଗତ ସରକାର ସମୟରେ କେନ୍ଦ୍ର ଦେଉଥିବା ଚାଉଳକୁ ନିଜର କହି ବିଜେଡି ବାହାବା ନେଉଥିଲା, ତେଣୁ ସେମାନଙ୍କର ସମାଲୋଚନା କରିବାର କୌଣସି ନୈତିକ ଅଧିକାର ନାହିଁ। ଯୋଗାଣ ମନ୍ତ୍ରୀ ଥିକୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ସେ ପୁଣିଥରେ ଏକ ଉଚ୍ଚସ୍ତରୀୟ ଟିମ୍ ସହ ଦିଲ୍ଲୀ ଯାଇ କେନ୍ଦ୍ର ସରକାରଙ୍କ ଉପରେ ଚାଉଳ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଚାପ ପକାଇବେ। ବିଜେଡି ଚେତାବନୀ ଦେଇଛି ଯେ, ଯଦି କେନ୍ଦ୍ର ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଓଡ଼ିଶାରୁ ଚାଉଳ ନ ଉଠାନ୍ତି, ତେବେ ଦଳ ରାଜ୍ୟବ୍ୟାପୀ ରାଜପଥକୁ ଓହ୍ଲାଇ ଆନ୍ଦୋଳନ କରିବ। କଂଗ୍ରେସ ମଧ୍ୟ ଏହି ପ୍ରସଙ୍ଗରେ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ ଆଗାମୀ ବିଧାନସଭା ଅଧିବେଶନରେ ଏହାକୁ ଏକ ବଡ଼ ମୁଦ୍ଦା କରିବାକୁ ପ୍ରସ୍ତୁତ ହେଉଛି।

### ସାରା ଦେଶରେ ପବିତ୍ର...

ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ନିଜ ନିଜର ଗୁରୁମାନଙ୍କୁ ପୁଷ୍ପଗୁଚ୍ଛ, ଉପହାର ଦେଇ ପ୍ରଣାମ କରୁଛନ୍ତି ଏବଂ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ବିଦ୍ୟାଳୟମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବିଭିନ୍ନ ଆଲୋଚନା ସଭା ଆୟୋଜିତ ହୋଇଛି। ପବିତ୍ର ଗୁରୁ ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମସ୍ତ ଶିକ୍ଷକ ଓ ଗୁରୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଜଣାଇବା ସହ ଏହାକୁ ବିଶେଷ ଭାବେ ପାଳନ କରିଛନ୍ତି। ସେ ନିଜେ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଶିକ୍ଷକ ଥିବାରୁ, ଏହି ଦିବସ ସହିତ ତାଙ୍କର ଏକ ସ୍ୱତନ୍ତ୍ର ଓ ଆବେଗପୂର୍ଣ୍ଣ ସମ୍ପର୍କ ରହିଛି। ମୁଖ୍ୟମନ୍ତ୍ରୀ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମହାନ ଦାର୍ଶନିକ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀରେ ତାଙ୍କ ପ୍ରତିଭା ଓ ଆଦର୍ଶକୁ ମନେ ପକାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଝୁମ୍ପୁରାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାୟ ସାଢ଼େ ୩ ବର୍ଷ ଧରି ଶିକ୍ଷକତା (ଗୁରୁଜୀ ଭାବେ) କରିଥିଲେ। ଗୁରୁ ଦିବସ ଅବସରରେ ଏକ ସାକ୍ଷାତକାରରେ ସେ ନିଜର ସେହି ପୁରୁଣା ଦିନଗୁଡ଼ିକୁ ମନେ ପକାଇ କହିଛନ୍ତି ଯେ, ସେହି ସମୟର ଅନୁଭୂତି ତାଙ୍କୁ ସମାଜସେବା କରିବା ପାଇଁ ଅନେକ ଶିକ୍ଷା ଦେଇଛି ଏବଂ ଆଜି ମଧ୍ୟ ସେ ଶିକ୍ଷକମାନଙ୍କ ସମସ୍ୟାକୁ ଖୁବ୍ ଭଲ ଭାବେ ବୁଝିପାରନ୍ତି। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ କେତେକ ପ୍ରମୁଖ ଘୋଷଣା ଓ ଆହ୍ୱାନ କରିଛନ୍ତି। ଭାରତୀୟ ସନାତନ ସଂସ୍କୃତିରେ ‘ଗୁରୁ-ଶିଷ୍ୟ’ ପରମ୍ପରା ସବୁଠାରୁ ଶ୍ରେଷ୍ଠ। ଶିକ୍ଷକମାନେ ହିଁ ଦେଶର ଭବିଷ୍ୟତ ତଥା ନୂତନ ପିଢ଼ିର ପ୍ରକୃତ ନିର୍ମାତା। ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ସଂଖ୍ୟା କମାଇବା ଏବଂ ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ମଧ୍ୟାହ୍ନ ଭୋଜନ ଏବଂ ‘ଶହୀଦ ମାଧୋ ସିଂହ ହାତଖର୍ଚ୍ଚ’ ଯୋଜନା ଭଳି ବିଭିନ୍ନ ପଦକ୍ଷେପ ନିଆଯାଉଛି। ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ରାଜ୍ୟରେ ଶିକ୍ଷକ ପଦବୀ ପୂରଣ ଏବଂ ନୂତନ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି।

### ସାମିଲ ହେବେ ମୁଖ୍ୟମନ୍ତ୍ରୀ...

ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, କେନ୍ଦ୍ରୀୟ ନେତା ବି.ଏଲ୍. ସନ୍ତୋଷ, ରାଜ୍ୟର ସମସ୍ତ ବିଜେପି ସାଂସଦ, ବିଧାୟକ ଏବଂ ବିଭିନ୍ନ ନିଗମର ଚେୟାରପର୍ସନଙ୍କ ସମେତ ୪୦୦ରୁ ଅଧିକ ପ୍ରତିନିଧି ସାମିଲ ହେଉଛନ୍ତି। ଆସନ୍ତା ବର୍ଷ (୨୦୨୭) ଫେବୃୟାରୀ-ମାର୍ଚ୍ଚ ମାସରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନ ପାଇଁ ଦଳ ଏବେଠାରୁ ରଣନୀତି ପ୍ରସ୍ତୁତ କରିବ। ତୃଣମୂଳ ସ୍ତରରେ ଭୋଟ୍ ବ୍ୟାଙ୍କ ମଜବୁତ କରିବା ଦଳର ପ୍ରଥମ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ବହୁପ୍ରତୀକ୍ଷିତ ‘ସୁଭଦ୍ରା ଯୋଜନା’ ଏବଂ ‘ସିଏମ୍-କିଷାନ’ ଭଳି ଲୋକାଭିମୁଖୀ ଯୋଜନାଗୁଡ଼ିକୁ କିପରି ପ୍ରତି ଘରେ ଘରେ ପହଞ୍ଚାଯାଇପାରିବ, ସେ ନେଇ କର୍ମକର୍ତ୍ତାମାନଙ୍କୁ ସ୍ୱତନ୍ତ୍ର ଟାସ୍କ ଦିଆଯିବ। ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଚାଉଳ ଉଠାଣ ବିବାଦ ଏବଂ ବିରୋଧୀ ବିଜେଡିର ଆକ୍ରମଣର ମୁକାବିଲା କିପରି କରାଯିବ, ସେ ନେଇ ମଧ୍ୟ ରାଜନୈତିକ ଚିଠା ପ୍ରସ୍ତୁତ ହେବ। ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ବିଭିନ୍ନ ସରକାରୀ ବୋର୍ଡ ଓ ନିଗମର ପଦବୀଗୁଡ଼ିକୁ ଖୁବ୍ ଶୀଘ୍ର ପୂରଣ କରିବା ଦିଗରେ ବୈଠକରେ ଆଲୋଚନା କରାଯାଇପାରେ।

### ୮ ଇଞ୍ଜିନିୟରିଂ ଛାତ୍ର...

କରାଯାଇଥିଲା. ସେହି ସ୍ଥାନରେ ବେଆଇନ ଭାବେ ପାର୍କିଂ ହୋଇଥିବା ଏକ ମାଲବାହୀ ଟ୍ରକ୍ (ଲରି) ପଛରେ ଏହି ଛାତ୍ରମାନଙ୍କ କାର୍‌ଟି ଅତି ଦ୍ରୁତ ଗତିରେ ଆସି ପିଟି ହୋଇଯାଇଥିଲା. ଧକ୍କା ଏତେ ଜୋରଦାର ଥିଲା ଯେ କାର୍‌ଟି ସମ୍ପୂର୍ଣ୍ଣ ଚୁରମାର୍ (ମାଡ଼ଗୋଳ) ହୋଇଯାଇଥିଲା । ମୃତ୍ୟୁବରଣ କରିଥିବା ସମସ୍ତ ୮ ଜଣ ଛାତ୍ର ପଡ଼ୋଶୀ ରାଜ୍ୟ ତାମିଲନାଡୁର ବୋଲି ଜଣାପଡ଼ିଛି । ସେମାନେ ଡିନ୍ଦିଗୁଲ୍‌ର ପିଏସ୍‌ଏନ୍‌ଏ ଇଞ୍ଜିନିୟରିଂ କଲେଜର ଛାତ୍ର ଥିଲେ ଏବଂ ଗୁରୁଭାୟୁରରୁ କୋଡୁଙ୍ଗାଲୁର ଆଡ଼କୁ ଯାଉଥିଲେ । ଦୁର୍ଘଟଣା ସ୍ଥଳରେ ହିଁ ୬ ଜଣ ଛାତ୍ରଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣଙ୍କୁ ଡାକ୍ତରଖାନା ନେବା ବେଳେ ମୃତ ଘୋଷଣା କରାଯାଇଥିଲା। ସ୍ଥାନୀୟ ଲୋକ, ପୋଲିସ ଏବଂ ଅଗ୍ନିଶମ ବାହିନୀ ଗାଡ଼ିକୁ କାଟି ମୃତଦେହଗୁଡ଼ିକୁ ବାହାର କରିଥିଲେ ଏବଂ ସେଗୁଡ଼ିକୁ ଥ୍ରିସୁର ମେଡିକାଲ କଲେଜ ମର୍ଗକୁ ପଠାଯାଇଛି । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଫରାର ହୋଇଯାଇଛି ଏବଂ କାଇପାମଙ୍ଗଲମ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

### ନୂଆ ଓଡ଼ିଶା ଗଢ଼ିବାରେ...

ହାତବାରିସି ନୁହେଁ; ଏହା ସମାଜ ଗଠନର ଅସଲ କାବେରୀ। ଆଜି ଦୁର୍ନୀତି ଆମ ଗ୍ରାମପଞ୍ଚାୟତରୁ ଆରମ୍ଭ କରି ନିର୍ବାଚନ ବ୍ୟବସ୍ଥା ପର୍ଯ୍ୟନ୍ତ ସବୁଠି ଚେର ମାଡ଼ିସାରିଛି। ‘ଜନ ଜାଗରଣ ଅଭିଯାନ’ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି— ଯୁବପିଢ଼ିଙ୍କୁ ନେଇ ପ୍ରତି ପଞ୍ଚାୟତ ଓ ପୌରାଞ୍ଚଳରେ ଏକ ସଚ୍ଚୋଟ ଓ ଦୁର୍ନୀତି-ବିରୋଧୀ ସୈନ୍ୟବାହିନୀ ଗଢ଼ିବା। ଯୁବସମାଜ ଆଜି ଜାଗ୍ରତ ପ୍ରହରୀ ସାଜି ପ୍ରତ୍ୟେକ କାର୍ଯ୍ୟ, ଅନୁଦାନ ଓ ନିର୍ବାଚନରେ ସ୍ୱଚ୍ଛତା ଆଣିବେ। ଯଦି ଯୁବଶକ୍ତି ଏକାଠି ହୋଇ ସଂଗ୍ରାମ କରିବେ, ତେବେ ଗଣତନ୍ତ୍ରର ମୂଳଦୁଆ ସୁଦୃଢ଼ ହେବା ସହ ଏକ ଦୁର୍ନୀତିମୁକ୍ତ ଓ ଉତ୍ତରଦାୟୀ ସମାଜ ଗଠନ ହୋଇପାରିବ।” ଏଥି ସହ ଶ୍ରୀ ପଟ୍ଟନାୟକ ଜନ ଜାଗରଣ ଅଭିଯାନର ମୁଖ୍ୟ ଆଭିମୁଖ୍ୟ ଓ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ସତ୍ତା ପରିବର୍ତ୍ତନ ନୁହେଁ, ସମାଜ ପୁନର୍ବିନ୍ୟାସ ଦରକାର ।

ଯୁବଶକ୍ତିକୁ କେବଳ ରାଜନୈତିକ ଫାଇଦା କିମ୍ବା ସତ୍ତା ପରିବର୍ତ୍ତନ ପାଇଁ ନୁହେଁ, ବରଂ ଏକ ସୁସ୍ଥ ଓ ଦୁର୍ନୀତିମୁକ୍ତ ସମାଜ ଗଠନରେ ନିୟୋଜିତ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ପଞ୍ଚାୟତ ଓ ପୌରାଞ୍ଚଳରୁ ସଂଗ୍ରାମ ଆରମ୍ଭ କରିବାକୁ ସେ ଛାତ୍ରଛାତ୍ରୀ ଓ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଗ୍ରାମସଭା, ସାମାଜିକ ଅଡିଟ୍, ସରକାରୀ ଯୋଜନା ଓ ଟିକସ ହିସାବରେ ସ୍ୱଚ୍ଛତା ଆଣିବା ପାଇଁ ଯୁବପୀଢ଼ି ମୁଖ୍ୟ ଦାୟିତ୍ୱ ନେବା ଦରକାର। ପ୍ରତି ଜିଲ୍ଲା, ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ନିଷ୍ଠାପର ଓ ସଚ୍ଚୋଟ ଯୁବ ସେନାପତି ଏବଂ ସେମାନଙ୍କ ଅନୁଗାମୀଙ୍କୁ ନେଇ ଦୁର୍ନୀତି ନିବାରଣ ବାହିନୀ ଗଠନ କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ମୁକ୍ତ ଓ ଅବାଧ ନିର୍ବାଚନ କିଭଳି ହେବ ଏବଂ ନିର୍ବାଚନରେ ଟଙ୍କା ଓ ବାହୁବଳର ପ୍ରଭାବ ରୋକିବା ସହ ସାଧାରଣ ଜନତାଙ୍କୁ ସଚେତନ କରିବା ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ହେବ ବୋଲି ଶ୍ରୀ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ପ୍ରମୋଦ କୁମାର ପଟ୍ଟନାୟକ(ଆଇଏଏସ୍),ୱାଟ୍‌କୋର ପୂର୍ବତନ ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ସ୍ୱାଇଁ,ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଓ ବିଶିଷ୍ଟ ସାହିତ୍ୟିକା ସୁନିତ ମୁଣ୍ଡ ଯୋଗ ଦେଇଥିବା ବେଳେ ସମାଜସେବୀ ଗିରିଧର ପାଢ଼ୀ,ଜନବାର୍ତ୍ତାର ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର,ବଂଶୀ ବାଦକ ସରୋଜ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମର ଶେଷରେ ଶ୍ରେଷ୍ଠ କୃତୀ ପ୍ରତିଯୋଗୀ ରାଜଧାନୀ କଲେଜ(ପ୍ରଥମ),ବେସିକ୍ ସାଇନ୍ସ(ଦ୍ୱିତୀୟ) ଓ ବିଜେବି ଅଟୋନୋମସ (ତୃତୀୟ)ଙ୍କୁ ଟ୍ରଫି ଓ ମାନପତ୍ର ସହ ଅର୍ଥ ରାଶି ପ୍ରଦାନ କରାଯିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଶଂସାପତ୍ର ଦିଆଯାଇଥିଲା। ଆଗାମୀ ଦିନରେ ଯୁବସମାଜକୁ ସଂଗଠିତ କରି ଏହିଭଳି ଗଠନମୂଳକ କାର୍ଯ୍ୟକ୍ରମ ଓ ଅଭିଯାନ ରାଜ୍ୟସାରା ଜାରି ରହିବ ବୋଲି ଜନ ଜାଗରଣ ଅଭିଯାନ ପକ୍ଷରୁ ସୂଚନା ଦିଆଯାଇଥିଲା। ପରିଶେଷରେ ଜନ ଜାଗରଣର ସାଧାରଣ ସମ୍ପାଦକ ଶାରଦା ପ୍ରସନ୍ନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ,ଆଶିଷ,ଶୁଭେନ୍ଦୁ,ଜଗବନ୍ଧୁ,ପ୍ରକାଶ,ମାନସ ଓ ସତ୍ୟଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଭେନ୍ସାର ପ୍ରାକ୍ତନ ଛାତ୍ର ସଭାପତି ତପନ ମିଶ୍ର କାଳଜୟୀ କବିତା ପାଠ କରିଥିଲେ ।

### ବର୍ଷା ସାଙ୍ଗକୁ ଘନ...

କୁହୁଡିର ଧଳା ଚାଦରରେ ଡାଙ୍କି ହୋଇ ରହିଛି। କୁହୁଡି ଅଧିକ ଘନ ଥିବାରୁ ଦୃଶ୍ୟମାନତା କମିଯାଇଛି। ଯାହାଫଳରେ ସକାଳ ସମୟରେ ଗାଡ଼ିମୋଟର ଚଳାଚଳରେ ସାମାନ୍ୟ ବାଧା ସୃଷ୍ଟି ହୋଇଛି। ଚାଳକମାନେ ହେଡ୍‌ଲାଇଟ୍ ଜଳାଇ ଧୀରେ ଧୀରେ ଯାତାୟାତ କରୁଛନ୍ତି। ବର୍ଷା ଦିନେ ଏଭଳି କୁହୁଡିମୟ ପରିବେଶ ସୋସିଆଲ ମିଡିଆ ଏବଂ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଲୋକେ ଏହାର ଭିଡିଓ ଓ ଫଟୋ ସେୟାର କରୁଛନ୍ତି।

# ପାଣ୍ଡିଆନଙ୍କ ହେଲିକପ୍ଟର ଉଡ଼ାଣ ଖର୍ଚ୍ଚ ଅଭିଯୋଗ ଭିତ୍ତିହିନ

ଭୁବନେଶ୍ୱର, ୦୫/୦୯(ଜେଏନ୍‌ଏସ୍) : ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କର ପୂର୍ବତନ ବ୍ୟକ୍ତିଗତ ସଚିବ ତଥା ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଉଡ଼ାଣ ଖର୍ଚ୍ଚକୁ ନେଇ ହୋଇଥିବା ଅଭିଯୋଗକୁ ଅଦାଲତ ଭିତ୍ତିହୀନ ବୋଲି ଦର୍ଶାଇ ଖାରଜ କରିଛନ୍ତି । ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲା ଓ ସେସନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କ ରିଭିଜନ ପିଟିସନକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଛନ୍ତି। କୋର୍ଟ ପୂର୍ବରୁ ଏସଡିଜେଏମ କୋର୍ଟ ଦେଇଥିବା ନିଷ୍ପତ୍ତିକୁ ବଳବତ୍ତର ରଖିଛନ୍ତି। ସାମାଜିକ କର୍ମୀ ତଥା ଆଇନଜୀବୀ ସୁଧୀର ଚରଣ ମହାନ୍ତି ଅଭିଯୋଗ କରିଥିଲେ ଯେ, ଗତ ବିଜେଡି ସରକାର ସମୟରେ ବିନା ସରକାରୀ ମଞ୍ଜୁରୀରେ ପ୍ରାୟ ୩୦୦ ରୁ ଅଧିକ ହେଲିକପ୍ଟର ଗସ୍ତ କରାଯାଇଥିଲା ଏବଂ ଏଥିରେ ୫୦୦ କୋଟିରୁ ଅଧିକ ସରକାରୀ ଅର୍ଥର ଅପବ୍ୟୟ ଓ ହେରଫେର ହୋଇଛି। ମାନ୍ୟବର ଅଦାଲତ କହିଛନ୍ତି ଯେ ଅଭିଯୋଗକାରୀ ଏହି ମାମଲାରେ କୌଣସି ପ୍ରାଥମିକ ସତ୍ୟତା କିମ୍ବା ଆଇନଗତ ଦସ୍ତାବିଜ୍ ଦାଖଲ କରିବାରେ ବିଫଳ ହୋଇଛନ୍ତି। ଏଥିସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ମଧ୍ୟ ପାଳନ କରାଯାଇ ନାହିଁ। କୋର୍ଟଙ୍କ ଏହି ରାୟ ପରେ ବିରୋଧୀଙ୍କ ଦ୍ୱାରା ଅଣାଯାଇଥିବା ଏହି ଦୁର୍ନୀତି ଅଭିଯୋଗ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ମିଥ୍ୟା ଥିଲା ବୋଲି ଚର୍ଚ୍ଚା ହେଉଛି । ଅପରପକ୍ଷରେ, ଶାସକ ଦଳର କିଛି ନେତା ଓ ମନ୍ତ୍ରୀ ମଧ୍ୟ ଏହା ଉପରେ ନିଜର ମତ ରଖିଛନ୍ତି ।

